


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008






ପୃଷ୍ଠା ମୂଲ୍ୟ : ୨.୦୦

8 Pages,₹ 2.00

● ବର୍ଷ-୩୧ ● ସଂଖ୍ୟା-୧୩୮ ● ୧୫ ଜୁନ୍ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-138 ● 15th June 2024, Saturday ● Bhubaneswar

Licensed to post without pre-payment of postage No- BN-60/22-24


# ରଜ ପାଳିଲେ ମୁଖ୍ୟମନ୍ତ୍ରୀ, କହିଲେ-ଓଡ଼ିଆ ଅସ୍ମିତାର କଥା

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ସମୟ ଥିଲା ଅପରାହ୍ନ। ହଜାର ହଜାର ପୁଅ, ଝିଅ ଓ ଦର୍ଶକମାନଙ୍କ ଭିଡ ଲାଗିରହିଥିଲା। ପାରମ୍ପରିକ ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟରେ ଭରି ଉଠୁଥିଲା ରାଜ୍ୟ ସଂଗ୍ରହାଳୟ ପରିସର। ଏହି ସମୟରେ ଆସି ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ହୁଳହୁଳି, କରତାଳି ଓ ପାରମ୍ପରିକ ନୃତ୍ୟବାଦ୍ୟର ତାଳେତାଳେ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଯାଇଥିଲେ ସାଧାରଣ ଜନତା।

ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ସାଧାରଣ ଲୋକଙ୍କ ସହିତ ପାଳନ କରିଥିଲେ ରଜ ମହୋତ୍ସବ। ଫୁଲ ଗଛରେ ପାଣି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଜଣେ ଖାଣ୍ଟି ଓଡିଆ ଘରର ପୁଅ ଭଳି ପୋଡ ପିଠା ଖାଇଥିଲେ, ରଜ ପାନ ଖାଇଥିଲେ ଓ ପିଲାଙ୍କୁ ଦୋଳି ମଧ୍ୟ ଖେଳାଇଥିଲେ।

ସେଠାରେ ରଜ ମହୋତ୍ସବ ପାଳିବା ପାଇଁ ଉପସ୍ଥିତ ଥିବା ଯୁବକ, ଯୁବତୀ ଓ ଜନତାଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରଜ ମହୋତ୍ସବ ହେଉଛି ଓଡିଆ ସଂସ୍କୃତି ଓ ଅସ୍ମିତାର ଗଣପର୍ବ । ନୂଆ




ସରକାର ଆସିବା ପରେ ସଂସ୍କୃତି ବିଭାଗ ପକ୍ଷରୁ ରଜ ପର୍ବ ପାଳନ କରିବା ଏକ ସୁନ୍ଦର ଉଦ୍ୟମ ବୋଲି ସେ କହିଥିଲେ।

ଓଡିଆ ଘରେ ରଜ ପର୍ବ ପାଳନ ସମ୍ପର୍କରେ ବର୍ଣ୍ଣନା କରି ପୁଅ, ଝିଅମାନେ କିଭଳି ନୂଆ ବସ୍ତ୍ର ପରିଧାନ କରନ୍ତି, ସମସ୍ତେ କିପରି ମିଠା ପତ୍ରରେ ତିଆରି ରଜ ପାନର ମଜା ନିଅନ୍ତି, ମା'ମାନେ କିପରି ପୋଡ ପିଠା କରି ସମସ୍ତଙ୍କୁ ଖୁଆନ୍ତି, ଗାଁ ଗହଳିରେ କିପରି ଦୋଳି ଖେଳ ଓ ତାସ ଖେଳର ମଜା ନିଅନ୍ତି ସେ ସମ୍ପର୍କରେ ବିସ୍ତୃତ ରୂପରେଖ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ରଜ ପର୍ବ ବିଷୟରେ ଶୁଣି ସମସ୍ତେ ଅନୁଭବ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଜଣେ ଖାଣ୍ଟି ଓଡ଼ିଆ ଘରର ପୁଅ ।

ଏହାପରେ ତାଙ୍କ ନିଜ ଜନ୍ମମାଟି କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ କିପରି ସମସ୍ତେ ରଜ ପର୍ବରେ ସାମିଲ ହେବା ପାଇଁ ସହରରୁ ଗାଁକୁ ଯାଇଥାନ୍ତି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ ମୁଖ୍ୟମନ୍ତ୍ରୀ। ଜିଲ୍ଲାରୁ ସହରସବୁ ଖାଲି ହୋଇଯାଏ, ସମସ୍ତେ ଗାଁକୁ ଯାଇ ରଜ ପାଳନ କରନ୍ତି।

ଶ୍ରୀ ମାଝୀ ପୁଣି କହିଥିଲେ ଯେ ଆପଣମାନଙ୍କ ସହିତ ରଜ ପର୍ବରେ ସାମିଲ ହୋଇ ସେ ବହୁତ ଖୁସି ଅନୁଭବ କରୁଛନ୍ତି। ଏହି ରଜ ଉତ୍ସବ ପ୍ରମାଣ କରୁଛି ଯେ ଆମେ ଓଡିଆ ଅସ୍ମିତା, ଅସ୍ତିତ୍ୱ, ସଂସ୍କୃତି ଓ ପରମ୍ପରାକୁ ଭୁଲିନାହୁଁ । ସେ କହିଥିଲେ ଯେ ତାଙ୍କର ନୂଆ ସରକାର ଓଡିଆ ଅସ୍ମିତା ଓ ସଂସ୍କୃତି ଉପରେ ଗୁରୁତ୍ୱ ଦେଉଛି । ଏହାକୁ ଆଗାମୀ ଦିନରେ ଆହୁରି ଉଜ୍ଜୀବିତ କରାଯିବ ବୋଲି ସେ କହିଥିଲେ।

ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ତୈଳଚିତ୍ରରେ ମୁଖ୍ୟମନ୍ତ୍ରୀ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଓଡିଆ ଅସ୍ମିତା ଓ *(ପୃଷ୍ଠା ୭ରେ)*

# ଜୁଲାଇ ୧ରୁ ଦେଶରେ ଲାଗୁ ହେବ ନୂଆ ପୁଲିସ ଆଇନ୍: ହଟିବ ଆଇପିସି, ସିଆରପିସି

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ଜୁଲାଇ ପହିଲାରୁ ବ୍ରିଟିଶ ଆଇନ ହଟିବ। ସାରା ଦେଶରେ ନୂଆ ପୁଲିସ ଆଇନ ଲାଗୁ ହେବ। ୧୮୬୦ ମସିହାରୁ ଚାଲିଥିବା ବ୍ରିଟଶ ଆଇନକୁ ହଟାଇ ଦିଆଯିବ । ଏନେଇ ଗୃହମନ୍ତ୍ରଣାଳୟ ପକ୍ଷରୁ ସବୁ ଡିଜିପିଙ୍କ ସହ ଆଲୋଚନା କରାଯାଇଛି। ନୂଆ ଆଇନର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଛି। ନୂଆ ଆଇନ ଆସିବା ପରେ ଆଇପିସି, ସିଆରପିସି ଓ ଏଭିଡେନ୍ସ ଆକ୍ଟକୁ ହଟାଇ ଦିଆଯିବ। ଇଣ୍ଡିଆନ ପେନାଲ କୋଡ ପରିବର୍ତ୍ତେ ଆସିବ ଭାରତୀୟ ନ୍ୟାୟ ସଂହିତା।

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି, ଆସନ୍ତା ଜୁଲାଇ ୧ ତାରିଖ ଠାରୁ ସାରା ଦେଶରେ ନୂଆ ପୁଲିସ ଆଇନ ଲାଗୁ ହେବ। ୧୮୬୦ ମସିହାରୁ ଚାଲିଥିବା ବ୍ରିଟିଶ ନିୟମ ଖୁବଶୀଘ୍ର ଉଠିଯିବ। ନୂଆ ଆଇନର କାର୍ଯ୍ୟକାରିତା ଉପରେ ବୈଠକରେ ଆଲୋଚନା ହୋଇଛି । ସବୁ ରାଜ୍ୟର ଡିଜିପି ଭିସି ବୈଠକରେ ସାମିଲ ହୋଇଥିଲେ। ଫେବ୍ରୁଆରୀ ମାସରେ ଏ ନେଇ ବିଜ୍ଞପ୍ତି ଆସିଥିଲା। ଦେଶରୁ ହଟିବ ସିଆରପିସି, ଆଇପିସି ଓ ଏଭିଡେନ୍ସ ଆକ୍ଟ। ଇଣ୍ଡିଆନ ପେନାଲ କୋଡ ପରିବର୍ତ୍ତେ ଆସିବ ଭାରତୀୟ ନ୍ୟାୟ ସଂହିତା, କୋଡ ଅଫ କ୍ରିମିନାଲ ପ୍ରୋସିଜିଓର ପରିବର୍ତ୍ତେ ଆସିବ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ପରିବର୍ତ୍ତେ ଆସିବ ଭାରତୀୟ ସାକ୍ଷ୍ୟ । ଏଥିରେ ପୂର୍ବରୁ ୫୧୧ଟି ସେକ୍ସନ ଥିଲା, ଏବେ ୩୫୮ଟି ସେକ୍ସନ ରହିବ। *(ପୃଷ୍ଠା ୭ରେ)*



# କାମଚଳା ବାଚସ୍ପତି ଭାବେ ଶପଥ ନେଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ନୂଆ ସରକାରର କାମଚଳା ବାଚସ୍ପତି ହେଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ୮ ଥରର ବରିଷ୍ଠ ବିଜେଡି ବିଧାୟକ ଶ୍ରୀ ସ୍ୱାଇଁଙ୍କୁ କାମଚଳା ବାଚସ୍ପତି ଭାବେ ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ରଘୁବର ଦାସ। କାମଚଳା ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଗାମୀ ୧୭ ଓ ୧୮ ତାରିଖରେ ନବ *(ପୃଷ୍ଠା ୭ରେ)*




## ରାମ ମନ୍ଦିରକୁ ଉଡ଼ାଇବାକୁ ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦର ଧମକ, ବଢାଗଲା ସୁରକ୍ଷା



**ଅଯୋଧ୍ୟା, ୧୪।୬**

ଗତ କିଛି ଦିନ ହେବ ଭାରତରେ ଲଗାତାର ଆତଙ୍କବାଦୀ ଆକ୍ରମଣ ଜାରି ରହିଛି । ଗତ କିଛି ଦିନ ମଧ୍ୟରେ ଭାରତର ଜମ୍ମୁ ଓ କଶ୍ମୀରର ୩ଟି ସ୍ଥାନରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଏବେ ଅଯୋଧ୍ୟାର ରାମ ମନ୍ଦିର ମଧ୍ୟ ଆତଙ୍କବାଦୀଙ୍କ ଟାର୍ଗେଟରେ ଆସିଛି। ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦ ଅଡିଓ ଜାରି କରି ରାମ ମନ୍ଦିର ଉପରେ ଆକ୍ରମଣ ପାଇଁ ଚେତାବନୀ ଦେଇଛି । ସେପଟେ ଏହି ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ସୂଚନା ମିଳିବା ପରେ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ନିଟ୍ ବିବାଦ: ହାଇକୋର୍ଟରେ ପଡି ରହିଥିବା ମାମଲା ସ୍ଥାନାନ୍ତର କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୪।୬**

ନିଟ୍ ବିବାଦକୁ ନେଇ ହୋଇଥିବା ମାମଲା ଉପରେ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି। ବିଭିନ୍ନ ହାଇକୋର୍ଟରେ ପଡିରହିଥିବା ମାମଲାଗୁଡିକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରିବା ଲାଗି ସୁପ୍ରିମଙ୍କ ନିର୍ଦ୍ଦେଶ। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏର ଆବେଦନ ପ୍ରସଙ୍ଗରେ ବିଭିନ୍ନ ଘରୋଇ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ସର୍ବୋଚ୍ଚ ଅଦାଲତ।

ଆଇନଗତ ବିବାଦଗୁଡ଼ିକୁ ଷ୍ଟ୍ରିମଲାଇନ କରିବା ଲାଗି ଏହି ଆବେଦନ ହୋଇଥିଲା। ନିଟ୍-ୟୁଜି ବିବାଦର ସମାଧାନ ଦିଗରେ ପଦକ୍ଷେପ ନେବା ଲାଗି ସମସ୍ତ ଆବେଦନଗୁଡିକୁ ବିଚାରକୁ ନେବା ଲାଗି



ପଦକ୍ଷେପ ନିଆଯାଇଛି । ମାମଲାର ଶୁଣାଣି କରୁଛନ୍ତି ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ। ଆସନ୍ତା ଜୁଲାଇ ୮ରେ ହେବ ମାମଲାର ପରବର୍ତ୍ତୀ ଶୁଣାଣି ।

ସେପଟେ ଗତ ମେ ୫ରେ ଲସ ଅଫ ଟାଇମ କାରଣରୁ ୧୫୬୩ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ ମାର୍କ ସମ୍ପର୍କିତ ୩ଟି ପିଟିସନକୁ ହାଇକୋର୍ଟରୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ଲାଗି ଚାହିଁଛି ଏନଟିଏ। ଗୁରୁବାର ମାମଲାର ଶୁଣାଣି ବେଳେ ୧୫୬୩ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ଗ୍ରେସମାର୍କ ପ୍ରତ୍ୟାହାର କରିନିଆଯାଇଛି ବୋଲି ସୁପ୍ରିମକୋର୍ଟ ନିକଟରେ କହିଥିଲେ ଏନଟିଓ ଓ କେନ୍ଦ୍ର ସରକାର । ଗତ ମେ ୫ ତାରିଖରେ ଦେଶର ୪,୭୫୦ କେନ୍ଦ୍ରରେ ନିଟ୍ ପରୀକ୍ଷା ହୋଇଥିଲା । ୨୪ ଲକ୍ଷ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଦେଶର ବିଭିନ୍ନ ଭାଗରେ ପ୍ରତିବାଦର ଆନ୍ଦୋଳନ ଦେଖିବାକୁ ମିଳିଥିଲା । ୭୨୦ ମାର୍କରୁ ୬୭ ପରୀକ୍ଷାର୍ଥୀ ୭୨୦ ରଖିଥିବାକୁ ନେଇ ବିବାଦ ବଢିଥିଲା।

# ଜି-୭ ବୈଠକରେ ଯୋଗ ଦେବାକୁ ଇଟାଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



**ନୂଆଦିଲ୍ଲୀ, ୧୪।୬**

ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଇଟାଲୀରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆପୁଲିଆରେ ଆୟୋଜିତ ଗ୍ରୁପ ଅଫ ସେଭେନ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଇଟାଲୀରେ ମୋଦି। ଆପୁଲିଆ ବ୍ରିଣ୍ଡିଙ୍ଗ ଏୟାରପୋର୍ଟରେ ପିଏମ ମୋଦିଙ୍କୁ ସ୍ୱାଗତ କରିଥିଲେ ଭାରତୀୟ ରାଷ୍ଟ୍ରଦୂତ ବାଣୀ ରାଓଙ୍କ ସମେତ ଅନ୍ୟ ପ୍ରମୁଖ ଅଧିକାରୀ। ବିଶ୍ୱ ନେତାଙ୍କୁ ସାକ୍ଷାତ କରିବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବେ ପିଏମ ମୋଦି । ବିଭିନ୍ନ ପ୍ରସଙ୍ଗ ନେଇ ଚର୍ଚ୍ଚା କରିବାକୁ ଆଗ୍ରହୀ ଅଛନ୍ତି ବୋଲି ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ।

ବିଶ୍ୱବ୍ୟାପୀ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ସମେତ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନେଇ ଅନ୍ତଃରାଷ୍ଟ୍ରୀୟ ସହଯୋଗ ବଢାଇବା ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ମୋଦି । ଏହି *(ପୃଷ୍ଠା ୭ରେ)*

# ସେନାରେ ସାମିଲ ହେଲା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଡ୍ରୋନ ନାଗାସ୍ତ୍ର-୧



**ନୂଆଦିଲ୍ଲୀ, ୧୪।୬**

ବଢ଼ିଲା ଭାରତୀୟ ସେନାର ବଳ। ସେନାକୁ ମିଳିଲା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆତ୍ମଘାତୀ ଡ୍ରୋନ ନାଗାସ୍ତ୍ର-୧ । ନାଗାସ୍ତ୍ର ଶତ୍ରୁ ପକ୍ଷଙ୍କ ଇଲାକାରେ ପ୍ରବେଶ କରି ଦମନଲୀଳା ଚଳାଇବାକୁ ସକ୍ଷମ। ଯେକୌଣସି ପରିସ୍ଥିତିରେ ଆତଙ୍କବାଦୀଙ୍କ ଅଡ୍ଡା ନିକଟରେ ପହଞ୍ଚି ଏହାକୁ ଧ୍ୱଂସ କରିବାକୁ ସକ୍ଷମ ଭାରତର ଏହି ମାରଣାସ୍ତ୍ର ।

ନାଗାସ୍ତ୍ର ରାଡାରକୁ ଚକମା ଦେବାକୁ ସକ୍ଷମ । ରାଡାର ନଜରକୁ ନଆସି ଏହା ସହଜରେ ଶତ୍ରୁପକ୍ଷଙ୍କ ଶିବିର ଉପରେ ଆତ୍ମଘାତୀ ଆକ୍ରମଣ କରି ତାକୁ ଧ୍ୱଂସ କରିପାରିବ। ଏଥିରୁ କମ ଶବ୍ଦ ବାହାରୁଥିବାରୁ ଶତ୍ରୁର ଘରେ ପଶି ହମଲା କରିବାକୁ ମଧ୍ୟ ସହଜ ହେବ।

ଏହାର ଦୁଇଟି ଭାରିଆଣ୍ଟ ରହିଛି । ଦୁଇଟି ଯାକ ଭାରିଆଣ୍ଟ ୬୦ରୁ ୯୦ ମିନିଟ ପର୍ଯ୍ୟନ୍ତ ଉଡିବାର କ୍ଷମତା *(ପୃଷ୍ଠା ୭ରେ)*

# କୁଏତ୍ ଅଗ୍ନିକାଣ୍ଡ: କେରଳରେ ପହଞ୍ଚିଲା ୪୫ଜଣ ଭାରତୀୟଙ୍କ ମୃତଦେହ





**କୋଚି, ୧୪।୬**

କୁଏତ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୪୫ଜଣ ଭାରତୀୟଙ୍କ ମୃତଦେହ କେରଳ କୋଚି ବିମାନ ବନ୍ଦରରେ ପହଞ୍ଚିଛି । ଭାରତୀୟ ବାୟୁସେନାର ସି-୧୩୦ ଜେ ସୁପର ହରକ୍ୟୁଲେସରେ ସେମାନଙ୍କ ମୃତଦେହକୁ ସ୍ୱଦେଶ ଅଣାଯାଇଛି । କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ନିଜେ ବିମାନ ବନ୍ଦର ଯାଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏଠାରୁ ମୃତଦେହଗୁଡିକୁ ସନ୍ଧ୍ୟା ସୁଦ୍ଧା ଦିଲ୍ଲୀରେ ପହଞ୍ଚାଇବା ପରେ ସେଠାରୁ ସେମାନଙ୍କ ନିଜ ନିଜ ପରିବାରକୁ ପଠାଯିବାର ସୂଚନା ରହିଛି।

ଗୁରୁବାର ଦିନ କୁଏତର କର୍ତ୍ତୃପକ୍ଷ ଏହି ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୪୫ ଜଣ ଭାରତୀୟ ଏବଂ ତିନି ଜଣ ଫିଲିପାଇନ୍ସ ନାଗରିକଙ୍କ ମୃତଦେହ ଚିହ୍ନଟ କରିଛନ୍ତି। କୁଏତ ତୁରନ୍ତ ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଛି ଏବଂ ପୀଡିତଙ୍କ ମୃତଦେହକୁ ଫେରାଇ ଆଣିବାରେ ପୂର୍ଣ୍ଣ ସମର୍ଥନ ଦେଇଛି। ଗତ ବୁଧବାର କୁଏତର ଦକ୍ଷିଣରେ ଅବସ୍ଥିତ *(ପୃଷ୍ଠା ୭ରେ)*

## ପୁଣି ଥରେ ହଂକଂକୁ ଟପି ବିଶ୍ୱର ଚତୁର୍ଥ ବୃହତ୍ତମ ସେୟାର ବଜାର ହେଲା ଭାରତ

**ମୁମ୍ବାଇ, ୧୪।୬**

ପୁଣି ଥରେ ହଂକଂକୁ ଟପିଲା ଭାରତୀୟ ସେୟାର ବଜାର। ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ହଂକଂ ସେୟାର ବଜାରକୁ ପଛରେ ପକାଇ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ବିଶ୍ୱର ଚତୁର୍ଥ ବୃହତ୍ତମ ସେୟାର ବଜାର ହୋଇଛି।

ବ୍ଲୁମବର୍ଗ ରିପୋର୍ଟ ଅଧୀନରେ ଆସୁଥିବା କମ୍ପାନୀଗୁଡ଼ିକର ମାର୍କେଟ କ୍ୟାପ୍ (କମ୍ପାନୀଗୁଡିକର ସେୟାର ମୂଲ୍ୟ) ହଂକଂ ବଜାରକୁ ଟପି ଯାଇଛି। ଭାରତୀୟ ସେୟାର ମାର୍କେଟର ମୂଲ୍ୟ ୫.୧୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିବା ବେଳେ ହଂକଂର ୫.୧୭ ଟ୍ରିଲିୟନ ଡଲାର ରହିଛି ।

ସେପଟେ ଆମେରିକାର *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଆସୁ ଆସୁ କାମ ପିକ୍‌ରେ ପୂରା
ଚଳଚଞ୍ଚଳ ପଦୁଁଅନେତା
ମୋହନ ସର୍କାର କହନ୍ତି ନଶୋଇ
କାମ କରିବେ ଥାଇକି ଚେତା
ଭଲ ଭଲ ଏହି ବାର୍ତ୍ତା
ରେଡ୍ଡି ହୋଇଯିବ ରାଇଜ ଆମର
ନୂଆ ଆମ ହର୍ତ୍ତାକର୍ତ୍ତା।

# ସରକାରଙ୍କ ଆଭିମୁଖ୍ୟ : ପ୍ରତ୍ୟକ୍ଷ ରୂପେ ସମସ୍ୟାର ସମାଧାନ ହେବ




**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ଆକ୍ଟିଭ୍ ମୋଡରେ ନୂଆ ସରକାର। ପ୍ରଶାସନ ଚଳଚଞ୍ଚଳ। ଅଧିକାରୀ କର୍ମତତ୍ପର। ଦୀର୍ଘ ୨୪ ବର୍ଷ ଧରି ରାଜ୍ୟରେ ଚାଲିଥିବା ବିଜେଡ଼ି ସରକାରର ପରିବର୍ତ୍ତନ ଘଟିବା ପରେ ଜଣାଶୁଣା ଆଦିବାସୀ ନେତା ତଥା ଚାରି ଥରର ବିଧାୟକ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ନବଗଠିତ ବିଜେପି ସରକାର କାମ ଆରମ୍ଭ କରିଛନ୍ତି। ସାଢେ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ସମର୍ଥନ ଯୋଗୁ ନୂଆ ସରକାର ଗଠନ ସମ୍ଭବ ହୋଇଥିବାରୁ ସାଧାରଣ ଜନତାଙ୍କ ଆଶା ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ଅଭାବ ଅସୁବିଧା, ସମସ୍ୟା ଶୁଣିବା ବୁଝିବା ଆଉ ତାର ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରିବା ଉପରେ ଏବେ ନୂଆ ସରକାରଙ୍କ ଫୋକସ୍ ସବୁଠାରୁ ଅଧିକ ରହିଛି। ନିର୍ବାଚନ ପ୍ରତିଶ୍ରୁତିର ଅନୁପାଳନ ପୂର୍ବକ କାମ କରିବା ଉପରେ ସରକାର ପ୍ରାଥମିକତା ଦେଇଛନ୍ତି। ନୂଆ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଲୋକଙ୍କ ମୁଖ୍ୟମନ୍ତ୍ରୀ। ଆଉ ନୂଆ ସରକାର ହେଉଛନ୍ତି ଲୋକଙ୍କ ସରକାର। ଏହା ହେଉଛି ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା। ଏବେ ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ଆଉ ସରକାରଙ୍କ ଆଭିମୁଖ୍ୟ *(ପୃଷ୍ଠା ୭ରେ)*

# ୧୭ରୁ ବର୍ଷା ବଢିବ !

**ଭୁବନେଶ୍ୱର, ୧୪।୬**

**ନ୍ୟୁଜ୍ ବ୍ୟୁରୋ**

ଖରାର ଅସମ୍ଭାଳ ତାତି ଭିତରେ ଆସିଲା ଭଲ ଖବର। ଆଗାମୀ ୧୭ ତାରିଖରୁ ବର୍ଷା ବଢିବ । ରାଜ୍ୟର କେତେକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପଟେ ମୌସୁମୀ ଅଗ୍ରସର ପାଇଁ ପାଗ ଅନୁକୂଳ ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ ୧୭ ତାରିଖରୁ ବର୍ଷା ବଢ଼ିବ। ସେହିଦିନ ନୟାଗଡ଼, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୧୮ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତିଙ୍କ *(ପୃଷ୍ଠା ୭ରେ)*





କେନ୍ଦୁଝର: ୨୭ ଟିକିଆ ହାତୀ ଦଳଙ୍କ ଜଳ କ୍ରୀଡ଼ା



ନବନିର୍ବାଚିତ ବିଧାୟକ ଅଖିଳ ନାୟକ ବାଶୁଳି ପୀଠରେ ପୂଜାର୍ଚ୍ଚନା



ଯୋଡ଼ା ସହରରେ ପରିଷ୍କାର ଅଭିଯାନ



ଚମ୍ପୁଆ ବ୍ଲକରେ ବିନା ଅନୁମତିରେ ମୋରମ ଉତ୍ତୋଳନ



ବିର୍ସାମୁଣ୍ଡାଙ୍କ ୧୨୪ତମ ପୂର୍ଣ୍ଣତିଥି ପାଳିତ **(ଫଟୋ: ସୁରଜିତ ନ୍ୟୁଜ୍)**

## ମୌସୁମୀ ଆସିଲା:ମରାମତି ହେଲାନି ବ୍ରାହ୍ମଣୀ ନଦୀ ବନ୍ଧ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଉଛି । ରାଜ୍ୟରେ ଲଗାଣ ବର୍ଷା ଲାଗି ରହିବ । ଏଥି ସହ ଆଗକୁ ନଦୀରେ ବନ୍ୟା ଜଳ ପ୍ରବେଶ କରିବା ସମ୍ଭାବନା ରହିଛି । ଦୁର୍ବଳ ନଦୀ ବନ୍ଧକୁ ମରାମତି ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ନଦୀ ବନ୍ଧ ମରାମତି ହୋଇପାରିଲା ନାହିଁ । ବିଗତ ବର୍ଷ ମାନଙ୍କରେ ବନ୍ୟାରେ ପୀଡିତଙ୍କ ଆଖିରୁ ଲୁହ ଶୁଖିନଥିବା ବେଳେ ପୁଣି ଆଗକୁ ଆସିବ ବନ୍ୟା । ଯାହାକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଲେଣି । ଏଭଳି ଦୁର୍ବଳ ନଦୀ ବନ୍ଧ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଦେଓଦା, ମଙ୍ଗଳପୁର ଓ ବ୍ରହ୍ମବରଦା ଅଞ୍ଚଳରେ । ଏହି ଅଞ୍ଚଳରେ ବ୍ରାହ୍ମଣୀ ଓ ତାର ଶାଖା କେଲୁଅ ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି ହେଲେ ମରାମତିର ନାଁ ଧରୁ ନାହିଁ ବିଭାଗ, ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଗଷ୍ଟ ମାସ ୨୦୨୦ ମସିହାରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଭାଙ୍ଗି ଯାଇ ଜଳମଗ୍ନ ହେବା ସହ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ହେଲେ ପ୍ରଶାସନ ଚେତିବା ତ ଦୂରର କଥା ଏହି ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ଦିନରେ ଉଚିତ୍ ଜବାବ ଦିଆଯିବ ବୋଲି ନଦୀ କୂଳିଆ ଲୋକେ ପ୍ରକାଶ କରିଛନ୍ତି । ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦେଓଦା, ମଙ୍ଗଳପୁର, ବାସୁଦେବପୁର, କୋଠଡିହ ନଦୀ ବନ୍ଧ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟ ଲୋକେ ଦୈନନ୍ଦିନ ବିପଦର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଦେଓଦା ଓ ମଙ୍ଗଳପୁର ପଞ୍ଚାୟତର ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ବଡ ବଡ ଖାଲଖମା ହୋଇ ଏବେ ଏହି ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ସମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି । ଏହି ରାସ୍ତା କୁଣ୍ଡପାଟଣା ଠାରୁ ଦେଓଦା ଓ ମଙ୍ଗଳପୁର ପଞ୍ଚାୟତର ଦେଓଦା, ସେରପୁର, କୋଠିଡିହ, ଚାନ୍ଦପୁର ଓ ମହେଶ୍ୱରପୁର ପ୍ରମୁଖ ଗାଁ ଏବେ ବନ୍ୟା ମୁହଁରେ । ବିଭିନ୍ନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଗାଡି ମୋଟର ସହିତ ବିଭିନ୍ନ ଅଞ୍ଚଳର ଶହସ୍ରାଧିକ ଲୋକେ ବ୍ରହ୍ମବରଦା ବଜାର, ସ୍କୁଲ, କଲେଜ, ମେଡିକାଲ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ଅନ୍ୟପକ୍ଷରେ ବନ୍ଧଡିହସ୍ଥ ମେଣ୍ଟ-ବ୍ରହ୍ମବରଦା ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ମରାମତି କାର୍ଯ୍ୟ ଚାଲିଥିଲେ ମଧ୍ୟ ଶୋଚନୀୟ ହୋଇପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି । ଫଳରେ ଏହି ବନ୍ଧର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ହେଲେ ଏବେ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେମାନେ କିଛି ଶୁଣୁନଥିବାରୁ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା ତୁଟାଇ ସାରିଲେଣି ବୋଲି ସେମାନଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

## ବିକ୍ରମ ଦେବଙ୍କ ପ୍ରତିମୂର୍ତ୍ତି ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସ୍ଥାପନ ହେଉ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ରାଜା ବିକ୍ରମଦେବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି କୋରାପୁଟ ଜିଲ୍ଲାର ଜୟପୁର ଠାରେ ସ୍ଥାପନ କରାଯିବା ନେଇ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ କୋରାପୁଟ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ବିଭାଗର ଯୁଗ୍ମ ଶାସନ ସଚିବ ତଥା ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ କୋରାପୁଟ ଜିଲ୍ଲାପାଳଙ୍କୁ ବିଭାଗ ଚିଠି ସଂଖ୍ୟା ୬୨୭୨ରେ ଜଣାଇଛନ୍ତି ଯେ, ରାଜା ବିକ୍ରମ ଦେବଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଜୟପୁରସ୍ଥ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପ୍ରବେଶ ଦ୍ୱାର ଠାରେ ସ୍ଥାପନ କରାଯିବା ପାଇଁ ବିଭାଗୀୟ ପ୍ରତିମୂର୍ତ୍ତି ଚୟନ କମିଟି ବୈଠକରେ ନିଷ୍ପତି ନିଆଯାଇ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହାର ସ୍ଥାପନା ନିମନ୍ତେ ତୁରନ୍ତ ବିଶ୍ୱବିଦ୍ୟାଳୟ ପ୍ରବେଶ ଦ୍ୱାରରେ ଏକ ପ୍ରମୁଖ ସ୍ଥାନ ନିରୂପଣ କରି ଯଥାଶୀଘ୍ର ବିଭାଗକୁ ଜଣାଇଲେ ବିଭାଗ ପକ୍ଷରୁ ପିଣ୍ଡି ନିର୍ମାଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ଏହି ଚିଠିର ଏକକିତା ନକଲ ବିଭାଗର କମିଶନର, କୋରାପୁଟ ଜିଲ୍ଲା ସଂସ୍କୃତି ଅଧିକାରୀ, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ୱ ସଂସ୍ଥାର ସହାୟକ ଯନ୍ତ୍ରୀ, ଭୁବନେଶ୍ୱର ଏସ୍‌ବି କ୍ରିଏସନ୍‌ର ସରୋଜ କୁମାର ଭଞ୍ଜଙ୍କ ସହ ଜୟପୁରର ଆଇନଜୀବୀ ଅନୁପ କୁମାର ପାତ୍ରଙ୍କ ନିକଟକୁ ଅବଗତି ନିମନ୍ତେ ପ୍ରେରଣ କରାଯାଇଥିବା ଜଣାଯାଇଛି । ଅପରପକ୍ଷେ କିଛି ମାସ ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରେ ରାଜଶ୍ରୀ ବିକ୍ରମଦେବ ବର୍ମାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଏହାକୁ ଉଠାଯାଇ ତାହା ସ୍ଥାନରେ ବ୍ରୋଞ୍ଜ ମୂର୍ତ୍ତି ସ୍ଥାପନ ହେବ ନା ପ୍ରଶାସନ ଅନ୍ୟ କୌଣସି ନିଷ୍ପତ୍ତି ନେବ ତାହାକୁ ନେଇ ଅପେକ୍ଷା ରହିଛି ।



## ରାମେଶ୍ୱରଙ୍କ ନୂତନ ମୂର୍ତ୍ତି ସ୍ଥାପନ ମହୋତ୍ସବ

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଥୁଆପାଡ଼ି ଗ୍ରାମ ଠାରେ ରାମେଶ୍ୱରଙ୍କ ନୂତନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୋହିତ ଭାବେ ରାମ ରଥ ପୂଜା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଦେବ ପ୍ରସାଦ ବେହେରା ଓ ସସ୍ମିତା ବେହେରା ଦମ୍ପତି ଭାବେ ବସି ସମସ୍ତ ପୂଜା ବିଧି ତୁଲାଇ ଥିଲେ । ଏହି ପ୍ରତିଷ୍ଠା ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ବିଷମ କଟକ ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ନୀଳମାଧବ ହିକକା ଯୋଗଦାନ ଦେଇଥିଲେ । ପୂଜା କାର୍ଯ୍ୟ ସକାଳ ୯ଟା ଠାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ସମୟ ଯାଏ ଚାଲିଥିବା ବେଳେ ଏହି ସମୟରେ ଭଜନ କୀର୍ତ୍ତନ ଦେଖିବାକୁ ମିଳିଥିଲା । ପରିଶେଷରେ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ଥୁଆପାଡ଼ି ରାମେଶ୍ୱର ମନ୍ଦିର ପୂଜା କମିଟି ସମସ୍ତ ସଦସ୍ୟ, କାନ୍ତାନି ବେହେର, ନରସିଂହ ବେହେରା, କାଳିଆ ପ୍ରମୁଖ ସହଯୋଗ କରିଥିଲେ ।

## ବିଦ୍ୟୁତ୍ ଚୋରି ରୋକିବାକୁ ଟିପିଏନଓଡିଏଲର କଠୋର ଆଭିମୁଖ୍ୟ

**ବାଲେଶ୍ୱର, ନ୍ୟୁଜ୍**

ତୃଣମୂଳ ସ୍ତରରୁ ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏନଓଡିଏଲ) ବିଶେଷ ଗୁରତ୍ୱ ଦେଉଛି । ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ପ୍ରଦାନ ଦିଗରେ କମ୍ପାନୀ ବିଶେଷ ଧ୍ୟାନ ଦେଉଛି । ଏହି କ୍ରମରେ ୩ ଶହ ମେଗାୱାଟ୍‌ରୁ ଅଧିକ ବିଜୁଳି ଚୋରିକୁ ରୋକିବାରେ ଟିପିଏନଓଡିଏଲ ସଫଳ ହୋଇଛି । ସୂଚନା ମୁତାବକ ୨୦୨୧-୨୨ ଆର୍ଥିକ ବର୍ଷରେ ୩୭ ହଜାର ୯୩୮ଟି ମାମଲା ରୁଜୁ କରିବା ସହ ୭୩.୨୩ ମେଗାୱାଟ୍ ବିଦ୍ୟୁତ୍ ଚୋରି ରୋକିବାରେ ଟିପିଏନଓଡିଏଲ ସକ୍ଷମ ହୋଇଥିବା ବେଳେ ୨୦୨୨-୨୩ରେ ୩୬ ହଜାର ୪୨୯ଟି ମାମଲା ଦାୟର କରିବା ସହ ୧୦୧.୧୨ ମେଗାୱାଟ୍ ବିଜୁଳି ଚୋରି ରୋକିପାରିଛି । ସେହିପରି ୨୦୨୩-୨୪ରେ ଟିପିଏନଓଡିଏଲ ପକ୍ଷରୁ ଶହେ ମେଗାୱାଟ୍‌ରୁ ଅଧିକ ବିଦ୍ୟୁତ୍ ଚୋରି ରୋକାଯିବା ସହ ପାଖାପାଖି ୪୦ ହଜାର ମାମଲା ଦାୟର କରାଯାଇଛି । ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ପ୍ରତି ସେକ୍ସନ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସର୍କଲ କାର୍ଯ୍ୟାଳୟ ଏପରିକି କେନ୍ଦ୍ରୀୟ ଟିମ୍ ଗଠନ କରି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି । ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରିବା ସହ ବିଦ୍ୟୁତ୍ ଚୋରିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଭିମୁଖ୍ୟ ମଧ୍ୟ ଗ୍ରହଣ କରାଯାଉଛି । ବିଦ୍ୟୁତ୍ ଚୋରି ଏକ ଦଣ୍ଡନୀୟ ଅପରାଧ ହୋଇଥିବାବେଳେ ଏଥିରୁ ନିବୃତ୍ତ ରହିବାକୁ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି । ଅପରପକ୍ଷେ ବିଦ୍ୟୁତ୍ ଚୋରି ରୋକିବାକୁ ଟିପିଏନଓଡିଏଲ ଅଭିନବ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି । ସାଧାରଣ ଲୋକମାନଙ୍କ ନଜରରେ କେହି ବିଦ୍ୟୁତ୍ ଚୋରି କରୁଥିବାର ଆସିଲେ ସେମାନେ ମଧ୍ୟ ସଚେତନ ନାଗରିକ ଭାବେ ନିଜର ଅଭିଯୋଗ ୯୪୩୮୯୦୬୦୦୨ ନମ୍ବର ଯୋଗେ ଦାଖଲ କରୁଛନ୍ତି । ଫଳସ୍ୱରୂପ ଅସାଧୁ ଉପାୟରେ ବିଜୁଳି ବ୍ୟବହାର କରୁଥିବା ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁଛି ।

## ଶିଖ୍ ଧର୍ମ ଗୁରୁ ଅର୍ଜୁନଦେବଙ୍କ ସହିଦ ଦିବସ ପାଳିତ



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଶିଖ୍ ଧର୍ମ ଗୁରୁ ଅର୍ଜୁନ ଦେବଙ୍କ ସହିଦ ଦିବସ ପାଳନ ସ୍ଥାନୀୟ ଶ୍ରୀ ଗୁରୁ ସିଂଗ ସଭା କଣ୍ଟାବାଞ୍ଜି ତରଫରୁ ପାଳନ କରାଯାଇଛି । ସ୍ଥାନୀୟ ଗୁରୁଦ୍ୱାରା ପରିସରରେ ସମସ୍ତ ଶିଖ୍ ସମାଜ ଲୋକଙ୍କ ତରଫରୁ ପାଠ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ । ଏହାସହ ସ୍ଥାନୀୟ ପରଶୁରାମ ଛକରେ ଗୁରୁ ଅର୍ଜୁନଦେବଙ୍କ ସହିଦ ଦିବସ ଉପଲକ୍ଷେ ସର୍ବସାଧାରଣଙ୍କ ପାଇଁ ସମାଜ ତରଫରୁ ଶୀତଳପେୟ ପ୍ରସାଦ ବିତରଣ କରାଯାଇଥିଲା । ବଜାର ଦିନ ଥିବାରୁ ପ୍ରସାଦ ଗ୍ରହଣ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ସ୍ଥାନୀୟ ଗୁରୁ ସିଂଗ ସଭା କଣ୍ଟାବାଞ୍ଜି ସଭାପତି ବିଟୁ ସିଂଗ, ପୂର୍ବତନ ସଭାପତି ଅମରଜିତ ସିଂହ ସାଲୁଜା, ପୂର୍ବତନ ବିଧାୟକ ସନ୍ତୋଷ ସିଂହ ସାଲୁଜା, ନଗରପାଳ ବରିୟାମ ସିଂହ ସାଲୁଜା, ସମ୍ପାଦକ ଧନରାଜ ମାଜା, ମୁକତୀୟର ସିଂହ, ଲାଲ ସିଂହ, ରେଶମ ସିଂହ, ପ୍ରବଜିତ ସିଂହ ସାଲୁଜା, ବିକ୍କି ଛାବଡା, ସିଙ୍କି ସିଂହ ସାଲୁଜା, ଅମୃତ ପାଲ, ଜିତ ସିଂହ ମାଜା, କନାଲଜିତ ମାଜା, ରିଶୁ ସିଂହ, ରାକେଶ ସେନି, ରୋନକ ସାଲୁଜା, ମୁଖ୍ୟ ପୂଜକ ରମେଶ ସିଂହ ପୱାରଙ୍କ ସହିତ ସମାଜ ବହୁ ଲୋକ ଏହି ସେବା କାର୍ଯ୍ୟରେ ଯୋଗ ଦେଇଥିଲେ ।




## ଜନଜାତି ଜୁଆଙ୍ଗ ପୀଢରେ 'ଗୋପକଥା' କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ଓ ଗାନ୍ଧୀବିଚାର ପରିଷଦର ମିଳିତ ସହଯୋଗରେ ଜୁଆଙ୍ଗପୀଢରେ ଭୂମିପୁତ୍ର ଆଦିମ ଅଧିବାସୀ ଶିଶୁ ମାନଙ୍କୁ ନେଇ ବୁଢାଖମଣ ପଞ୍ଚାୟତର ତଳନଡାମ ଓ ଶରତପଦା ପଡା ଗ୍ରାମରେ ଗୋପକଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅଭିମନ୍ୟୁ ଜୁଆଙ୍ଗ ଓ ଚୈତନ୍ୟ ଜୁଆଙ୍ଗ, ମଞ୍ଜୁଲତା ଜୁଆଙ୍ଗ, ଦୌପଦୀ ଜୁଆଙ୍ଗଙ୍କ ସହଯୋଗରେ ପ୍ରତ୍ୟେକ ଗ୍ରାମରୁ ୨୫ରୁ ଉର୍ଦ୍ଧ୍ୱ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ ପଢିଥିବା ଶିଶୁ, ଅଧାରୁ ପାଠ ଛାଡିଥିବା ଶିଶୁ, ବିଦ୍ୟାଳୟକୁ ଆଦୌ ଯାଉନଥିବା ଶିଶୁ ମାନଙ୍କୁ ନେଇ ଶିଶୁ କ୍ଲବ ଗଠନ କରାଯାଇଛି । ବରିଷ୍ଠ ଗାନ୍ଧୀ ସଂସ୍କାରକ ଭକ୍ତବସ୍ତଳ ମହାନ୍ତି ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁଙ୍କ ଶୈକ୍ଷିକ ବିଚାରଧାରା ଏବଂ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷାସଦନ ପ୍ରଣାଳୀ ଶିଶୁ ତଥା ତାଙ୍କର ଅଭିଭାବକ ମାନଙ୍କୁ ଅବଗତ କରିଥିଲେ । ସେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷାଅନୁରାଗୀ ବ୍ୟକ୍ତିଥିଲେ । ୧୯ଜଣ ଛାତ୍ରଙ୍କୁ ନେଇ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ଗୋପବନ୍ଧୁ ସତ୍ୟବାଦୀ ଠାରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ଆରମ୍ଭ କରିଥିଲେ । ଇତିମଧ୍ୟରେ ୧୯୧୧ ମସିହା ଅକ୍ଟୋବର ୧୧ ତାରିଖ ପଣ୍ଡିତ ନୀଳକଣ୍ଠ ଦାସ ପ୍ରଧାନ ଶିକ୍ଷକ ଭାବେ ଯୋଗଦେଇଥିଲେ । ଜାନୁୟାରୀ ୧୨ ତାରିଖ ଅଷ୍ଟମଶ୍ରେଣୀ ଆରମ୍ଭ ହୋଇଥିଲା । ବିଦ୍ୟାଳୟର ଶିକ୍ଷକମାନେ ସ୍ୱେଚ୍ଛା ଜୀବନର ସୁଖ ସ୍ୱାଛନ୍ଦ୍ୟକୁ ସମାଜ ମଙ୍ଗଳ ପାଇଁ ତ୍ୟାଗ କରିଥିଲେ । ଛାତ୍ରମାନଙ୍କ ଚରିତ୍ର ଗଠନ, ଶୃଙ୍ଖଳା, ଶାରୀରିକ ଶ୍ରମଦାନ, ସ୍ୱାବଲମ୍ବନମୂଳକ ଶିକ୍ଷା ବନବିଦ୍ୟାଳୟରେ ଚାଲିଥିଲା । ଜନଜାତି ଭାଇଭଉଣୀ ମାନଙ୍କୁ ପ୍ରତ୍ୟେକ ଶିଶୁ ରଜ ପରେ ବିଦ୍ୟାଳୟକୁ ପଠାଇବା ସହ ଭଲମଣିଷ ଗଢିବା ପାଇଁ ଆହ୍ୱାନ ଦେଇଥିଲେ । ତୁଳସୀ ଜୁଆଙ୍ଗ, ମନ୍ଦାକିନୀ ଜୁଆଙ୍ଗ, ସୁନିଲ ଜୁଆଙ୍ଗ, ଅର୍ଜୁନ ଜୁଆଙ୍ଗ ସମେତ ଶିଶୁ କ୍ଲବର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ବିନା ଦୋଷରେ ଯୁବକଙ୍କୁ ଥାନାରେ ମାଡ଼ ଅଭିଯୋଗ:ଏଏସ୍‌ଆଇ ନିଲମ୍ବିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବଳୟା ପୋଲିସର ଦବଙ୍ଗଗିରି, ବିନା ଦୋଷରେ ଦୀର୍ଘ ୬୦ ଘଣ୍ଟା ଧରି ଯୁବକକୁ ଅଟକ ରଖି ମାଡ। ଲହୁଲୁହାଣ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଲେ ଯୁବକ। ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନାରେ ଘଟିଛି ଏପରି କିଛି ଅଭାବନୀୟ ଘଟଣା । ଅଭିଯୋଗ ଅନୁସାରେ, ସୁବଳୟା ଥାନା ଅନ୍ତର୍ଗତ ଟେଭାପଦର ଗାଁର ଟ୍ରାକ୍ଟର ଲଙ୍ଗଳ ଚୋରି ନେଇ ମହେନ୍ଦ୍ର ମହାଳିକ ନାମକ ଜଣେ ବ୍ୟକ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି କେସ୍‌ର ତଦନ୍ତ କରିବା ପାଇଁ ସେହି ଗାଁର ଜଗନ୍ନାଥ କର୍ମୀ ନାମକ ଯୁବକକୁ ସନ୍ଦେହରେ ଥାନାକୁ ଡାକିଥିଲା ସୁବଳୟା ପୋଲିସ। ତେବେ ତାଙ୍କୁ ଦୀର୍ଘ ୩ ଦିନ ପର୍ଯ୍ୟନ୍ତ ଥାନାରେ ରଖି ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ସୁବଳୟା ଥାନା ଏ.ଏସ.ଆଇ ସନ୍ତୋଷ ସିନ୍ଦିରିଆ ପଚରାଉଚୁରା ଆଳରେ ନିସ୍ଥୁକ ମାଡ ମାରିଥିବା ଅଭିଯୋଗ କରିଛନ୍ତି ଯୁବକ ଜଣକ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ । ସେ ଏହି ମାମଲାରେ ସଂପୃକ୍ତ ନଥିବା ବାରମ୍ବାର କହିଥିଲେ ହେଁ ଯୁବକକୁ ପୋଲିସ ମାଡ଼ ମାରି ଲହୁଲୁହାଣ କରିପକାଇଥିଲା। ଜଗନ୍ନାଥଙ୍କ ଭାଇ ପୋଲିସକୁ ଫୋନ୍ କରି ଅନୁରୋଧ କରିବାରୁ ତତେ ବିଭିନ୍ନ ମାମଲାରେ କେସ୍ କରି ଜେଲ୍ ପଠାଇଦେବି କହି ଧମକ ଦେଇଥିଲେ । ପରେ ତାଙ୍କ ଭାଇ ସୁବର୍ଣ୍ଣପୁର ଏସ୍‌ପିଙ୍କୁ ଯୋଗାଯୋଗ କଲାପରେ ପୁଲିସ ତାଙ୍କୁ ଛାଡି ଦେଇଥିଲା । ଜଗନ୍ନାଥଙ୍କ ଅଭିଯୋଗ ଅନୁସାରେ, ପୁଲିସକୁ ପାଣି ମାଗିଲେ ପରିସ୍ରା ପିଆଇ ଦେବି ବୋଲି କହି ଅକଥନୀୟ ଅତ୍ୟାଚାର କରିଥିଲେ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ପରେ ସମ୍ପୃକ୍ତ ପୋଲିସ ଏଏସଆଇ ସନ୍ତୋଷ ସିନ୍ଦରିଆଙ୍କୁ ତାଙ୍କ ପଦରୁ ନିଲମ୍ବନ ଆଦେଶ ଦିଆଯାଇଛି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ:ସୁନା ଅଳଙ୍କାର ସହ ଟଙ୍କା ଲୁଟ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରଣଜିତ ଗ୍ରାମର ମନୋଜ କୁମାର ବେହୁରିଆଙ୍କ ଘରୁ ଗତ ରବିବାର ରାତ୍ରରେ ବଡଧରଣର ଚୋରି ହୋଇଛି। ସଂପୃକ୍ତ ପରିବାର ଲୋକେ ରାତ୍ର ୧୧.୩୦ମି. ସମୟରେ ରାତ୍ରଭୋଜନ ସାରି ଶୋଇପଡିଥିଲେ। ରାତ୍ର ୩.୪୫ମି. ସମୟରେ ମନୋଜଙ୍କ ପତ୍ନୀ ଶୌଚ ପାଇଁ ଉଠି ଘରର ମୁଖ୍ୟଦ୍ୱାର ଟିଣ କବାଟ ଅଧା ଖୋଲାଥିବା ଦେଖିଥିଲେ। ଦ୍ୱାର ସମ୍ମୁଖରେ ଥିବା ବିଦ୍ୟୁତ ବଲ୍‌ବ କପଡାରେ ଗୁଡାଯାଇଥିଲା। ଏ ସମସ୍ତ ସ୍ୱାମୀଙ୍କୁ ଜଣାଇଥିଲେ। ଉଭୟ ଘରୁ ଚୋରି ହୋଇଥିବା ଜାଣି ଖୋଜାଖୋଜି କରିଥିଲେ। ଘର ଠାରୁ ପ୍ରାୟ ୨ଶହ ମିଟର ଦୂରରେ ବିକ୍ଷିପ୍ତ ହୋଇ ବ୍ୟାଗ, ପର୍ସ, ଟିଣବାକ୍ସ ଖୋଲା ହୋଇ ପଡିଥିବା ଦେଖିଥିଲେ। ପର୍ସରେ ଥିବା ଅଢେଇ ହଜାର ଟଙ୍କା, ବ୍ୟାଗରେ ଥିବା ୮୭ ହଜାର ଟଙ୍କା, ୧୩ ଗ୍ରାମ ଓଜନର ସୁନାଚେନ ଓ ଲକେଟ, ୫ ଗ୍ରାମର କାନଫୁଲ, ୨ଟି ସୁନା ଲକେଟ ଚୋରି ହୋଇଯାଇଥିବା ଦେଖିଥିଲେ। ଏହି ଗହଣାଗୁଡିର ଖୋଳ ସେଠାରେ ଖୋଲାହୋଇ ପଡିଥିଲା। ମନୋଜଙ୍କ ଅଭିଯୋଗ କ୍ରମେ ଥାନାରେ ୨୪୩/୨୪ନଂ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାସ୍ଥଳକୁ ପୁଲିସ ସନ୍ଧାନୀ କୁକୁର ଓ ବୈଜ୍ଞାନିକ ଦଳ ଯାଇ ତଦନ୍ତ କରିଥିଲେ। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଚୋର ଧରାପଡିନଥିବା ଜଣାଯାଇଛି।

## ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶିବ-ପାର୍ବତୀ ବିବାହ ସମ୍ପନ୍ନ



**ମୂଷାଟିକିରି, ନ୍ୟୁଜ୍ ବ୍ୟୁରୋ**

ଏନ.ଏନ.ଏସ-ସ୍ୱାଧୀନତା ସଂଗ୍ରାମୀ ହବ ମୂଷାଟିକିରି ଗ୍ରାମର ଅଧିଷ୍ଠାତ୍ରୀ, ମୁକ୍ତେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶୀତଳ ଷଷ୍ଠୀ ପର୍ବ ଉପଲକ୍ଷେ ଶିବ-ପାର୍ବତୀ ବିବାହ ଉତ୍ସବ ପାରମ୍ପରିକ ରୀତିକାନ୍ତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହାୟତାରେ ମନ୍ଦିର ପ୍ରକୋଷ୍ଠରୁ କୀର୍ତ୍ତନ ମଣ୍ଡଳୀ ବାହାରି, ନଗର ପରିଭ୍ରମଣ କରି ଗନ୍ତବ୍ୟ ପଥରେ ପହଞ୍ଚିଥିଲେ । ଶତାଧିକ ମହିଳା, ପୁରୁଷ ସାମିଲ ରହି ମନ୍ଦିର ପ୍ରକୋଷ୍ଠରୁ ଦେବଦେବ ମୁକ୍ତେଶ୍ୱର ମହାଦେବ ଓ ପାର୍ବତୀ ଦେବୀଙ୍କୁ ସୁସଜ୍ଜିତ ରତ୍ନ-ସବାରୀରେ ବସାଇ ଶଙ୍ଖ, ହୁଳହୁଳି, ବାଣ ନିଶାନ ମଧ୍ୟରେ ପରିଭ୍ରମଣ କରାଇ, ବିବାହ ମଣ୍ଡପରେ ଉପନିବେଶ କରଯାଇଥିଲା । ବର ପକ୍ଷରୁ ପିତା- ସୁରେଶ, ମାତା- ପୁଷ୍ପଲତା, କନ୍ୟା ପିତା- ତରୁଣ, ମାତା- ସୀମାରାଣୀ ଯଜ୍ଞ ବିବାହ ବେଦୀରେ ବସିରହି ପଣ୍ଡିତ ପ୍ରେମାନନ୍ଦ କର ଓ ସାଥୀଙ୍କ ଗହଣରେ ସୁଚାରୁରୂପେ ଶୀତଳଷଷ୍ଠୀ ପର୍ବକୁ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ଦେଖିବାକୁ ଶତାଧିକ ଭକ୍ତ ସମାବେଶ ଲାଗିଥିଲା । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶ୍ରଦ୍ଧାଳୁଗଣ ମନ୍ଦିର ବେଢାରେ ଆନନ୍ଦ ବଜାର, ନୀତିଭୋଗ ଗ୍ରହଣ କରିଥିଲେ । ପରିଚାଳନା କମିଟି ତରଫରୁ ସୁରମୋହନ ମହାପାତ୍ର, ଡାଃ ଦାଶରଥି ମହାପାତ୍ର, ରବୀନ୍ଦ୍ରନାଥ ମହାପାତ୍ର, ଡାଃ ତପସ୍ୱିନୀ ମହାପାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ରଚନା ପକ୍ଷରୁ ଆମ ପରିବେଶ ଆମ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ରଚନା ପକ୍ଷରୁ ସ୍ଥାନୀୟ ପି.ପି ଏକାଡେମୀ ଠାରେ ଏକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ରଚନାର ମାସିକ ସନ୍ଧ୍ୟା କାର୍ଯ୍ୟକ୍ରମରେ ଆମ ପରିବେଶ ଆମ ଦାୟିତ୍ୱ ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ ଏହି ଆଲୋଚନା ଚକ୍ରରେ ସହରର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ, ପରିବେଶ ପ୍ରେମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅତିଥି ବକ୍ତା ଭାବେ ବରିଷ୍ଠ ଓକିଲ ତଥା ଟାଙ୍ଗିଆ ଜାମ୍ କମିଟି ଆବାହକ ଗୋପାଳ ଚନ୍ଦ୍ର ହୋତା ଯୋଗଦେଇ ଆଜିର ଗ୍ଲୋବାଲ ୱାର୍ମିଙ୍ଗ ପାଇଁ ଜଙ୍ଗଲର ଦ୍ରୁତ ଅବକ୍ଷୟକୁ ଦାୟୀ କରାଯାଇପାରିବ ବୋଲି କହିଥିଲେ । ଉଦ୍ଭିଦ ବିଜ୍ଞାନର ପ୍ରାକ୍ତନ୍ ଅଧ୍ୟାପକ ଡ. ଅଶ୍ୱିନୀ କୁମାର ରଥ ନିଜର ବକ୍ତବ୍ୟରେ ଜଙ୍ଗଲ ପୋଡି ଯୋଗୁଁ ନା ଯେ କେବଳ ଜଙ୍ଗଲରେ ରହୁଥିବା ଜୀବଜଗତ ନଷ୍ଟ ହୁଏ ଜୀବଜନ୍ତୁ ନଷ୍ଟ ହୁଏ, ଜଙ୍ଗଲ ମଧ୍ୟ ୬୦ ବର୍ଷ ପଛକୁ ଚାଲିଯାଏ । ଅନ୍ୟତମ ଅତିଥି ବକ୍ତା ଭାବେ କୁମାରୀ ରେଶମା ରାଣୀ ଦାସ ମଞ୍ଚାସୀନ ରହି ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ଆଟେ ବୋଲି ବୁଝାଇଥିଲେ । ପରିବେଶର ସନ୍ତୁଳନ ରକ୍ଷା କରିବା ଓ ଏ ଜୀବଜଗତକୁ ବଞ୍ଚାଇବା ପାଇଁ ଆମ ସମସ୍ତଙ୍କୁ ଗଛ ଲଗାଇବାକୁ ପଡିବ ବୋଲି କହିଥିଲେ । ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଦିଗରେ ବଲାଙ୍ଗିରର ସାମାଜିକ ଅନୁଷ୍ଠାନ ଶାଗୁଆ ବଲାଙ୍ଗିରର ପଦକ୍ଷେପକୁ ଏହି ସଭା ମାଧ୍ୟମରେ ପ୍ରଶଂସା କରାଯାଇଥିଲା । ରଚନାର ସଭାପତି ସନାତନ ଠାକୁର ଓ ସମ୍ପାଦକ ଭାଗିରଥୀ ମିଶ୍ରଙ୍କ ଦିଗ୍‌ଦର୍ଶନରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ଶିକ୍ଷାବିତ୍ ମନୋରଞ୍ଜନ ସାହୁ, କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ରମେଶ ପୁରୋହିତ, ଦିବାକର ହୋତା, ଡ. ପ୍ରେମଚାନ୍ଦ ମହାନ୍ତି, ନେସନାଲ୍ ପିସ୍ ୟୁନିସନର ସତ୍ୟରଞ୍ଜନ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ରଚନାର ଜିତେନ୍ଦ୍ରିୟ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ଚିନ୍ମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୦୦୩ ବ୍ୟାଚ୍ ଛତ୍ରଛାତ୍ରୀଙ୍କ ବନ୍ଧୁମିଳନ




**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ପାଟେଣୀ ଗାଁ ପଞ୍ଚାୟତରେ ଥିବା ବିଜୁ ପଟ୍ଟନାୟକ ସ୍ମୃତି ବିଦ୍ୟାପୀଠର ୨୦୦୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛତ୍ରଙ୍କର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିରିଡି ବ୍ଲକ ଅନ୍ତର୍ଗତ ବାଇଶିମୌଜା ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ । ଏଥିରେ ସଂଜୀବନୀ ସୁଧାରାଣୀ ସାହୁ, କାବ୍ୟତାରା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ବାରିକ, ପ୍ରିୟଙ୍କା ସାହୁ, ଗାୟତ୍ରୀ ଜେନା, ସୌମ୍ୟରଞ୍ଜନ ନାୟକ, ଦୀପକ ପ୍ରଧାନ, ଅସୀମା ପ୍ରଧାନ, ସୁନୀଲ କୁମାର ସାହୁ, ରଶ୍ମିରଞ୍ଜନ ଜେନା, ପ୍ରଶାନ୍ତ ମଲ୍ଲିକ, ଅନିଲ କୁମାର ଦାଶ, ସଞ୍ଜୟ କୁମାର ଜେନା, ପ୍ରିୟଦର୍ଶିନୀ ରାଉତରାୟ, ତ୍ରିନାଥ ମହାନ୍ତି, ସୁଧୀର ରାଉତ, ମଙ୍ଗଳା ପ୍ରସାଦ ରଥ, କାର୍ତ୍ତିକ ଚନ୍ଦ୍ର ସାହୁ, ବିଶ୍ୱଜିତ ମହାନ୍ତି, ଦୀପକ ବାରିକ, ସୁନୀଲ ସାହୁଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।

## ବାସୁଦେବପୁର ବିଧାନସଭା ଆସନ, ୩୪ ବର୍ଷ ପରେ କ୍ଷମତାକୁ ଫେରିଲା କଂଗ୍ରେସ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସରିଛି ସାଧାରଣ ନିର୍ବାଚନ। ଏଥର ବାସୁଦେବପୁର ନିର୍ବାଚନ ମଣ୍ଡଳୀର ରାଜନୈତିକ ଦୃଶ୍ୟପଟ ବଦଳିଛି। ଶାସକ ଦଳର ରାଜନୈତିକ ଅଙ୍କକୁ ଭୁଲ୍ ପ୍ରମାଣିତ କରି ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ତଥା ତିନି ପିଢି ଶାସନର ଗଡକୁ ଭାଙ୍ଗିଛି କଂଗ୍ରେସ। ରାଜ୍ୟ ରାଜନୀତିରେ ବାସୁଦେବପୁର ବିଧାନସଭା ମଣ୍ଡଳୀ ଢେର ଗୁରୁତ୍ୱ ବହନ କରିଆସିଛି। ଏହି ବିଧାନସଭା କ୍ଷେତ୍ରରୁ ବିଜୟୀ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ସହ ମନ୍ତ୍ରୀ ପଦ ଅଳଙ୍କୃତ କରିଛନ୍ତି। ୨୦୨୪ ନିର୍ବାଚନ ବାସୁଦେବପୁର ବିଧାନସଭା କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। କାରଣ ୧୯୬୧ ମସିହାରୁ ଏଠାରେ ରାଉତରାୟ ପରିବାରର ପ୍ରଭାବ ରହିଆସିଥିଲା। ଏଠାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନୀଳମଣି ରାଉତରାୟ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ଏହି ଆସନରୁ ଏକାଧିକବାର ନିର୍ବାଚନ ଲଢି ୧୯୮୦ ବେଳକୁ ପୁଅ ବିଜୟଶ୍ରୀ ପାଇଁ ଏହି ଆସନ ଛାଡିଥିଲେ। ବିଜୟଶ୍ରୀ ମଧ୍ୟ ଏହି ଆସନରେ ନିର୍ବାଚନ ଲଢି ଏକାଧିକବାର ପରାଜିତ ହେବା ପରେ ୧୯୯୦ରେ ସଫଳତା ପାଇଥିଲେ। ୧୯୯୦ ରୁ ସ୍ୱର୍ଗତଃ ବିଜୟଶ୍ରୀ ଆଉ ପଛକୁ ଫେରିନଥିଲେ। ଲଗାତର ୨୦୧୪ ଯାଏ ନିର୍ବାଚନ ଲଢି ବିଧାନସଭାକୁ ନିର୍ବାଚିତ ହୋଇ ବିଭିନ୍ନ ସମୟରେ ମନ୍ତ୍ରୀ ପଦ ହାତେଇଥିଲେ। ଗତ ନିର୍ବାଚନରେ ପୁଅ ବିଷ୍ଣୁବ୍ରତ ରାଉତରାୟ ଏହି ଆସନରେ ନିର୍ବାଚନ ଲଢି ସଫଳ ହୋଇଥିଲେ। ଏଥର ବିଧାନସଭା ନିର୍ବାଚନର ଦ୍ୱିତୀୟ ପାଳିରେ ବିଷ୍ଣୁବ୍ରତ କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ପରାସ୍ତ ହୋଇଛନ୍ତି। ୧୯୯୦ ଠାରୁ ଆଜିଯାଏ ହିସାବ କହୁଛି ୩୪ ବର୍ଷ ପରେ କଂଗ୍ରେସକୁ ସଫଳତା ମିଳିଛି। କଂଗ୍ରେସର ଅଶୋକ କୁମାର ଦାସ ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଷ୍ଣୁବ୍ରତ ଏବଂ ଅଶୋକଙ୍କ ମଧ୍ୟରେ ବେଶି କଡା ଟକ୍କର ହୋଇଥିଲା। ବିଧାୟକ ନିର୍ବାଚିତ ହୋଇଥିବା ଅଶୋକ ୭୭ ହଜାର ୮୪୩ ଭୋଟ୍ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ବିଷ୍ଣୁବ୍ରତ ରାଉତରାୟଙ୍କୁ ୭୭ ହଜାର ୨୧୨ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି ଅଶୋକ। ବିଜେପି ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତିଙ୍କୁ ୪୨ ହଜାର ୨୭୮ ଖଣ୍ଡ ଭୋଟ୍ ମିଳିଛି। ଫଳରେ ପ୍ରଥମ କରି ବିଧାୟକ ପ୍ରାର୍ଥୀ ହୋଇଥିବା ବିଜେପିର ବାଣୀକଲ୍ୟାଣ ଗତ ନିର୍ବାଚନ ଠାରୁ ଅଧିକ ଭୋଟ୍ ପାଇ ଟିକେ ଆତ୍ମସନ୍ତୋଷ ପାଇଥିବା କୁହାଯାଉଛି।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଦେବଗଡ଼, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ। କୁଲରରେ ପାଣି ଭର୍ତ୍ତି କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ ମହିଳା। ଦେବଗଡ଼ ପୌରାଞ୍ଚଳ ଭୁଲିଆ ସାହିରେ ଘଟିଛି ଏଭଳି ଅଭାବନୀୟ ଘଟଣା । ରଞ୍ଜିତ ଯାଦବଙ୍କ ସ୍ତ୍ରୀ ରାଜକୁମାରୀଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମୃତଦେହ ଜବତ ସହ ତଦନ୍ତ କରୁଛି ପୋଲିସ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜୁନ୍ ୨୦୨୪ ଶନିବାର





## ଅପହଞ୍ଚ ଜାଗାରେ ସ୍ୱାସ୍ଥ୍ୟସେବା ପହଞ୍ଚାଇଲେ ସରକାର

# ଭ୍ରାମ୍ୟମାଣ ଆମ୍ବୁଲାନ୍ସରେ ଉପଲବ୍ଧ ହେବ ସମସ୍ତ ଅତ୍ୟାଧୁନିକ ସୁବିଧା



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତର ପ୍ରମୁଖ ମହାରତ୍ନ କମ୍ପାନୀ ଗେଲ୍ ଇଣ୍ଡିଆ ତରଫରୁ ଏକ ଅତ୍ୟାଧୁନିକ ଚିକିତ୍ସାସେବା ସୁବିଧା ଥିବା ଆମ୍ବୁଲାନ୍ସ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସକୁ ଉଦ୍‌ଘାଟିନ କରିଥିଲେ । ଏହି ଆମ୍ବୁଲାନ୍ସ କେନ୍ଦୁଝର ଜିଲ୍ଲାରେ ଅପହଞ୍ଚ ଇଲାକାରେ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଆମ୍ବୁଲାନ୍ସର ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ । ଏହି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଭିତରେ ଏକ ଓପିଡ଼ି ରହିଥିବା ବେଳେ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ସହ ଆବଶ୍ୟକୀୟ ଔଷଧ ଉପଲବ୍ଧ ରହିଥିବ । ନିୟୋଜିତ ଡାକ୍ତର ବ୍ରିଜେଶ ସିଂ ପ୍ରକାଶ କରିଛନ୍ତି ଅପହଞ୍ଚ ଗ୍ରାମ ମାନଙ୍କରେ ଏହି ଯାନ ଯାଇ ଲୋକଙ୍କ ଘର ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ । ଭ୍ରାମ୍ୟମାଣ ଆମ୍ବୁଲାନ୍ସର ଉପଯୋଗୀତାକୁ ଉପଲବ୍ଧି କରି ଆଗାମୀ ଦିନରେ ଅଧିକ ସଂଖ୍ୟାରେ ଏହିଭଳି ଅତ୍ୟାଧୁନିକ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ସାଂସଦ ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ଏହି ଉଦ୍‌ଘାଟନ ଉତ୍ସବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ହରିହର ମହାନ୍ତ, ଯୁବ ବିଜେପି ନେତା ଭାରତ ଭୂଷଣ କୁଅଁର ପ୍ରମୁଖଙ୍କ ସହ ଅନେକ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ ।

## ||||||||| କଟକ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ |||||||||

# ବନ୍ୟା ଜଳ ନିଷ୍କାସନ ଉପରେ ଗୁରୁତ୍ୱାରୋପ




**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ଆଠଗଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ସାଲେପୁର ପ୍ରଶାନ୍ତ କୁମାର ବେହେରା, ବିଧାୟକ ବାଙ୍କୀ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ଚୌଦ୍ୱାର-କଟକ ସୌଭିକ ବିଶ୍ୱାଳ, ବିଧାୟିକା ବାରବାଟୀ-କଟକ ସୋଫିଆ ଫିର୍ଦ୍ଦୋସ, ବିଧାୟକ କଟକ ସଦର ପ୍ରକାଶ ସେଠୀ, ବିଧାୟକ ମାହାଙ୍ଗା ସାରଦା ପ୍ରସାଦ ପ୍ରଧାନ, ବିଧାୟକ ବଡମ୍ବା ବିଜୟ କୁମାର ଦଳବେହେରା, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଅଧ୍ୟକ୍ଷ କଟକ ଜିଲ୍ଲା ପରିଷଦ କିଶୋର ଚନ୍ଦ୍ର ମିଶ୍ର, ଏନ.ଡ଼ି.ଆର.ଏଫର ଅଧିକାରୀ ବୃନ୍ଦ ଯୋଗଦେଇ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରାକୃତିକ ବିପର୍ଯ୍ୟୟ ସଂପୃକ୍ତ ପ୍ରସ୍ତୁତି ବାବଦରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଡାକୁଆ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ବାସ୍ତବିକତା ଦୃଷ୍ଟିକୋଣରୁ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଯେଉଁ ମାନକ ସ୍ଥିର କରିଛି ତାହା ବଜାୟ ରଖିବା ଜରୁରୀ ବୋଲି ସେ କହିଥିଲେ । ଯୋଗଦେଇଥିବା ଜନ ପ୍ରତିନିଧୀମାନେ ନିଜ ନିଜ ଅଞ୍ଚଳର ବିପର୍ଯ୍ୟୟ ଜନିତ ଅଭାବ ଅସୁବିଧା ବାବଦରେ ପ୍ରଶାସନର ପ୍ରସ୍ତୁତି ଉପରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ବିନିମୟ କରିବା ସହ ତାହାର ସମାଧାନ ଦିଗରେ ପରାମର୍ଶ ଦେଇଥିଲେ । ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତର ଏବଂ କାର୍ଯ୍ୟାଳୟ ସ୍ତରରେ କଣ୍ଟ୍ରୋଲ୍‌ରୁମ୍‌ର କାର୍ଯ୍ୟକାରିତା ବିଭିନ୍ନ ନଦୀବନ୍ଧ ମରାମତି, ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା, ସହରାଞ୍ଚଳର ଡ୍ରେନେଜ୍ ସଫେଇ, ଦୁର୍ଗମ ଅଞ୍ଚଳରେ ଖାଦ୍ୟ, ଔଷଧ, ପାନୀୟଜଳ ଆଦି ମହଜୁଦ ରଖିବା ଏବଂ ପହଞ୍ଚାଇବାର ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବେଆଇନ୍ ଭାବେ ନଦୀ ପଠାରୁ ବାଲି ଖନନ କରି ନଦୀ ବନ୍ଧକୁ ଦୁର୍ବଳ କରୁଥିବା ବାଲି ମାଫିଆଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜନପ୍ରତିନିଧୀମାନେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ଆପଦା ମିତ୍ର ଭଳି ଗୋଷ୍ଠୀମାନଙ୍କୁ ସଠିକ୍ ଭାବେ ଉପଯୋଗ କରିବା ନିମନ୍ତେ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର ହୋଇଥିଲା । କଣ୍ଟ୍ରୋଲ ରୁମ୍‌ମାନଙ୍କର ଟେଲିଫୋନ୍ ନମ୍ବର ସାମାଜିକ ଗଣମାଧ୍ୟମରେ ସାର୍ବଜନୀନ କରିବା ନିମନ୍ତେ ଜନପ୍ରତିନିଧୀମାନେ ପରାମର୍ଶ ଦେଇଥିଲେ । ଜନସ୍ୱାସ୍ଥ୍ୟ ବିଭାଗ, ଜଳଯୋଗାଣ ବିଭାଗ, ପୂର୍ତ୍ତ ବିଭାଗ, ଡ୍ରେନେଜ, ସ୍ୱାସ୍ଥ୍ୟ ବିଭାଗ ତଥା ଅନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ନିଜ ନିଜର ବିପର୍ଯ୍ୟୟ ପ୍ରସ୍ତୁତିର ଏକ ସମ୍ପୂର୍ଣ୍ଣ ବିବରଣୀ ରଖିଥିଲେ । ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ପୁନଶ୍ଚ ବିଶେଷ ଭାବେ ବିଭିନ୍ନ ଦିଗ ଉପରେ ବୈଠକ ଆହ୍ୱାନ କରାଯିବା ନିମନ୍ତେ ମତ ପ୍ରକାଶ ପାଇଥିଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଦିବ୍ୟଲୋଚନ ମହାନ୍ତି ଅତିଥି ପରିଚୟ ଦେଇଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଟକ ସୁବାସ ଚନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆସାମୀ ଗିରଫ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

କୁନ୍ଦେଇ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ପାଇଁ ଉଦ୍ୟମ କରୁଥିବା ନେଇ ଥାନାରେ ଏତଲା ହେବାର ଦୁଇ ମାସ ପରେ ଧରାପଡିଛି ଅଭିଯୁକ୍ତ । ପୋଲିସ ସୂତ୍ରରୁ ପ୍ରକାଶ ଯେ ଗତ ଏପ୍ରିଲ ମାସ ୪ ତାରିଖରେ କୁନ୍ଦେଇ ଗ୍ରାମର କହ୍ନେୟା ଦାସ (୪୪) ସେହି ଗ୍ରାମର ଜଣେ ସପ୍ତମ ଶ୍ରେଣୀରେ ପଢୁଥିବା ୧୧ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିବା ସମୟରେ ନାବାଳିକା ଜଣକ ବଡ଼ ପାଟିରେ ମା'କୁ ଡାକିଥିଲା । ଝିଅର ଚିତ୍କାର ଶୁଣି ମା' ଘଟଣାସ୍ଥଳରେ ପହଞ୍ଚିଥିଲା । ମା' ପହଞ୍ଚିବା ଜାଣି ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳେଇଥିଲା । ଏହାପରେ ନାବାଳିକା ଜଣକ ମା' ପାଖରେ ସବୁକଥା କହିଥିଲା । ଏହାପରେ ପରିବାର ଲୋକେ କୁନ୍ଦେଇ ଥାନାରେ ଏତଲା ଦେଇଥିଲେ । ପୋଲିସ ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଖୋଜିବା ଆରମ୍ଭ କରିଥିଲା । ଅଭିଯୁକ୍ତର ବନ୍ଧୁ ସମ୍ପର୍କୀୟଙ୍କ ଘର ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଥିବା ସ୍ଥାନମାନ ଖୋଜିଥିଲା । ଦୀର୍ଘ ଦୁଇମାସ ପରେ ରାଇଘର ଠାରେ ଧରିବାରେ ସଫଳ ହୋଇଥିଲା । ଧରିବା ପରେ ତାକୁ କୋର୍ଟ ଚାଲାଣ କରିଥିବା କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ ସେଠୀ ପ୍ରକାଶ କରିଛନ୍ତି ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ଆସନ୍ତା ୧୮ରେ ଟେବୁଲ ଟପ୍ ଏକ୍ସରସାଇଜ୍ ଓ ୧୯ରେ ମକ୍ ଡ୍ରିଲ୍



**ବାଲେଶ୍ୱର, ନ୍ୟୁଜ୍**

ସ୍ଥାନୀୟ ସଭାବନା ସଭାଗୃହ ଠାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଦୁଲାଲ ସେନ ଜଗଦେବ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଏଥି ସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର, ଅଗ୍ନିଶମ, ଓଡ୍ରାଫ, ସରପଞ୍ଚ ଓ ବିଭିନ୍ନ ଏନଜିଓର ପ୍ରତିନିଧିଗଣ ଏହି ବୈଠକରେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଓଡ଼ିଶା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଶ୍ରେଷ୍ଠ ଥିବା ଜଣାଇଥିଲେ । ତେଣୁ ଏହା କିପରି ବଳବତ୍ତର ରହିବ ସେଥିପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବାକୁ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଜିଲ୍ଲାରେ ପ୍ରାକ୍ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବୈଠକରେ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ବୈଠକର ନିଷ୍ପତି ପ୍ରକାରେ ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳି ଅଞ୍ଚଳଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବାକୁ ମଞ୍ଚାସୀନ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ । ଜଳ ଯୋଗାଣକୁ ସୁବନ୍ଦୋବସ୍ତ କରିବା ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଗର୍ଭବତୀ ମହିଳା, ଶିଶୁ ଏବଂ ବୃଦ୍ଧ ଲୋକଙ୍କୁ ପ୍ରାଥମିକତା ଦିଆଯିବ । ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ବ୍ଲିଚିଂ ପାଉଡର ଇତ୍ୟାଦି ମହଜୁଦ ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଡିଏମଓ ଗୃହକୁ ଜଣେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସାପ କାମୁଡା ଇଂଜେକ୍ସନ୍ ଉପଲବ୍ଧ ଥିବା ସିଡିଏମଓ ସ୍ପଷ୍ଟ କରିଥିଲେ । ସମ୍ଭାବ୍ୟ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ଔଷଧ ରଖିବା ଓ ଟୀକାକରଣ କରିବା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା । ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟା ପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବା, ବନ୍ୟା ପ୍ରବଣ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ କରି ରଖିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ପୌର ପରିଷଦ ଏବଂ ଏନଏସି ଅନ୍ତର୍ଗତ ସମସ୍ତ ୱାର୍ଡ, ବସ୍ତିରେ ଥିବା ନାଳ ଗୁଡିକୁ ଯଥାଶୀଘ୍ର ସଫେଇ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମଞ୍ଚାସୀନ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ । ଏଠାରେ ପ୍ରକାଶ ଥାଉ କି, ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜାରି କରାଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୧୮ ତାରିଖରେ ଜିଲ୍ଲା ଓ ବ୍ଲକସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୯ ତାରିଖରେ ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ ।

## ଯାଜପୁର ଜିଲ୍ଲା ସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ଦିବସ ପାଳିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସହଯୋଗରେ କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଶିଶୁ ଶ୍ରମିକ ନିରାକରଣ ଦିବସ ପାଳନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ପ୍ରାଧିକରଣର ସଚୀବ ଜ୍ୟୋତିର୍ମୟୀ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ଆଲୋଚକ ଭାବେ ଜିଲ୍ଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ପ୍ରାକ୍ତନ ଶିଶୁ ମଙ୍ଗଳ କମିଟି ସଦସ୍ୟ, ସାମାଜିକ କାର୍ଯ୍ୟକର୍ତ୍ତା ଡ଼ ରୁଦ୍ରନାରାୟଣ ପୃଷ୍ଟି, ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଜିତେନ କୁମାର ତ୍ରିପାଠୀ, ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଦାସ ଓ ଟାଟା ଫାଉଣ୍ଡେସନରର ଡାକ୍ତର ନିଳୀମା ତିର୍କୀ ପ୍ରମୁଖ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ଦିବସ ମହତ୍ତ୍ୱ, ଶିଶୁ ଶ୍ରମିକ ପରି କଷ୍ଟଦାୟୀ ଘୃଣ୍ୟ କାର୍ଯ୍ୟର ନିରୋଧ ଦିଗରେ ଜିଲ୍ଲା ଶ୍ରମ, ଶିକ୍ଷା, ମହିଳା ଓ ଶିଶୁ ବିକାଶ ସହିତ ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆଦି ସରକାରୀ ଅନୁଷ୍ଠାନ ମାନଙ୍କର କି ପ୍ରକାରର ଦାୟିତ୍ୱ ରହିଛି ସେ ବିଷୟରେ ଆଲୋଚନା କରିଥିଲେ । ଚଳିତ ବର୍ଷ ପାଇଁ ସ୍ଥିରିକୃତ କଥାବସ୍ତୁ ପ୍ରତିଶୃତି ଅନୁଯାୟୀ ଯଥୋଚିତ କାର୍ଯ୍ୟ କରି ଶିଶୁ ଶ୍ରମର ପରିସମାପ୍ତି କର ସମ୍ବନ୍ଧରେ ଆଲୋଚକ ମାନେ ବିଭିନ୍ନ ଦୃଷ୍ଟି କୋଣରୁ ମତବ୍ୟକ୍ତ କରିଥିଲେ । ଆଲୋଚନା ପରେ ପ୍ରଶ୍ନୋତ୍ତର ମଧ୍ୟମରେ ଉପସ୍ଥିତ ଥିବା ଜନଗଣଙ୍କ ସନ୍ଦେହ ମୋଚନ କରାଯାଇଥିଲା । ଶେଷରେ ବିଶ୍ୱଭୂଷଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆଇନ୍ ସେବା ପ୍ରାଧିକରଣ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।




## ବରିଷ୍ଠ କଳାକାର ଶୈଳେନ୍ଦ୍ର ଜେନାଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ, ନ୍ୟୁଜ୍ ବ୍ୟୁରୋ**

ପଟ୍ଟାମୁଣ୍ଡାଇ ସହରରେ ପ୍ରସିଦ୍ଧିଲାଭ କରିଥିବା ଭବାନୀ ଶଙ୍କର ଚିତ୍ରାଳୟର ମାଲିକ ତଥା ବରିଷ୍ଠ କଳାକାର ଶୈଳେନ୍ଦ୍ର କୁମାର ଜେନାଙ୍କ ଗତ ୫ ତାରିଖ ବୁଧବାର ରାତ୍ରୀରେ ପରଲୋକ ହୋଇଯାଇଛି । ମୃତ୍ୟୁଖବର ପାଇ ପଟ୍ଟାମୁଣ୍ଡାଇ ଅଞ୍ଚଳର ଡ୍ରାମା କଳାକାରଙ୍କ ସହ ଚିତ୍ରାଳୟର ବରିଷ୍ଠ ପେଣ୍ଟର, ଚିତ୍ରକର ଓ ଲେଖକ ପଣ୍ଡିତ ଭିକାରୀ ଚରଣ ଦାସ ତାଙ୍କର ଶେଷ ଦର୍ଶନ କରିଥିଲେ । ସେ ବେହେଲା, ତାବଲା, ମୃଦଙ୍ଗ ବାଦ୍ୟରେ ଖୁବ୍ ପାରଦର୍ଶିତା ଥିଲା । ଚମ୍ପୁ ଓ ଓଡ଼ିଶୀ ଗୀତ ମଧ୍ୟ ଭଲ ଗାଉଥିଲେ । ସାରା ଜୀବନ ସ୍ୱର୍ଗତଃ ଜେନା କଳା ଓ କଳାକାରଙ୍କ ମଧ୍ୟରେ ବିତାଇ ଦେଇଥିଲେ । ଶେଷ ଅବସ୍ଥାରେ ସେ ପୀଡ଼ିତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ ଏବଂ ସେଇଠି ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ପ୍ରଦୀପ, ପ୍ରତାପ ଓ ପ୍ରମୋଦ ଉପସ୍ଥିତ ଥିଲେ ।

## ଆଠଗଡ଼ ବ୍ଲକ ଅଧ୍ୟକ୍ଷ ପ୍ରସଙ୍ଗକୁ ନେଇ ମୁହାଁମୁହିଁ

# ପୋଲିସର ହସ୍ତକ୍ଷେପରେ ପରିସ୍ଥିତି ଶାନ୍ତ, ସାଧାରଣରେ ଭୟର ବାତାବରଣ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଠଗଡ଼ରେ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏବଂ ବିଧାୟକଙ୍କ ପ୍ରତିନିଧି ରଞ୍ଜନ କୁମାର ଆର୍ଯ୍ୟ ବ୍ଲକ ସମସ୍ତ ଉନ୍ନୟନ କାର୍ଯ୍ୟ ବୁଝାବୁଝି କରୁଥିଲେ । ମାତ୍ର ବିଜେପି ଦଳ ପକ୍ଷରୁ ଏହାକୁ ବିରୋଧ କରାଯିବା ସହିତ ଶ୍ରୀ ଆର୍ଯ୍ୟ ସମସ୍ତ କାର୍ଯ୍ୟରେ ହସ୍ତକ୍ଷେପ କରି ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ବାରମ୍ବାର ଅଭିଯୋଗ କରାଯାଉଥିଲା । ଏବେ ସରକାର ପରିବର୍ତ୍ତନ ପରେ ଏହାକୁ ପାଥେୟ କରି ବିଜେପି ଦଳ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଯେଉଁଥିପାଇଁ ସର୍ବସାଧାରଣଙ୍କ ଉନ୍ନୟନ କାର୍ଯ୍ୟ ବ୍ୟାହତ ହେଉଥିବା ଧାଇପୁର ସରପଞ୍ଚ ମୀନାକ୍ଷୀ ସାହୁ ଗତ ୧୦ ତାରିଖରେ ଲିଖିତ ଭାବରେ ଆଠଗଡ଼ ବିଡ଼ିଓଙ୍କୁ ଦେଇଥିଲେ । ଏହାରି ଉପରେ ପ୍ରତିକ୍ରିୟାଶୀଳ ହୋଇ ଦିନ ପ୍ରାୟ ବାରଟା ସମୟରେ ବିଜେଡି ଏବଂ ବିଜେଡି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏ ବାବଦରେ ରଞ୍ଜନ କୁମାର ଆର୍ଯ୍ୟ ତାଙ୍କର ମାନହାନି ହୋଇଥିବା ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ଥାନାରେ ଅଭିଯୋଗ ଦେଇ ନିଜର ଲୋକ ମାନଙ୍କୁ ଧରି ଆଠଗଡ଼ ବ୍ଲକରେ ବସିଥିବା ବେଳେ ବିଜେପିର କାର୍ଯ୍ୟକର୍ତ୍ତାମାନେ ବ୍ଲକରେ ପହଞ୍ଚି ଏହାର ପ୍ରତିବାଦ କରି ରଞ୍ଜନ ଆର୍ଯ୍ୟଙ୍କୁ ବ୍ଲକ ଭିତରୁ ବାହାର କରିବାକୁ ଦାବି କରିଥିଲେ । ଫଳରେ ଉଭୟ ବିଜେପି ଏବଂ ବିଜେଡି କର୍ମୀ ମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ସହିତ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣା ସ୍ଥଳରେ ଆଠଗଡ଼ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ହେଲେ ଘଟଣା ପରେ ସାଧାରଣରେ ଭୟର ବାତାବରଣ ଖେଳିଯାଇଛି । ଆଗକୁ ଏକ ବଡଧରଣର ହିଂସାକାଣ୍ଡକୁ ପ୍ରତିହତ କରିବାକୁ ହେଲେ ସାଧାରଣ ପ୍ରଶାସନ ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆଠଗଡ଼ ଜନସାଧାରଣ ଦାବି କରିଛି ।



## ଖଣିଜ ସମ୍ପଦ ପରିଚାଳନା ପାଇଁ ଉପଖଣ୍ଡ ସ୍ତରୀୟ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଥିବା ଖଣିଜ ସମ୍ପଦ ପରିଚାଳନା ପାଇଁ ଉପଖଣ୍ଡ ସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଉପ ଜିଲ୍ଲାପାଳ ତଥା ଖଣିଜ ସମ୍ପଦ ବିଭାଗର ଅଧ୍ୟକ୍ଷ ରବିନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ଖଣିଜ ସମ୍ପଦ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଖୁଣ୍ଟିଆ, ଜିଲ୍ଲା ଜଳ ସେଚନ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ପାରାଦ୍ୱୀପ ଖଣିଜ ସମ୍ପଦ ଅଧିକାରୀ ଅଲେଖ ଚନ୍ଦ୍ର ଖଟୁଆ, ରାଜନଗର ଏସିଏଫ ପୁନମହୀରା ହାନସଦା, କେନ୍ଦ୍ରାପଡା ବନ ଅଧିକାରୀ ସୁକାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ତଥା ବାଲି, ଚେମିନୀ ଭାଟି ଇଟା ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ପରିଚାଳନା ନିମିତ ପାଇଁ ବୈଠକ ଅନୁଷ୍ଠିତ ହେବା ସହିତ ଆଗାମୀ କାର୍ଯ୍ୟପନ୍ଥା ନିମନ୍ତେ ଆଲୋଚନା କରାଯାଇଥିଲା । ଏଥିସହିତ ଜିଲ୍ଲାର ବିଭିନ୍ନ ବାଲି ଖାଦାନରୁ ବେଆଇନ୍ ଭାବେ ବାଲି ଉଠାଣ ଓ ଅନୁମତି ନନେଇ ଚେମିନୀ ଇଟା ତିଆରି କରୁଥିବା ଭାଟି ବିରୋଧରେ ପଦକ୍ଷେପ ନେବା ଆଲୋଚନା କରାଯାଇଥିଲା ।



## ବିଜ୍ଞାପନ

ଶ୍ରୀ ନଟରାଜ ତନ୍ତୁବାୟ ସହଯୋଗ ସମିତି ଲିଃ.
ଗ୍ରା- ଲିମ୍ବପାଳି, ପୋ- ଉଲ୍ଲୁଣ୍ଡା ଜିଲ୍ଲା ସୁବର୍ଣ୍ଣପୁର
Reg No: 66/SNP dated 13.02.1989

ଏତଦ୍ୱାରା ଶ୍ରୀ ନଟରାଜ ତନ୍ତୁବାୟ ସହଯୋଗ ସମିତି ଲିଃ. ଲିମ୍ବପାଳି ଉଲ୍ଲୁଣ୍ଡା ବ୍ଲକ ପରିସୀମା ଭିତରେ ରହୁଥିବା ସମସ୍ତ ବୁଣାକାର ସଭ୍ୟ / ସଭ୍ୟା ତଥା ଜନ ସାଧାରଣଙ୍କୁ ଉପରୋକ୍ତ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ସମିତିର ସମ୍ପାଦକ ପଦବୀ ବର୍ତ୍ତମାନ ଖାଲି ପଡି ଅଛି । ଏଣୁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥୀନୀ ମାନେ ନିମ୍ନରେ ପ୍ରଦତ୍ତ ଆବେଦନ ଫର୍ମ ଜରିଆରେ ଆସନ୍ତା ତା: ୨୦.୦୬.୨୦୨୪ ସୁଦ୍ଧା ସମିତିର ସଭାପତିଙ୍କ ନିକଟରେ/ ସମିତିର କାର୍ଯ୍ୟାଳୟ ଠାରେ ଦାଖଲ କରିବା ପାଇଁ ଅନୁରୋଧ କରାଗଲା । ଧାର୍ଯ୍ୟ ତାରିଖ ପରେ କୋଣସି ଆବେଦନ ପତ୍ର ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ଗୁଡିକ ତା ୨୧.୦୬.୨୦୨୪ ରିଖ ଯାଞ୍ଚ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ।

ସ୍ୱା/- ସଭାପତି
ଶ୍ରୀ ନଟରାଜ ତନ୍ତୁବାୟ ସହଯୋଗ ସମିତି ଲିଃ.
ଲିମ୍ବପାଳି

### ଆବେଦନ ଫର୍ମ

୧. ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ନାମ
୨. ପିତା / ସ୍ୱାମୀଙ୍କ ନାମ
୩. ଠିକଣା (ପ୍ରମାଣପତ୍ର ସହିତ)
୪. ବୟସ –
୫. ଶିକ୍ଷାଗତ ଯୋଗ୍ୟତା (ମାଟ୍ରିକ ଓ ତଦୁର୍ଦ୍ଧ ପ୍ରମାଣ ସହ )
୬.ଅନ୍ୟାନ୍ୟ ଯୋଗ୍ୟତା :
ବି.ଦ୍ର: ଯଦି କୌଣସି ପ୍ରାର୍ଥୀ/ ପ୍ରାର୍ଥୀନୀ ହସ୍ତ ତନ୍ତ କ୍ଷେତ୍ରରେ ବିଶେଷ ପାରଦର୍ଶୀତା କିମ୍ବା ଅଭିଜ୍ଞତା ହାସଲ କରିଥିଲେ ବୟସ ସୀମା କୋହଳ ସହିତ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ।
୭. ଦୁଇ (୨) ଗୋଟି ପାସପୋର୍ଟ ସାଇଜ ଫଟୋ
୮. ଚୁକ୍ତିନାମା (ରାଜିନାମା)

**ଦରଖାସ୍ତକାରୀଙ୍କ ସ୍ୱାକ୍ଷର**

..............................................................................................................

### ସ୍ୱୀକାରୋକ୍ତି

ମୁଁ ଶ୍ରୀ / ଶ୍ରୀମତୀ ..................ଗ୍ରାମ ..............................ପୋ .................... ଏତଦ୍ୱାରା ଘୋଷଣା କରୁଅଛି ଯେ ମୋ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ତଥ୍ୟ ସତ୍ୟ ଅଟେ। ଭବିଷ୍ୟତରେ ଏଥିରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ମୋ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପ୍ରାପ୍ତି ସ୍ୱୀକାରୋକ୍ତି** **ଦରଖାସ୍ତକାରୀଙ୍କ ସ୍ୱାକ୍ଷର**



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୧୫।୬।୨୦୨୪, ଆଷାଢ଼ ଦି୧ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୦୭।୫୫** **ଚନ୍ଦ୍ରୋଦୟ- ଦିଘ ୧୨।୩୮।୧୨**

ନବମୀ- ରାଘ ୨।୩୨ ପର୍ଯ୍ୟନ୍ତ। ଉତ୍ତରା ଫାଲ୍ଗୁନି ନକ୍ଷତ୍ର- ଦିଘ ୮।୨୪ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ଲାଉ ରାଘ ୨।୩୨ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୮ ଗତେ ଘ ୧୨।୧୩ ମଧ୍ୟେ। ଦିଘ ୩।୦୫ ଗତେ ଘ ୩।୪୫ ମଧ୍ୟେ । **ପର୍ବୋତ୍ସବ-** ମିଥୁନ ବା ରଜ ସଂକ୍ରାନ୍ତି ।


**ମେଷ:** କର୍ମକ୍ଷେତ୍ରରେ ବିରକ୍ତି ଭାବ ପ୍ରକାଶ ପାଇବ । ସାମାଜିକ ସ୍ତରରେ ମାନହାନୀର ସୂଚନା । ପାରିବାରିକ କ୍ଷେତ୍ରରେ କଳହ ଦେଖାଦେବ । ଆୟ ସ୍ଥିର ରହିବ । ମନରେ ଦୁର୍ଭାବନା ଜାତ ହେବ । ମନ ଅସ୍ଥିର ରହିବ ।


**ବୃଷ:** କର୍ମକ୍ଷେତ୍ରରେ ଶାରୀରିକ ତ୍ରୁଟି ଦେଖାଦେବ । କାର୍ଯ୍ୟହାନୀର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଯାତ୍ରାରେ ଅସଫଳ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବନାହିଁ ।


**ମିଥୁନ:** ଗୁରୁତର ଭାବରେ କର୍ମକୁ ଆଦରି ନେବେ । ପରିଶ୍ରମର ପରିମାଣ ବଢ଼ିବ । ସହକର୍ମୀମାନେ ଆପଣଙ୍କ ଠାରୁ ଦୂରେଇ ରହିବେ । ଦୂରଯାତ୍ରାରେ ସଫଳତା ଦେଖାଦେବ । ଗୃହେ ଶାନ୍ତି ଲାଭ । ରୋଜଗାର ସ୍ଥିର ରହିବ ।


**କର୍କଟ:** ଅଯଥା ଦୁଶ୍ଚିନ୍ତା ଓ ଅପବ୍ୟୟ ଯୋଗ ରହୁଛି । ଯାନବାହାନ ଯାତ୍ରା ପାଇଁ ଆଜି ଦିନଟି ଭଲ ନୁହେଁ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।


**ସିଂହ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ପାଇବାର ସୂଚନା । ବନ୍ଧୁଙ୍କ ସହଯୋଗ ମଧ୍ୟ ମିଳିବ । ଦୂରଯାତ୍ରା ସଫଳ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଅଶାନ୍ତି ଦେଖାଦେବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।


**କନ୍ୟା:** ରୋଜଗାରର ପରିମାଣ ସ୍ଥିର ରହିବ । ଠକାମିର ଶିକାର ହୋଇପାରନ୍ତି । ବିତିଯାଇଥିବା କଥା ମନେ ପକାଇ ଦୁଃଖିତ ଓ ଅନୁତପ୍ତ ହେବେ । ବହୁ ସମୟ ଅନ୍ୟମନସ୍କ ରହିବେ । ପାରିବାରିକ ସହଯୋଗ ମନକୁ ଆନନ୍ଦ ଦେବ ।


**ତୁଳା:** କର୍ମକ୍ଷେତ୍ରରେ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଅଭୁଲା ହେବ । ଦେହ ଭଲ ରହିବ । ଆଶ୍ୱସ୍ତିର ସୁଖ ଅନୁଭବ କରିବେ । ଆୟ ସ୍ଥିର ରହିବ । ଘରେ ଆପଣଙ୍କୁ ଆଦର କରିବେ । ମହିଳାମାନେ ସୁଖୀ ହେବେ ।


**ବିଛା:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ଲାଭ କରିବେ । ନିସ୍ୱାର୍ଥ ସ୍ୱଭାବର ପରିପ୍ରକାଶ ହେବ । ରୋଜଗାରର ପରିମାଣ ବଢ଼ିବ । ଗୃହରେ ସୁସ୍ଥତା ଅନୁଭବ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା ।


**ଧନୁ:** ମନରେ ଭକ୍ତିଭାବ ଜାତ ହେବ । ସେବା ପୂଜା ପ୍ରତି ମାନସିକତା ଆସିବ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ମଧ୍ୟମ ହେବ। ଦୂରଯାତ୍ରା କରିବେ । ମହିଳାମାନେ ସୁଖୀ ହେବେ । ଗୃହେ ଆନନ୍ଦ ।


**ମକର:** ଆଜି ଆପଣଙ୍କ ଦିନଟି ସେତେ ଭଲ ନୁହେଁ । ଏଣୁ ଟିକେ ସାବଧାନ ରହିବେ । ରୋଜଗାରରେ ବାଧା ଉପୁଜିପାରେ । ପରିଶ୍ରମରେ ସଫଳତା ହାସଲ କରିବେ । ପାରିବାରିକ କଳହର ସୂଚନା ରହୁଛି ।


**କୁମ୍ଭ:** ବନ୍ଧୁ ଦର୍ଶନ ଯୋଗୁ ସୁଖ ସନ୍ତୋଷ ଲାଭ ହେବ । ସାହାଯ୍ୟ ସହଯୋଗ ପାଇ ଆଗେଇ ଚାଲିବେ । ଦେହ ଓ ମନରେ ଶାନ୍ତି ବିରାଜମାନ କରିବ । ଆୟ ଉତ୍ତମ ହେବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ମୀନ:** ଜିଦ୍‌ଖୋର୍ ହେବେ । ବନ୍ଧୁବାନ୍ଧବଙ୍କ ପ୍ରତି ସ୍ୱଭାବରେ ପରିବର୍ତ୍ତନ ଘଟିବ । ଅହଙ୍କାର ପ୍ରକାଶ ପାଇବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜଞ୍ଜାଳ ସୃଷ୍ଟି ହେବାର ସୂଚନା ।

## ରତ୍ନବେଦୀକୁ ବାହୁଡ଼ିଲେ ଦେବ ଦମ୍ପତି

**ନରଣପୁର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରର ପ୍ରମୁଖ ଶୈବକ୍ଷେତ୍ର ବାବା କପିଳେଶ୍ୱର ମନ୍ଦିରରେ ଚାଲିଥିବା ଶିବବିବାହ ଓ ଶୀତଳଷଷ୍ଠୀର ଶେଷ ଦିନରେ ଦେବଦମ୍ପତିଙ୍କ ମହାସ୍ନାନ ସମ୍ପନ୍ନ ହୋଇଛି । ଏହା ସହିତ ଦେବଦମ୍ପତିଙ୍କ ଚଳନ୍ତି ପ୍ରତିମା ରତ୍ନବେଦୀକୁ ଫେରିଛନ୍ତି । ଉଭୟ ବର ପିତାମାତା ଆମର ପ୍ରସାଦ ଦେବତା, ସସ୍ମିତା ଦେବତା ଓ କନ୍ୟା ପିତାମାତା ପ୍ରଶାନ୍ତ କୁମାର ପଣ୍ଡା ଓ ବୈଜୟନ୍ତୀ ପଣ୍ଡା ଶିବ ପାର୍ବତୀଙ୍କ ଚଳନ୍ତି ବିଗ୍ରହର ବୈଦିକ ରୀତିନୀତିରେ ମହାସ୍ନାନ କରାଇଛନ୍ତି । ମହାସ୍ନାନ ପରେ ଦେବଦମ୍ପତିଙ୍କ ମନ୍ଦିର ପରିକ୍ରମା କରାଯାଇଥିଲା । ମନ୍ତ୍ର ଧ୍ୱନି ସହ ମୃଦଙ୍ଗ ଖୋଳତାଳରେ କୀର୍ତ୍ତନ କରାଯାଇ ରତ୍ନବେଦୀ ଉପରେ ବିରାଜମାନ କରାଇଥିଲେ । ଶହ ଶହ ଭକ୍ତ ଏହି ମହାଦେବଙ୍କ ବିବାହ ପର୍ବକୁ ମନଭରି ଉପଭୋଗ କରି ଭାବବିହ୍ୱଳ ହୋଇପଡ଼ିଥିଲେ । ଠାକୁରଙ୍କ ସିଂହାସନ ବିରାଜମାନ ସହ ଶୀତଳଷଷ୍ଠୀ ପର୍ବ ଶେଷ ହୋଇଥିବା କପିଳେଶ୍ୱର ମନ୍ଦିର କମିଟି ସଭାପତି ବିଜୟ କୁମାର ମହାନ୍ତି ଓ ସମ୍ପାଦକ ଗୌରଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୧୬।୬।୨୦୨୪, ଆଷାଢ଼ ଦି୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୦୮।୦୩** **ଚନ୍ଦ୍ରୋଦୟ- ଦିଘ ୧।୨୬।୦୮**

ଦଶମୀ- ଦିଘ ୪।୪୩ ପର୍ଯ୍ୟନ୍ତ। ହସ୍ତା ନକ୍ଷତ୍ର- ଦିଘ ୧୧।୧୨ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର- ରାଘ ୧୨।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ରାଘ ୧୨।୩୪ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ରାଘ ୧୨।୩୪ ମଧ୍ୟେ ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** କଳମ ଶାଗ ଦିଘ ୪।୪୩ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୭ ଗତେ ଘ ୯।୩୫ ମଧ୍ୟେ। ଦିଘ ୧।୨୭ ଗତେ ଘ ୨।୫୨ ମଧ୍ୟେ । **ପର୍ବୋତ୍ସବ-** ତୃତୀୟ ରଜ, ଭୂଦାହ, ଗଙ୍ଗା ଦଶହରା, ବିଶ୍ୱ ପିତୃ ଦିବସ ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ବିଶ୍ୱାସ କରିବା ଉଚିତ୍ ନୁହେଁ

ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

# କାବ୍ୟ କୌଣ୍ଡିନ୍ୟ-୪୯

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ସୋମାଙ୍କ ରାଜ୍ୟାଭିଷେକ ପ୍ରସ୍ତୁତି

### ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

ଉପରୋକ୍ତ ବିଷୟରେ ଲିଖିତ ନିମ୍ନ ଗୀତଟିର ପ୍ରତ୍ୟେକ ଧାଡ଼ିର ପ୍ରଥମ ଅର୍ଦ୍ଧାଂଶ 'ଦ' ଅକ୍ଷରରେ ଓ ଦ୍ୱିତୀୟ ଅର୍ଦ୍ଧାଂଶ 'କ' ଅକ୍ଷରରେ ଆରମ୍ଭ କରାଯାଇ ସୁଶ୍ରାବ୍ୟ କରିବାର ପ୍ରୟାସ କରାଯାଇଛି।

ଦେଶ ପ୍ରତିଷ୍ଠାର ବାରତା ଶୁଣିଣ   କମ୍ବୁଜବାସୀ ହରଷ
ଦିନକୁ ଦିନ ତା' ପ୍ରସାରିତ ହେଲା   କମ୍ବୁଜର ବହିର୍ଦେଶ ।୧।
ଦୂରଦୂରାନ୍ତର ଗ୍ରାମ ଲୋକେ ହେଲେ   କୁହାକୁହି ପରସ୍ପର
ଦେଖିବାକୁ ଆମ୍ଭେ ସମସ୍ତେ ଯେ ଯିବା   କିଏ ଏ କୌଣ୍ଡିନ୍ୟ ବୀର ।୨।
ଦର୍ଶନ କରିବା ଉତ୍ସବ ସେଠାରେ   କେହ୍ନେ ଜନ୍ମିବ ସେ ରାଜ୍ୟ
ଦସ୍ୟୁମୁଖ୍ୟା କନ୍ୟା ସିଂହାସନେ ବସି   କିପରି କରିବ ରାଜ ।୩।
ଦଳପତି ଆମ୍ଭ ଗ୍ରାମମାନଙ୍କର   କରନ୍ତୁ ସେଠି ବିଚାର
ଦେଶ କମ୍ବୁଜରେ ଯୋଗ ଦେଲେ ହିତ   କି ହୋଇପାରେ ଆମ୍ଭର ।୪।
ଦିବସ ନିର୍ଦ୍ଦିଷ୍ଟେ ସମସ୍ତେ ମିଳିଣ   କଲେ ସେ ସ୍ଥାନେ ଗମନ
ଦେଖି ଏତେ ଲୋକ ସ୍ଥାନୀୟ ଜନତା   କରିଲେ ତାଙ୍କ ସମ୍ମାନ ।୫।
ଦଳ ଦଳ ହୋଇ ନିକଟ ଅଞ୍ଚଳ   କାମିନୀ ବରିଷ୍ଠ କୁମାର
ଦେଖୁ ଦେଖୁ ସର୍ବେ ରୁଣ୍ଡ ହୋଇ ତତ୍ର   କରୁଥାନ୍ତି କୋଳାହଳ ।୬।
ଦିଶୁଥାଏ ରାଜ ଅଭିଷେକ ସ୍ଥଳ   କମନୀୟ ମନୋହର
ଦିବ୍ୟ ସାଜସଜ୍ଜା ସୂଚାଉଛି ସ୍ୱର୍ଗ   କି ଆସିଛି ଧରାପର ।୭।
ଦକ୍ଷିଣ ଦିଗରୁ ବହଇ ମଳୟ   କୁସୁମ ରେଣୁ ବିଛାଇ
ଦେଖଣାହାରୀଙ୍କୁ ସ୍ୱାଗତ କରଇ   କୋମଳ ପରଶ ଦେଇ ।୮।
ଦେବ ଅଂଶୁମାଳୀ ସେଦିନ କରନ୍ତି   କିରଣ କୋମଳ ପାତ
ଦିବାକରବଂଶୀ କୌଣ୍ଡିନ୍ୟ ଥିବାରୁ   କରନ୍ତି କି ପକ୍ଷପାତ ।୯।
ଦେବାଳୟ ଗଲେ ପ୍ରାତଃକାଳେ ସୋମା   କୌଣ୍ଡିନ୍ୟ ବୀରଙ୍କ ସାଥ



ଦାନଧର୍ମ କଲେ ପୂଜା ଆଦି ପରେ   କରି ଖୋଲା ଦୁଇ ହାତ ।୧୦।
ଦେଖନ୍ତେ ଜନତା ଆଚମ୍ବିତ ହେଲେ   କୌଣ୍ଡିନ୍ୟଙ୍କ ରୂପ ନବ
ଦୀପ୍ତ ଦିବ୍ୟ ବପୁ ପୁରୋହିତ ବେଶେ   କାନ୍ତି ପ୍ରକଟେ ଅପୂର୍ବ ।୧୧।
ଦର୍ଶକେ ପଚାରି ଜାଣିଲେ ନିର୍ଣ୍ଣୟ   କରିଅଛନ୍ତି କୌଣ୍ଡିନ୍ୟ
ଦେଶ ସିଂହାସନେ ନିଜର ପତ୍ନୀଙ୍କୁ   କରାଇବେ ସେ ଆସୀନ ।୧୨।
ଦୁର୍ବା ମନ୍ତ୍ର ଯଜ୍ଞ ମୁକୁଟ ଆଦିରେ   କରିବେ ସେ ଅଭିଷେକ
ଦେବେ ତାଙ୍କୁ ସାହଚର୍ଯ୍ୟ ଏହିସବୁ   କାର୍ଯ୍ୟେ ପୁରୋହିତ ଏକ ।୧୩।
ଦେବାଳୟଠାରୁ ସମସ୍ତ ସ୍ୱଜନ   କଲେ ମଣ୍ଡପ ଗମନ
ଦମ୍ପତି ଆଦି ଯେ ଆସନେ ଆରୂଢ଼   କାର୍ଯ୍ୟ ହେବ ସମାପନ ।୧୪।
ଦୃଶ୍ୟ ଅଭିଷେକ ମଣ୍ଡପ ସତେ ବା   କେତେ ଯେ ଅଟେ ବିଶେଷ
ଦୁର୍ଗାଚରଣ ତା' ପରଗୀତେ ଦେବ   କିନ୍ତୁ ଏଠି ଗୀତ ଶେଷ ।୧୫।

ଶବ୍ଦାର୍ଥ :
ପଦ (୭) : ଦିବ୍ୟ-ସ୍ୱର୍ଗୀୟ, ଧରାପର-ପୃଥିବୀ ଉପରକୁ।
ପଦ (୮) ଓ (୯) : କୁସୁମ ରେଣୁ-ଫୁଲର ପରାଗ (ଛୋଟ ଆକାରର ବାହାରୁଥିବା ଦ୍ରବ୍ୟ), ପରଶ-ସ୍ପର୍ଶ, ଦିବାକର ବଂଶୀ-ସୂର୍ଯ୍ୟବଂଶର ବ୍ୟକ୍ତି। ଅଂଶୁମାଳୀ-ସୂର୍ଯ୍ୟ।

# କବାଡ଼ି...କବାଡ଼ି



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଓଡିଆ ସଂସ୍କୃତି ଓ ପରମ୍ପରାର ଏକ ନିଆରା ପର୍ବ ରଜ । ମାଟି ଓ କୃଷି ସଂସ୍କୃତିର ଏହି ପର୍ବ ପାଇଁ ଓଡିଆ ଜାତି ବର୍ଷଟିଏ ଅପେକ୍ଷା କରି ରହିଥିଲା। ସେ ପିଲା ହେଉକି ବୁଢା,କିଶୋରୀ ହେଉକି ପୌଢ ସମସ୍ତଙ୍କ ପାଇଁ ରଜ ପର୍ବ ଆଣିଥାଏ ଆମୋଦ ପ୍ରମୋଦର ମୁହୂର୍ତ୍ତ। ଝିଅବୋହୂମାନଙ୍କ ପାଇଁ ମଉଜ ମସ୍ତିର ପର୍ବ -ରଜ। ପାଦରେ ଅଳତା, ମୁଣ୍ଡରେ କୁଙ୍କୁମ, ହାତରେ ମେହେନ୍ଦି ସହ ନବବସ୍ତ୍ର ଆଦି ବିଭିନ୍ନ ଆଭୂଷଣରେ ସଜେଇ ହୋଇ ଯୁବତୀ ଓ ମହିଳାମାନେ ହୋଇଉଠିଥାନ୍ତି ମସଗୁଲ। ଘରେ ଘରେ ବିଭିନ୍ନ ରକମର ପିଠା। ତାସାଙ୍ଗକୁ ପୁଣି ହରରଙ୍ଗି ପାନ ପୁଣି ଦୋଳି ଖେଳ। ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ସାମିଲ ହୁଅନ୍ତି ଏହି ନିଆରା ପର୍ବରେ । ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବିଭିନ୍ନ ପ୍ରକାର ପ୍ରତିଯୋଗିତା। କ୍ଲାନ୍ତମୟ ଜୀବନରୁ ବାହାରି ଆବାଳ ବୃଦ୍ଧ ବନିତା ମଉଜ ମଜଲିସରେ ମାତିଥାନ୍ତି । ରଜ ତିନିଦିନ ସବୁ କାମ ବନ୍ଦ ରହୁଥିବାରୁ ଗାଁ ଛକ, ମଣ୍ଡପ, ଦେଉଳ ବେଢା, ଖେଳ ପଡିଆରେ ଭଳିକି ଭଳି ଖେଳର ପସରା ଜମେ । ବୟସ୍କମାନେ ତାସ୍,ପଶା ଖେଳରେ ମାତିଥିବା ବେଳେ ମହିଳାମାନେ ଲୁଡୁ, କାଞ୍ଚିପଟା, କାଚକଉଡି, ଖଞ୍ଜପା, ବାଘଛେଳି, ପୁଚି, ଲୁଚକାଳି ଖେଳର ମଜା ଉଠାଇଥାନ୍ତି। ରଜ ପର୍ବକୁ ଆହୁରି ରସାଣିତ କରିବା ପାଇଁ ଚାଲେ କବାଡି ଖେଳ । କବାଡିକୁ ଖେଳର ରାଜା କୁହାଯାଏ । ରଜ ପର୍ବର ଏହା ଏକ ପ୍ରମୁଖ ଖେଳ। ଉଭୟ ପୁରୁଷ ଓ ମହିଳା ଏହାକୁ ମନଭରି ଉପଭୋଗ କରନ୍ତି । ଗାଁ ପଡିଆରେ ସକାଳୁ ଆରମ୍ଭ ହୋଇଯାଏ କବାଡି ଖେଳ ପାଇଁ ପ୍ରସ୍ତୁତି। ଅଧିକାଂଶ ଅଞ୍ଚଳରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ସ୍ୱରୂପ ପାଚିଲା କଦଳୀ କାନ୍ଧି, ଖାସି, କୁକୁଡା, ଟଙ୍କା ଦିଆଯାଇଥାଏ । ଯୁବକମାନେ କବାଡି ଖେଳ ଖେଳିଥାନ୍ତି। ବାଜା ବାଜୁଥାଏ ଖେଳ ଜମୁଥାଏ । ଦେଖଣାହାରୀଙ୍କର ଗହଳି ସାଙ୍ଗକୁ କରତାଳି ଖେଳାଳୀମାନଙ୍କର ଏକାଗ୍ରତାକୁ ବଢାଇଦିଏ । ଚଳଞ୍ଚଳ ହୋଇଉଠେ ଖେଳପଡିଆ । ବିଶେଷତଃ ରଜପର୍ବ ଅବସରରେ ଖୁସି ବା ଆମୋଦ ଉଦ୍ଦେଶ୍ୟରେ ଖେଳାଯାଉଥିବା କବାଡି ଖେଳର ସୃଷ୍ଟି ଗାଁ ଦାଣ୍ଡରୁ । ଏହି ଖେଳ ଖେଳାଳୀର



ମାନସିକ ସ୍ଥିରତାକୁ ବଜାୟ ରଖୁଥିବାବେଳେ ଶରୀରକୁ ଚଳଚଞ୍ଚଳ କରିଥାଏ। ଆଗରୁ କବାଡି ଗାଁଗହଳିରେ ସୀମିତ ରହିଯାଇଥିବାବେଳେ ଏବେ ଏହାର ପରିସର ବୃଦ୍ଧି ପାଇଛି । ଗାଁ ଦାଣ୍ଡରୁ ସୃଷ୍ଟ କବାଡି ଏବେ ବିଶ୍ୱ ସ୍ତରରେ ପରିଚୟ ପାଇଛି । କବାଡି ଖେଳାଳୀ ଜିତିବାର ଉଲ୍ଲାସକୁ ଯେପରି ଉପଭୋଗ କରନ୍ତି ଠିକ ସେପରି ହାରିଗଲେ ମନଦୁଃଖ ନକରି ପୁଣି ଥରେ ଜିତିବାର ପ୍ରୟାସ ଜାରି ରଖନ୍ତି। ଭାରତରେ ଜନ୍ମ ହୋଇଥିବା ଏହି ଖେଳ ଦିନେ ଯୁବଗୋଷ୍ଠୀର ଅତିପ୍ରିୟ ଖେଳଥିଲା । କ୍ରିକେଟ ଗାଁଗହଳିରେ ପହଞ୍ଚିବା ଦ୍ୱାରା କବାଡି ଦିନକୁ ଦିନ ହଜିବାକୁ ବସିଛି। ଭାରତରୁ ଏହି ଖେଳ ଅନ୍ୟ ଦେଶକୁ ଯାଇ ଅନ୍ତଃରାଷ୍ଟ୍ରୀୟ ପ୍ରତିଯୋଗିତାରେ ସ୍ଥାନ ପାଇଛି । ଭାରତର ଅନୁପ କୁମାର ରାହୁଲ ଚୌଧୁରୀ, ରବିନ୍ଦର, ମନଜିତ, ସନ୍ଦିପ ନାରଓ୍ୱାଲ ପ୍ରମୁଖ ଖେଳଳୀ କବାଡି କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଏହି ଖେଳ ମଧ୍ୟ ମହିଳାମାନେ ଖେଳନ୍ତି । ଓଡିଶାର ଅରବିନ୍ଦ ଖୁଣ୍ଟିଆ, ସରସ୍ୱତୀ ଚାନ୍ଦ, ରଶ୍ମିତା ସାହୁ, ସଂଯୁକ୍ତା ରାଉତ, ସଞ୍ଜଗୀତା ଦାସ ପ୍ରମୁଖ କବାଡି ଖେଳାଳୀ ଭାବରେ ଆନ୍ତର୍ଜାତୀୟ ସ୍ତରରେ ଓଡିଶା ପାଇଁ ଗର୍ବ ଆଣିଛନ୍ତି। ଭାରତରେ ମୁଖ୍ୟତଃ ଚାରି ପ୍ରକାର କବାଡି ଖେଳ ଦେଖିବାକୁ ମିଳିଥାଏ । ଯଥା-ସଞ୍ଜିବନୀ କବାଡି, ଜେମିନି କବାଡି, ଅମର କବାଡି ଓ ପଞ୍ଜାବୀ କବାଡି। ସଞ୍ଜିବନୀ କବାଡିରେ ଉଭୟ ଦଳରେ ଦଶ ଦଶ ଜଣ ଖେଳାଳି ଖେଳିଥାନ୍ତି । ଜେମିନି କବାଡିରେ ଗୋଟିଏ ଦଳର ଜଣେ ଖେଳାଳୀକୁ ବିପରୀତ ଦଳରେ ସାତ ଜଣ ଖେଳାଳୀ ମୁକାବିଲା କରିଥାନ୍ତି। ଅମର କବାଡିର ନିୟମ ସଞ୍ଜିବନୀ କବାଡି ସହ ସମାନ ଥିଲେ ମଧ୍ୟ ଏଥିରେ ଯେଉଁ ଖେଳାଳୀ ପରାସ୍ତ ହୁଏ ସେ ପଡିଆ ଛାଡି ବାହାରକୁ ଯାଏନାହିଁ । ଖେଳ ସରିବା ଯାଏ ପଡିଆରେ ରହିଥାଏ । ପଞ୍ଜାବୀ କବାଡି ୧୨ ମିଟର ବ୍ୟାସ ବିଶିଷ୍ଟ ଗୋଲାକାର ପଡିଆରେ ଖେଳାଯାଇଥାଏ । ବିଭିନ୍ନ ଦେଶରେ କବାଡି ଖେଳର ନିୟମ ଭିନ୍ନ ଭିନ୍ନ । ତେବେ ପୁରୁଷ ଖେଳାଳିମାନେ ୧୦ମି.ଦୈର୍ଘ୍ୟ ଓ ୧୦ମି. ପ୍ରସ୍ଥ ବିଶିଷ୍ଟ ପଡିଆରେ ଓ ମହିଳା ଖେଳାଳୀମାନେ ୧୨ମି.ଲମ୍ବ ଓ ୮ମି. ପ୍ରସ୍ଥ ପଡିଆରେ ଖେଳିଥାନ୍ତି। କବାଡି ଖେଳ ପାଇଁ ଦୁଇଟି ଦଳର ଆବଶ୍ୟକତା ଥାଏ । ଖେଳ ପଡିଆକୁ ଦୁଇ ଭାଗରେ ବିଭକ୍ତ କରାଯାଇ ମଝିରେ ଗୋଟିଏ ସରଳରେଖା ଟଣା ଯାଇଥାଏ। ଏହାକୁ ଗଡ କୁହାଯାଏ । ପ୍ରତ୍ୟେକ ଦଳକୁ ଗୋଟିଏ ଭାଗ ଦିଆଯାଏ । ଦଳରେ ଆଠ ଜଣ ଲେଖାଏଁ ଖେଳାଳୀ ଖେଳନ୍ତି। ଏହି ଖେଳ ୪୫ ମିନିଟ ଖେଳାଯାଏ। ପ୍ରତ୍ୟେକ ଦଳ ୨୦ ମିନିଟ ଲେଖାଏଁ ଓ ୫ ମିନିଟ ଖେଳାଳୀ ବିଶ୍ରାମ ନିଅନ୍ତି। ଗୋଟିଏ ଦଳର ଜଣେ ଖେଳାଳୀ କବାଡି..କବାଡି ରାହା ଧରି ଗଡକୁ ଛୁଇଁ ଅପର ପକ୍ଷକୁ ଆକ୍ରମଣ କରେ । ଯଦି ସେ ଅପର ପକ୍ଷର କାହାକୁ ଛୁଇଁ ନିଜ ଦଳକୁ ଫେରି ଆସେ ତେବେ ଛୁଆଁ ଯାଇଥିବା ଖେଳାଳି ଖେଳରୁ ବାହାରି ଯାଏ । ପ୍ରତିପକ୍ଷ ଦଳର ଖେଳାଳୀ ଯଦି ମିଶି ରାହା ଧରିଥିବା ଖେଳାଳୀକୁ କାବୁ କରି ଦିଅନ୍ତି ତେବେ ସେ ମଧ୍ୟ ଖେଳରୁ ବାଦ୍ ପଡେ। ଦୁଇ ଦଳର ଖେଳାଳି ହାରିଗଲେ ଖେଳ ଡିସ୍ମିସ୍ ହୁଏ । ଜିତିଥିବା ଦଳ ପୁରସ୍କାର ନେଇ ହିପ୍ ହୁରରେ କରି ଖୁସିରେ ଘରକୁ ଯାଆନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ରଜ ଅବସରରେ ପୁରୁଷମାନଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା ହେଉଥିଲେ ମଧ୍ୟ ଯାଜପୁର କବାଡି ଆସୋସିଏସନ ପକ୍ଷରୁ ଦୀର୍ଘ ୬୮ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି ମହିଳାମାନଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା। ଦେଢ ଶହରୁ ଉର୍ଦ୍ଧ୍ୱ ମହିଳା ଏହି କବାଡି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବାବେଳେ ପୁରୁଷମାନଙ୍କ ସହ ହଜାର ହଜାର ମହିଳା ଖେଳାଳି ମାନଙ୍କୁ ଉତ୍ସାହିତ କରିଥାନ୍ତି । ସେହିପରି ଲୋପ ପାଇ ଯାଉଥିବା ଖେଳକୁ ଉଜ୍ଜୀବିତ ରଖିବା ପାଇଁ ଛତିଶଗଡରେ କିଛି ବର୍ଷ ତଳେ ଛତିଶଗଡିଆ ଅଲମ୍ପିକ୍ ଆୟୋଜନ ହୋଇଥିଲା। ମହିଳାମାନେ ଶାଢି ପିନ୍ଧି ଦୁଇ ଦଳରେ କବାଡି ଖେଳିଥିଲେ । ସାଧାରଣତଃ ବିଭିନ୍ନ ଖେଳରେ ଭାଗ ନେଉଥିବା ମହିଳାମାନେ ଖେଳ ସମ୍ପର୍କୀୟ ପୋଷାକ ପିନ୍ଧିଥାନ୍ତି। ତେବେ ଏଠାରେ ମହିଳାମାନେ ଶାଢି ପିନ୍ଧି କବାଡି ଖେଳିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ରଜରେ ଦୋଳି ଖେଳିବା, ପିଠା ଖାଇବା, ନୂଆବସ୍ତ୍ର ପିନ୍ଧିବା ସହ ମହିଳାମାନେ କବାଡି ଖେଳ ଦେଖିବା ଓ ଖେଳିବାରେ ଯେ ଆନନ୍ଦ ନିଅନ୍ତି ତାହା ନିଃସନ୍ଦେହ । ପୁରୁଣା ପରମ୍ପରାକୁ ବଞ୍ଚାଇବାର ଏ ପ୍ରୟାସ ଅଭିନନ୍ଦନୀୟ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ
ଓଁ ନାମ ମହାତ୍ମ୍ୟ



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ତ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ

ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଳାକମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ତକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ତକର
ନିଷ୍ଠେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ତମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# ଓଡ଼ିଶାର ଗଣପର୍ବ ରଜ



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ-୭୮୪୬୯୨୧୪୦୦

ଭାରତ ବର୍ଷର ପରମ୍ପରା ଅତି ପ୍ରାଚୀନ। ସେଥିମଧ୍ୟରୁ ଓଡ଼ିଶାର କଳା, ସଂସ୍କୃତି, କାରୁକାର୍ଯ୍ୟ, ପର୍ବପର୍ବାଣୀ ବିଶ୍ୱ ଦରବାରରେ ଚିରବନ୍ଦନୀୟ।



ବାରମାସରେ ଏଠାରେ ତେର ପର୍ବ ପାଳିତ ହୁଏ। ଏହି ରଜପର୍ବ ହେଉଛି ଏକ କୃଷି ଭିତ୍ତିକ ପର୍ବ। ଜାତି, ଧର୍ମ, ବର୍ଣ୍ଣ ଓ ନିର୍ବିଶେଷରେ ଏହି ପର୍ବ ସମସ୍ତ ପୁରପଲ୍ଲୀରେ ମହା ଆଡ଼ମ୍ବରରେ ପାଳିତ ହୋଇଥାଏ। କର୍ମକ୍ଳାନ୍ତ ମଣିଷଟିଏ ଯେତେବେଳେ କାମ କରି କ୍ଳାନ୍ତି ଅନୁଭବ କରେ ଏହି ପର୍ବପର୍ବାଣୀ ତାକୁ ଖୁବ୍ ଆନନ୍ଦ ଦିଏ। କେଉଁ ଆଦିମ କାଳରୁ ମଣିଷ ଯେତେବେଳେ ଗ୍ରାମୀଣ ଗୋଷ୍ଠୀଜୀବନ ପାଳୁଥିଲା ସେବେଠାରୁ ଏହି ପର୍ବ ପାଳନ କରିଆସୁଛି। କେଉଁ ବୈଦିକ ଯୁଗରୁ ପୃଥିବୀକୁ ଆମେ ମାତାରୂପେ ପୂଜାଅର୍ଚ୍ଚନା କରି ଧରାକୁ ଶସ୍ୟଶ୍ୟାମଳା କରିବା ପାଇଁ ଆରାଧନା କରିଥାଉ। ଏହି ବିଧି ଇତିହାସରେ ମଧ୍ୟ ଦେଖାଯାଏ, ଏହା ମଧ୍ୟ ସମସ୍ତେ ବିଶ୍ୱାସ କରନ୍ତି ଯେ ଏହି ରଜପର୍ବରେ ୩ ଦିନ ଧରି ପ୍ରକୃତିରାଣୀ ରଜସ୍ୱଳା ହୁଏ। ଏହାପରେ ସେହି ପ୍ରକୃତିରାଣୀ ହୁଏ ସୃଜନଶୀଳା। ତେଣୁ କରି ଏହି ତିନିଦିନ ପୃଥିବୀ ମା'କୁ ଆମେ ବିଶ୍ରାମ ଦେଇଥାଉ। ପ୍ରଥମ ଦିନଟିକୁ ପହିଲି ରଜ ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିନକୁ ଭୂମିଦାହ ବୋଲି କୁହାଯାଏ।

ଆଜିର ମଣିଷ ଯେତେ ମଙ୍ଗଳ ଗ୍ରହକୁ ଯାନ ପଠାଇଲେ ମଧ ଏବଂ ଚନ୍ଦ୍ରପୃଷ୍ଠରେ ଘର କରିବାର ସ୍ୱପ୍ନ ଦେଖିଲେ ମଧ ପୃଥିବୀ ମା' ମାଟିକୁ ପୂଜା କରୁଛି। ମାଟିକୁ ଆଉ ପ୍ରକୃତିକୁ ଛାଡ଼ିଦେଲେ ତା'ର ସ୍ଥିତି ଅସମ୍ଭବ। ମୃତ୍ତିକା ଏବଂ ମୌସୁମୀ ଉପରେ ସେ ନିର୍ଭର ନକରି ରହିପାରୁନି। ପ୍ରଥମ ଦିନଟିକୁ ଆମେ ସଜବାଜ ରୂପେ ପାଳନ କରିଥାଉ। ନିଜର ଦୈନନ୍ଦୀନ କର୍ମଜଞ୍ଜାଳରୁ ଟିକିଏ ଅବସର ନେଇ ଗାଁଠୁ ସହର ଯାଏ ସମସ୍ତେ କି ବୁଢ଼ା କି କୈଶୋର କି କୁଆଁରୀ ଝିଅ ବୋହୂ ସମସ୍ତେ କ୍ରୀଡ଼ା। କୌତୁକ, ଆମୋଦ ପ୍ରମୋଦ ଆଳାପ ଆଲୋଚନା ମଧ୍ୟରେ ଏହି ଦିନ ତିନୋଟିକୁ ମୁହାଖୁସି ଆନନ୍ଦରେ ପାଳିଥାନ୍ତି। ନାଚ, ଗୀତ, ପଶା, ବାଗୁଡ଼ି, ତାସ ଇତ୍ୟାଦି ଖେଳି ଖୁସି ହୁଅନ୍ତି। ପ୍ରତ୍ୟୁଷରୁ କୁଆଁରୀ ଝିଅ ବୋହୂ ଉଠି ସଜବାଜ ହୋଇ ପୋଡ଼ପିଠା ପ୍ରସ୍ତୁତ କରି ଖାଆନ୍ତି ଏବଂ ସାହି ପଡ଼ିଶା ସବୁଆଡ଼େ ବାଣ୍ଟି ଆନନ୍ଦ ପାଆନ୍ତି। କେବଳ ପୋଡ଼ପିଠା ନୁହେଁ ଆହୁରି ଅନେକ ପ୍ରକାର ପିଠାପଣା ଯେମିତିକି, କାକରା, ଏଣ୍ଡୁରୀ ଚକୁଳି, ଆରିସା, ମଣ୍ଡା, ଚିତଉ ପିଠା ଇତ୍ୟାଦି ଘରେ ଘରେ ତିଆରି କରି ସମସ୍ତେ ଏକାଠି ହୋଇ ଖାଇ ଖୁସି ହୁଅନ୍ତି। କୁଆଁରୀ ଝିଅମାନଙ୍କ ପାଇଁ ସବୁଠୁ ବଡ଼ ଆକର୍ଷଣ ହେଉଛି ରଜଦୋଳି। ଏହି ରଜଦୋଳିର ଗୀତ ତୋଟାବଣରୁ ଭାସି ଆସୁଥାଏ।

**'ବନସ୍ତେ ଡାକିଲା ଗଜ**
**ବରଷକେ ଥରେ ଆସିଛି ରଜ**
**ଆସିଛି ରଜଲୋ;**
**ଘେନି ନୂଆ ସଜବାଜ**
**ଦୋଳି ହେଲା କଟମଟ**
**ମୋ' ଭାଇ ମୁଣ୍ଡରେ ସୁନା**
**ମୁକୁଟ,**
ସୁନା ମୁକୁଟ ଲୋ ଦିଶୁଥାଇ ଝଟଝଟ।'

ଏହିଭଳି ପଲ୍ଲୀଗୀତ ସବୁ ଆମ୍ବତୋଟାରୁ ଭାସିଆସି ପୁରପଲ୍ଲୀକୁ ଆହୁରି ଉତ୍ସବମୁଖର କରିଦିଏ। ସତରେ ପର୍ବ ନ ଥିଲେ ଆମ ପାରିବାରିକ ତଥା ଗୋଷ୍ଠୀଜୀବନ ଏତେ ଆନନ୍ଦ ଉଲ୍ଲାସମୟ ହୋଇନଥାନ୍ତା। କୁଆଁରୀକନ୍ୟାଙ୍କ କଣ୍ଠରୁ ସୁଲଳିତ ସଙ୍ଗୀତର ମୂର୍ଚ୍ଛନା ସତରେ ଆମ ଗ୍ରାମୀଣ ଜୀବନକୁ ଆହୁରି ମଧୁମୟ କରିଦିଏ।

ଖାଲି ସେତିକି ନୁହେଁ, ଏହି ରଜପର୍ବରେ ପ୍ରତ୍ୟୁଷରୁ ସ୍ତ୍ରୀ ଓ କୁଆଁରୀ ଝିଅମାନେ ପୋଖରୀ ତୁଠରେ ସ୍ନାନାଦି ନିତ୍ୟକର୍ମ ସାରି ବିଭିନ୍ନ ପ୍ରକାର ବେଶଭୂଷାରେ ନିଜକୁ ମଣ୍ଡିତ କରି ନୂତନ ବସ୍ତ୍ର ପରିଧାନ କରି ମୁଣ୍ଡରେ ଟିପିଟିପି ଚନ୍ଦନ ଟୋପା, ପାଦରେ ଅଳତା, ମଥାରେ କୁଙ୍କୁମ କେଶରେ ନାଲି ରିବନ ଫିତା, ଗଜରା ଫୁଲ ମାଳ, ଶରୀରରେ ଅତର, ଆଖିରେ କଜ୍ଜଳ ଆଦିରେ ସୁସଜ୍ଜିତ ହୋଇ ଖୁସିରେ ପାଳିଥାନ୍ତି। ରଜପାନ ମଧ୍ୟ ରଜପର୍ବର ଆଉ ଏକ ବୈଶିଷ୍ଟ୍ୟ। ସୁସ୍ୱାଦୁ ପୋଡ଼ପିଠା ସହ ମିଠାମସଲା ଦିଆ ପାନ ଖାଇ ବହୁତ ଖୁସି ହୋଇଥାନ୍ତି। ଆବାଳ ବୃଦ୍ଧବନିତା ଖାଲି ପାନ କି ପୋଡ଼ପିଠା ନୁହେଁ। ଏହା ସହ ବିଭିନ୍ନ ପ୍ରକାରର ପାଚିଲା ଫଳ ଯେମିତିକି ପାଚିଲା ଆମ୍ବ, ପଣସ, ସପୁରୀ, ସେପଟା, ଜାମୁରୋଳ, ପିଜୁଳି, କେନ୍ଦୁ, ତାଳ, ଲିଚୁ, ଜାମୁ ଆଦି ଫଳ ଖାଇ ସମସ୍ତେ ଆନନ୍ଦ ମୁଖର ହୋଇଥାନ୍ତି। ତୃତୀୟ ରଜଦିନ କୁଆଁରୀ ଝିଅମାନେ ଆଉ ଭୂମିରେ ଚାଲନ୍ତି ନାହିଁ ତେଣୁ ସେମାନେ ଗୁଆଗଛର ବଳ୍କଳକୁ ପାଦୁକା ସଦୃଶ ଏବଂ କଦଳୀ ଗଛର ବାହୁଙ୍ଗାରୁ ପ୍ରସ୍ତୁତ ପାଦୁକାକୁ ବ୍ୟବହାର କରିଥାନ୍ତି। ତୃତୀୟ ଦିବସକୁ 'ଭୂମିଦାହ' ନାମରେ କଥିତ ହେଉଥିବାରୁ ସେଦିନ ଭୂମିକୁ ଆଘାତ ନ ଦେଇ ବିଶ୍ରାମ ଦିଆଯାଏ। ରଜର ଶେଷଦିନ ଅର୍ଥାତ୍ ଚତୁର୍ଥଦିନ ପ୍ରତ୍ୟୁଷରେ ପ୍ରତ୍ୟେକ ବୋହୂ ତାଙ୍କ ଅଗଣାରେ କାଠ ଉପରେ କୃଷି ଉପକରଣ ଯେମିତିକି ଦାଆ, ଲଙ୍ଗଳ, ଲୁହା, ଶିଳପୁଆ, କଳସ ଆଦି ସ୍ଥାପନ କରି ଭୂମିକୁ ହଳଦୀ ପାଣିରେ ସ୍ନାନ କରାଇ ସିନ୍ଦୂର ଚନ୍ଦନ ଫୁଲ ଦେଇ ପୂଜା କରନ୍ତି। ଏହାକୁ ବସୁମତୀ ସ୍ନାନ କୁହାଯାଏ। ଏହାପରେ ସମସ୍ତ ଆଳସ୍ୟ, ଉପଭୋଗ, ଆମୋଦ ପ୍ରମୋଦକୁ ପରିତ୍ୟାଗ କରି ଚଷାଭାଇ କ୍ଷେତକୁ ଯାଏ ସାଙ୍ଗରେ ଧରି ନୂତନ କର୍ମପ୍ରେରଣା। ଏହାପରେ ମାଟି ମା'କୁ ଓଦା କରି ଆକାଶରୁ ଝରିପଡ଼େ ପହିଲି ବର୍ଷା। ପହିଲି ବର୍ଷାରେ ମାଟି ମା'ର ସୁଗନ୍ଧିତ ବାସ୍ନାରେ ପୁରପଲ୍ଲୀ ମହକି ଯାଏ। କିଆ ବୁଦାମୂଳେ ବେଙ୍ଗ ବେଙ୍ଗୁଲି ରାବ ଦିଅନ୍ତି। ପୋଖରୀ, ନାଳ, କୂଅ, ଗଡ଼ିଆ ସବୁଠି ଭରିଯାଏ ପହିଲି ଆଷାଢ଼ର ବର୍ଷା।

ଏହି ପର୍ବ ସବୁ ପୁରପଲ୍ଲୀର ଲୋକମାନଙ୍କ ଭିତରେ ଶାନ୍ତି, ମୈତ୍ରୀ, ବନ୍ଧୁତ୍ୱ, ସୌହାର୍ଦ୍ଦ୍ୟ ଭରି ଦେଇ ଏକତାର ବନ୍ଧନରେ ବାନ୍ଧିଦିଏ। ଆଧୁନିକତା ପାଶ୍ଚାତ୍ୟକରଣ ଏବଂ ଜଗତକରଣ ଆଳରେ ଆଜି ଆମମାନଙ୍କ ଜୀବନଶୈଳୀରେ ଘୋର ପରିବର୍ତ୍ତନ ଦେଖାଯାଇଛି। ସତକଥା ହେଉଛି ଆଜିର ମଣିଷ ଆଉ ମାଟି ମା'କୁ କି ପ୍ରକୃତିକୁ ପୂଜା କରୁନି ତେଣୁ ଅନେକ ଭୟଙ୍କର ବ୍ୟାଧିର ଶିକାର ହେଉଛି। ପ୍ରକୃତି ଏବଂ ମଣିଷ ପରସ୍ପର ଅଙ୍ଗାଙ୍ଗୀଭାବେ ଜଡ଼ିତ। ମଣିଷ ଯଦି ପ୍ରକୃତିଠାରୁ ନିଜକୁ ଦୂରେଇ ନେବ ତେବେ ସେ ନଷ୍ଟ ହୋଇଯିବ ଏହା ସତ୍ୟ। ଆଜିର ଆଧୁନିକ ମଣିଷ ଆଜି ପ୍ରକୃତିକୁ ନଷ୍ଟ କରି ସୃଷ୍ଟି କରି ଚାଲିଛି କଂକ୍ରିଟ୍ ଜଙ୍ଗଲ। ଫଳରେ ଆପଣା ହସ୍ତେ ଜିହ୍ୱାଛେଦି ତା'ର କେ ଅଛି ପ୍ରତିବାଦୀ ଭଳି ପରିସ୍ଥିତି ଆଜି ସୃଷ୍ଟି ହୋଇଛି। ଆଧୁନିକ ସ୍ୱେଚ୍ଛାଚାରୀ ମଣିଷ ଏବେ ଚନ୍ଦ୍ରରେ ଘର କରିବାର ସ୍ୱପ୍ନ ଦେଖିଲାଣି ଆଉ ମାଟି ମା'କୁ ପୂଜା କରିବାକୁ ସେ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବୋଲି କହିବାକୁ ମଧ ପଛାଉନାହିଁ। କିନ୍ତୁ ଆଜିର ଏହି ଅତ୍ୟାଧୁନିକ ମଣିଷ ଯଦି ମୃତ୍ତିକା ଓ ମୌସୁମୀର ଆଦର ନ କରେ ପ୍ରକୃତିଠାରୁ ଦୂରେଇ ଯାଇ ନିଜର ସ୍ଥିତି କଥା ଭାବୁଥାଏ ତେବେ ଏହି ମାନବସଭ୍ୟତାର ଧ୍ୱଂସ ଠିକ୍ ପୃଥିବୀରେ ଡାଇନୋସର ପ୍ରାଣୀଭଳି ହେବ। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତେଣୁ ହେ ଦିବ୍ୟ ମାନବ ବେଳ ଥାଉ ଥାଉ ସୁଧୁରି ଯିବା ନିଜ ପାଇଁ ଏବଂ ସମଗ୍ର ବିଶ୍ୱ ପାଇଁ ମଙ୍ଗଳମୟ। ଏ ମଣିଷ ଜାତି ପ୍ରକୃତି ମା'କୁ ଓ ମାଟିକୁ ଭଲ ପାଉ ଏହା ହିଁ ଆଜି ରଜପର୍ବରେ ପ୍ରକୃତି ମା'ର ତା'ର ସନ୍ତାନମାନଙ୍କୁ ଆହ୍ୱାନ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ପବିତ୍ର ପାପ



ରତ୍ନକାନ୍ତି ମିଶ୍ର

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜ ପାଇଁ ଘର ଖଣ୍ଡିଏ ପାଇବାର ଦାବି ନେଇ ନର୍ଦ୍ଦିଷ୍ଟ ସରକାରୀ ଅଫିସରେ ପହଞ୍ଚିଲେ ବୃଦ୍ଧ ଜଣକ । ନିଜର ମାଗୁଣି ପୁରା କରିବାର ଅଭିପ୍ରାୟ ନେଇ ଘର ଖଣ୍ଡିଏ ପାଇବାକୁ ହେଲେ ଆବଶ୍ୟକତା ଥିବା ଆବେଦନ ପତ୍ର ବି ତାଙ୍କ ଝୁଲା ବ୍ୟାଗରେ ସୁରକ୍ଷିତ ଥିଲା ।

ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବହୁତ କାକୁତି ମିନତି ହେବା ପରେ ବୃଦ୍ଧ କୌଣସି ମତେ ହାଜର ହେଲେ ସଚିବଙ୍କ ସାମ୍ନାରେ । ନିଜ ପୁଅ ବୋହୂଙ୍କ ଦ୍ୱାରା ନିର୍ଯାତିତ ହୋଇ ସେ ଗୋଟିଏ ଭଙ୍ଗା ଝୁମ୍ପୁଡି ଘରେ ରହୁଛନ୍ତି ବୋଲି ଭିଜିଲା ଭିଜିଲା ସ୍ୱରରେ ସଚିବଙ୍କୁ କହିଲେ ।

ବୃଦ୍ଧଙ୍କ ଲୁହ ଛଳଛଳ ଆଖିକୁ ଦେଖି ଦୟାର୍ଦ୍ର ହୃଦୟର ସଚିବଙ୍କ ଆଖିରେ ମଧ୍ୟ ଲୁହ ଘୋଟି ଆସିଲା । ଅନୁସନ୍ଧାନ ଏବଂ ସାକ୍ଷୀ ପ୍ରମାଣ ଆଧାରରେ ସେ ହୃଦୟଙ୍ଗମ କଲେ ଯେ, ବୃଦ୍ଧ ପ୍ରକୃତରେ ଏଇ କେତେ ଦିନ ହେବ ପୁଅ ବୋହୂଙ୍କ ଠାରୁ ଅଲଗା ରହୁଛନ୍ତି ଏବଂ ବହୁ କଷ୍ଟରେ ଚଳୁଛନ୍ତି । ଏଇ ମାତ୍ର ଦୁଇ ମାସ ଆଗରୁ ପୁଅ ବାହାଘର ହୋଇଥିଲା ବୋଲି ସଚିବ ମଧ୍ୟ ଜ୍ଞାତ ହେଲେ । ଅତଏବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ବୃଦ୍ଧ ଜଣଙ୍କ ଯୋଗ୍ୟ ବିବେଚିତ ହେଲେ ।

ସଚିବଙ୍କୁ ଧନ୍ୟବାଦ ଜଣାଇବା ପାଇଁ ବୃଦ୍ଧ ଜଣଙ୍କ ଦିନେ ଅଫିସରେ ପହଞ୍ଚିଲେ । ତାଙ୍କ ଇଚ୍ଛା ପୂରଣ କରିଥିବାରୁ ସଚିବଙ୍କୁ ଅନେକ କଲ୍ୟାଣ କଲେ । ସେତେବେଳକୁ ସଚିବ ଯେମିତି ଖୁସିରେ ବିଗଳିତ ହୋଇ ସାରିଥିଲେ । ବୃଦ୍ଧଙ୍କୁ ପଚାରି ବସିଲେ ତାଙ୍କ ଅପଦାର୍ଥ ପୁଅ ବିଷୟରେ ।

ବୃଦ୍ଧଙ୍କ ଆଖିରୁ ଏଥର ଝରି ପଡିଲା ଟୋପା ଟୋପା ଲୁହ ।

– ନା ବାବୁ, ମୋ ପୁଅକୁ କିଛି ଖରାପ ଭାବନ୍ତୁ ନାହିଁ । ଏମିତିକା ପୁଅ ପରା ଭାଗ୍ୟରେ ଥିଲେ ମିଳେ । ମୋ ବୋହୂ ବି ଖୁବ୍ ଭଲ । ସେମାନେ ନିଜେ ପଛକେ ଅସୁବିଧାରେ ରହିବେ, ମୋ କଥା ଠିକ୍ ଠାକ୍ ବୁଝନ୍ତି । ଖୁବ୍ ଯତ୍ନ ନିଅନ୍ତି ମୋର ।

ସଚିବ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ବୃଦ୍ଧଙ୍କ ମୁହଁକୁ... !!

– ପୁଅର ବାହାଘର ପରେ ସେଇ ବଖୁରିକିଆ ଘରେ ଆମେ ତିନିଜଣ ରହିବାକୁ ଅସୁବିଧା ହେଉଛି । ଘର ବାହାର ପିଣ୍ଡାରେ ମୁଁ ଶୋଇବାକୁ ଚାହିଁଲେ ସେମାନେ ମନା କରୁଛନ୍ତି । ପୁଅ ବୋହୂଙ୍କୁ ମିଛ କହି ଦୁଇ ଦିନ ଘରକୁ ନଆସି ଗାଁ ମୁଣ୍ଡ ଦୋକାନ ପିଣ୍ଡାରେ ଶୋଇଲି ତ ସେମାନେ ଜାଣିଲେ ସେଇଦିନ ବୋହୂ ମୋତେ ରାଣ ପକେଇ ମନା କରିଛି ଆଉ କେଉଁଠାରେ ଶୋଇବାକୁ । ସେଇଥିପାଇଁ ସେମାନଙ୍କ ଶତ ବାରଣ ସତ୍ତ୍ୱେ ଝୁମ୍ପୁଡିଟିଏ କରି ମୁଁ ସେଇଠି ଶୋଉଚି । ଏତିକି ବେଳକୁ ବୃଦ୍ଧ କାନ୍ଧରେ ପଡ଼ିଥିବା ମଳିଚିଆ ଗାମୁଛାରେ ଆଉଥରେ ଲୁହ ପୋଛିଲେ ।

– ତୁମେ ମୋତେ ସତକଥା କାହିଁକି କହିନଥିଲ ସେଦିନ? କୌତୂହଳ ବଶତଃ ପଚାରିଲେ ସଚିବ ।

– ହଁ ବାବୁ ମୁଁ ମିଛ କହିଥିଲି ବୋଲି ମନକୁ ପାପ ଛୁଇଁଲା । ଆଜି ସେଇଥିପାଇଁ ଆସିଛି କ୍ଷମା ମାଗିବା ପାଇଁ... ! ଆବାସ ଲିଷ୍ଟରୁ ମୋ ନାଁ କାଟି ଦେବେ ଯଦି କାଟି ଦିଅନ୍ତୁ ଆଜ୍ଞା.. ବୃଦ୍ଧ ଏଥର ଫେରିବାକୁ ଅନୁମତି ଚାହିଁଲେ । ସଚିବ ନିର୍ବାକ୍ ହୋଇ ଚାହିଁ ରହିଥିଲେ ଜଣେ ପୂଜାସ୍ପଦ ବାପାଙ୍କ ସରଳ ଆଖି ଦୁଇଟିକୁ... !!!

*ଆଳି, କେନ୍ଦ୍ରାପଡା*

## ଦୁର୍ଗମପଥ



*ଶରତ ଦାଶ*

ପଚାରନି ରାତି ପାହିଲା କି ନାହିଁ
କୁଆ ନ କରୁଣୁ କାଆ
ଆଖି ଖୋଲିଦେଲେ ଅନ୍ଧାର ହଟେନା
ଆଲୋକିତ ନୁହେଁ ରାହା

ଧରାର ଅନ୍ଧାର ହୁଏ ଅନ୍ତର୍ହିତ
ସୂରୁଜ ଉଇଁଲେ ନଭେ
ମନର ଅନ୍ଧାର ତଥାପି ବହଳ
ଦୂର ହୁଏନାହିଁ କେବେ

ମନ ଅନ୍ଧାରକୁ ଦୂର କରିବାକୁ
ଜ୍ଞାନର ପ୍ରଦୀପ ଲୋଡା
ଦୁର୍ଗମ ପାହାଡ଼ ରାସ୍ତା ଚାଲିବାକୁ
ଆବଶ୍ୟକ ହୁଏ ଘୋଡ଼ା
ଧୈର୍ଯ୍ୟ ଧରି ଚାଲିବାକୁ ହୁଏ ସଦା
ଜୀବନ ଅଗମ୍ୟ ପଥ
ଯେତେ ବାଧା ବିଘ୍ନ ବିପଦ ଆପଦେ
ହୋଇ ଧୀର ସ୍ଥିରଚିତ୍ତ
କାମନା ବାସନା ଆଣେ ପ୍ରତିବନ୍ଧ
ପଥରେ ପଥର ହୋଇ
ଓଗାଳେ ବାଟକୁ କରି ଆନମନା
ମନକୁ କରଇ ବାଇ
ଆୟ କରିଲେ ଉଦଭ୍ରାନ୍ତ ମାନସ
ଧର୍ମପଥେ ଅଗ୍ରଗତି
କରିବା ନୁହଁଇ ଆୟାସଜନକ
ହେଉ ଦିବସ ବା ରାତି
ହୃଦୟରେ ସ୍ଥିତ ଅନାଦି ଅଚ୍ୟୁତ
ଅନୁଭବରେ ପ୍ରାପତ
ତାଙ୍କ ପ୍ରେମେ ମଜ୍ଜି ଭକତିରେ ହଜି
ପ୍ରତିଷ୍ଠା କରିବା ସତ୍ୟ ।

*ଭୁବନେଶ୍ୱର*

## ଝିଅର ବାପା



*ମୀନକେତନ ପଶାୟତ*

ବାପା ହେବା କ'ଣ କମ କଥା କି ?
ପୁଣି ଝିଅର ବାପା ହେବା
ମାନେ ମାଟିକୁ କୋଳେଇ ଧରିବା
ମୁଣ୍ଡରେ ଆନନ୍ଦର ପଗଡ଼ି ବାନ୍ଧି
ଜୀବନ ବଗିଚାରେ
ବିଶ୍ୱାସର ଫୁଲଟିଏ ଫୁଟେଇବା

ଝିଅ ସାମ୍ନାରେ ଥିଲେ
ଲାଗେ ପୃଥିବୀ ହସୁଛି
ଦୂରକୁ ଗଲେ
ଲାଗେ ଆକାଶ ଖସୁଛି

ଭରି ସୁନ୍ଦର ଲାଗେ
ଚାନ୍ଦ ପରି ତା କଅଁଳ ମୁହଁ
ତା କୁନିକୁନି ହାତର ପରଶ
ତା ଫିସଫିସ କଥାର ମହକ
ତା ଟିକିଟିକି ପାଉଁଜିର ରୁଣୁଝୁଣୁ ଶବ୍ଦ
ନାନବାୟା ଗୀତରେ
ସେ ଯେବେ ଶୋଇପଡେ
ତା ଈଷତ ଗୋଲାପି ଓଠରେ
ଲଟକି ଥାଏ
ଯୋଉ ଚେନାଏ ମଲ୍ଲିଫୁଲିଆ ହସ
ଭାରି ସୁନ୍ଦର ଲାଗେ
ଜହ୍ନପରି ତାର ରୂପେଲି ମୁହଁ

ବାପାର ଶକ୍ତ ଅଙ୍ଗୁଳିରେ
ତାର ବାଧାହୀନ ପାଦ

ବାପାର ପଥର ପରି ଛାତିରେ
ତାର କୋମଳ ଆବେଗ
ବାପାର ମୁଣ୍ଡର ଝାଳରେ
ତା ସୁନାର ସଂସାର
ଝିଅର ବାପା ହିଁ
ଝିଅ ପାଇଁ ଆଙ୍କୁଥାଏ
ନିରାପଦ ଆଶ୍ରୟର
ଗୋଟିଏ କମନୀୟ ଚିତ୍ରପଟ୍ଟ

ବାପାର ଶକ୍ତି କି ସାମର୍ଥ୍ୟ
ତାର ନିଷ୍ଠା କି ପରାକାଷ୍ଠା
ସବୁ ତ ସମର୍ପିତ
ଆତଙ୍କର ଅନ୍ଧାର ଅରଣ୍ୟ ଭିତରେ
ଚିକମିକ ପତ୍ରରୁ ସାଉଁଟିବାକୁ
ଝିଅ ପାଇଁ ଆଞ୍ଜୁଳାଏ
ଶ୍ୟାମଳ ସୌଭାଗ୍ୟ

ଝିଅର ବାପା
ଝିଅ ପାଇଁ ହୋଇଯାଏ
କମ୍ର କୋଣାର୍କର କଳାର ଚାତୁରୀ
ତା ଅରି ପାଇଁ ପାଲଟିଯାଏ
କାଳସର୍ପର ଭୟର ଭଉଁରୀ
ବାପା ମାନେ ଏମିତି ହେବାକୁ ବାଧ୍ୟ
ଯେହେତୁ ତାଳପତ୍ର ମେଲୁଥିବା
ଦୁଇ କୂଳର
ଆଗାମୀ ବୋଧିଦ୍ରୁମ ପାଇଁ
ବାପାର କୋଳ ହିଁ
ଦିବ୍ୟ ମାଟିର ପୁରିଲା ପୁରିଲା ଦେଉଳ ।

*କ୍ୱା.ନ.- ଏଫ୍.ଏଲ.- ୧୧*
*ବାସନ୍ତୀ ନଗର, ରାଉରକେଲା- ୧୨*
*ମୋ-୯୯୩୭୮୭୭୫୨୯*

## କାହାକୁ ସୁନ୍ଦର କେମିତି



*କବି ଦୀନବଂଧୁ ବେଜ*

କ୍ଷେତକୁ ସୁନ୍ଦର ତ୍ୟାଗପୂତ ଚାଷୀ
ଘରକୁ ସୁନ୍ଦର ମରଦ,

ନେତ୍ରକୁ ସୁନ୍ଦର ପ୍ରକୃତି କଜ୍ଜଳ
ସୁଖିକୁ ସୁନ୍ଦର ଦରଦ

କାନକୁ ସୁନ୍ଦର ଆଧ୍ୟାତ୍ମିକ କଥା
କାନକୁ କୁଣ୍ଡଳ ଭଲ,
ପାଟିକୁ ସୁନ୍ଦର ଗୀତ ପ୍ରବଚନ
ପାନ ରହିଥିବା ଗାଲ

ପିଣ୍ଡାକୁ ସୁନ୍ଦର ବୁଢୀ ମା' ଥିଲେ
ହଣ୍ଡାକୁ ସୁନ୍ଦର ପିଠା,
କଣ୍ଠକୁ ସୁନ୍ଦର ସୁମଧୁର ଗୀତ
ଘରକୁ ସୁନ୍ଦର ଇଟା

ଖାଦ୍ୟ ସୁନ୍ଦର ସାତ୍ତ୍ୱିକ ଭୋଜନ
ଦେହକୁ ସୁନ୍ଦର ପୋଷାକ,
ମୁହଁକୁ ସୁନ୍ଦର ମୁଚୁକୁନ୍ଦ ହସ
ସାଙ୍ଗ ସୁନ୍ଦର ବିଶ୍ୱାସ

ଛାତ୍ରକୁ ସୁନ୍ଦର ଅନର୍ଗଳ ପାଠ
ଶ୍ରେଣୀକୁ ସୁନ୍ଦର ଶିଷ୍ଟତା,
ମନ୍ଦିର ସୁନ୍ଦର ଶାନ୍ତ ପରିବେଶ
ଗାଁକୁ ସୁନ୍ଦର ସ୍ୱଚ୍ଛତା ।

*ସହକାରୀ ଶିକ୍ଷକ, ସହିଦ ଲକ୍ଷ୍ମଣ ନାୟକ ହାଇସ୍କୁଲ, ମାଲକାନଗିରି, ଓଡ଼ିଶା, ଭାରତ*
*ସଂପର୍କ-୭୬୮୩୯୨୦୨୨୧*

## ରାଧା



*ସୁଜିତ କୁମାର ମିଶ୍ର*

ଅନ୍ତର ମନର ପୁଲକିତ ସ୍ୱର ଅରୂପର ପ୍ରେମଡୋରି,
ଅପ୍ରାକୃତ ଭାବ ନିର୍ଝରିଣୀ ସେ ତ ଅନୁରାଗ ମିଠାବାରି
ମନ ଆକାଶରେ ପ୍ରୀତିର ପୂର୍ଣ୍ଣିମା ମୋହନବଂଶୀର ଭାବ,
ରାଧା ନୂପୁରରେ ରୁଣୁଝୁଣୁ ଶବ୍ଦ ରସିକ ନାଗର ରାଗ

ହୃଦୟ ବାଟିକା ଝୁରେ ଅହରହ ହସକୁରୀ ଲୁହବନ,
ମଉନରାଗର ଭିଜା ଚିଠିରେ ତା ମଧୁଝରା ସମ୍ମୋହନ
ଚନ୍ଦ୍ରମା ଜୋଛନା ଝରିପଡୁଥାଏ ଚାତକ ପ୍ରତୀକ୍ଷା ଭାବେ,
ଯମୁନା ଉଛୁଳେ ଭିତରେ ଉଜାଣି ଜଳେ ଦୀପ ଛନ୍ଦରାଗେ

ମାନମୟୀ ଆଖି ପ୍ରତୀକ୍ଷା ଶ୍ରାବଣ ମୃଦୁ ସମୀରଣ ପାଇଁ,
ବିରହ ବର୍ଷାରେ ଭିଜେ ବିରହିଣୀ ବାତୁଲୀ ସରାଗ ନଇ
ଖାଁ ଖାଁ ଲାଗେ ସମୟର ସୁଅ କାହିଁଗଲେ ଶ୍ୟାମଘନ ?
କୁଞ୍ଜବନ ଦୋଳି ନିକୁଞ୍ଜ ନିରସ କୁଞ୍ଜଦେହେ କାହିଁ ପ୍ରାଣ ?

ରାସ ରସ ରଙ୍ଗ ଉଚ୍ଛ୍ୱସିତ ସଙ୍ଗ ରତୁଶ୍ରେଷ୍ଠ ରାଧାପ୍ରେମ,
କାମନା ବାସନା ରହିତ ଅପ୍ରାପ୍ତି କମ୍ର କଳଙ୍କିତ ନାମ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

## ରଜ ନଉକା ଭାସି ଯା'

*ଇଂ.ଅଭୟ ସୂତାର*



ଯା' ଯା'ରେ ଭାସିଭାସି ଯା'- ରଜ ନଉକା ଭାସି ଯା',
ଜାଭା, ସୁମାତ୍ରା, ବାଲିଦ୍ୱୀପରେ ରଜ କାହାଣୀ କହି ଆ' ।
ଆମ ରାଇଜ ଛାଡ଼ିଲେ ରଜ ଆଉ କେଉଁଠି ନାହିଁ ,
ତିନି ଦିନିଆ ରଜ ମଉଜ ସ୍ନେହ ବାଣ୍ଟିବା ପାଇଁ ।
ଶୁଣି ଯା'ରେ .....ନାଉରୀ ତୁ .... ଶୁଣି ଯା' ।
କହିବୁରେ ଯାଇ ରଜ ପୋଡ଼ପିଠା ମିଳେନାହିଁ ଦିଆନିଆ,
ନାଉରିଆ ତୁ ଶୁଣିଯା',
କହିବୁ ରଜ ଦୋଳିମଜା ।
ଝୁଲିଛି ଯିଏ ଜାଣିଛି ସିଏ କେମିତି ରଜ ଲାଗେ ତାଜା
ଯା' ଯାରେ ଭାସିଭାସି ଯା' ।
ଗାଆଁପଦାରେ ବାଗୁଡ଼ିଖେଳ ବାଜେ ମହୁରୀ ଢୋଲ
ଗାଆଁଦାଣ୍ଡରେ ଖେଳନ୍ତି ପୁଚି କୁଆଁରୀ ହୋଇ ମେଳ

ଶୁଣିଯା'ରେ ... ନାଉରୀ ତୁ .... ଶୁଣି ଯା',
ରଜ ପୋଡ଼ପିଠା ପାଚିଲା ପଣସ ଖିଆପିଆ ଦିଆନିଆ
ନାଉରିଆ ତୁ ଶୁଣି ଯା' ।
ବାରତା ମୋର ନେଇ ଯା',
ଜେଜେ ଖେଳନ୍ତି ତାଆସ ପାଲି,
ପୁରାଣ ବସି ପଢ଼େ ଅଜା
ଯା' ଯାରେ ଭାସି ଭାସି ଯା' ।
ରଜର ମିଠା ଆମ୍ବ ପଣସ ବୋହୂ ଆଣଇ ଭାର,
ବନ୍ଧୁବାନ୍ଧବ ଆସିବା ଯିବା ପୂରି ଉଠଇ ଘର ।
ଶୁଣି ଯା'... ନାଉରୀ ତୁ.... ଶୁଣି ଯା',
ନୂଆନୂଆ ରଙ୍ଗେ ବେଶ ପରିପାଟି
ହୋଇଥାନ୍ତି ସାଜସଜା-
ନାଉରିଆ ତୁ ଶୁଣି ଯା',
ଜାଣିବୁ ଯେବେ ରଜମଜା ।
ସବୁରି ପାଖେ ସଭିଙ୍କ କାନେ
ରଜ କଥା ତୁ କହି ଯା'... ।



*ସଭାପତି (କାର୍ଯକାରୀ), ଜିଲ୍ଲା ଲେଖକ ସାମ୍ମୁଖ୍ୟ, ଭଦ୍ରକ*
*ମୋ-୯୪୩୭୩୭୬୯୬୭, ୭୦୭୭୩୪୮୫୪୩*

## ବନ୍ଦନା

*ପ୍ରଦୀପ୍ତ ମହାନ୍ତି*



ଏମିତି ଅକ୍ଷମଣୀୟ ଅପରାଧ କଲୁ ଯେ
ମାସେ ନପୂରୁଣୁ ହାତ ଧରାଧରି ହୋଇ ଦିହେଁ ଚାଲିଗଲ !
ବର-ଅଶ୍ୱତଥ୍ ହେଇ, ହାତଧରି ବାଟ କଢ଼ାଉଥିଲ
ଅଶେଷ ଆନନ୍ଦ, ବୈଭବ, ଆଶୀର୍ବାଦ ଅଜାଡୁଥିଲ
ହେଲେ ଉପୁଡ଼ିଗଲ ମହାମହିମ ମହାଦ୍ରୁମ,
ମାଡିବସିଲା ରୌଦ୍ରତାପ, ଝଡ ବତାସ, ଅନାଥର ହୃଦ କମ୍ପନ
ସବୁଆଡେ, ସବୁଥିରେ ଶୁନ୍ୟତା, ଖାଁ ଖାଁ
ଘର ଅଛି, କୋଳାହଳ ନାହିଁ
ମାର୍ମିକ, ଧାର୍ମିକ, ଆଧ୍ୟାତ୍ମିକ ଉପଦେଶ ମିଳୁନି
ମଣିଷମାନେ ଅଛନ୍ତି, ଦେବତ୍ୱ, ଦିବ୍ୟତା ନାହିଁ
ସ୍ମୃତି କଲବଲ କରୁଛି, ହେଲେ ଆଖି ଖୋଜି ପାଉନି
ଛାୟାଚିତ୍ର ଅଛି, ପାଦ ଛୁଇଁ, ଆଶୀର୍ବାଦର ଗଙ୍ଗା ବହୁନି
କି ସେ ତାଗିଦ ଶୁଭୁନି 'ମୁଁ ଯାଉଛି କହନ୍ତିନି, କହ ମୁଁ ଆସୁଛି'
କରାଳ କାଳ କମ୍ପାଉଛି ମର୍ତ୍ତ୍ୟରେ ଥିଲେ ଦେହ ବହି,
ଦେବତା ଅବଶ୍ୟ ମରଇ
ହେଲେ ମନ ମାନୁନି, କୋହ ଥମୁନି
ଶ୍ମଶାନ ବୈରାଗ୍ୟ ଜୀବିକା, ଜୀବନକୁ ଗ୍ରାସିଦେଇ ଗାଉଛି ତଳ ବରଡ଼ା ଖସିଛି ...
ଶାଣ୍ଡିଲ୍ୟ ମହର୍ଷିଙ୍କର ଦିବ୍ୟ ବିମାନରେ
ପିତୃଲୋକ ଏବଂ ହିରଣ୍ୟାଲୋକଠୁ ବୈକୁଣ୍ଠ ଯାଏ,
ସେଇମିତି ଯୋଡିଜାଉଁଳି ହୋଇ ମିଶିଯାଅ ଓଁକାରରେ
ଅନନ୍ତ, ଅନାଦି, ଅପରିମେୟ ପରବ୍ରହ୍ମରେ ।

*ମୁମ୍ବାଇ*
*ମୋ- ୭୬୦୦୦୪୧୦୭୨*

## ଆସିଛି ରଜ

*କାଳି ଦାସ*



ମୋ ସହର ଆକାଶରେ କଳା କଳା, ମେଘ
ମିଠା ମିଠା ମାଟିର ବାସ୍ନା,
ଗୁଳଗୁଳି ପାଗ
ରଜ ଆସିଗଲା
ମିଠା ମିଠା ପିଠାର ବାସ୍ନା
ବନ୍ଧୁତାର ଆବେଗ
ଅବୁଝା ସରଳ ଆଖିପତାର ଚାହାଣିରେ
ରଜର ସଜ
ରଜ ନେଇ ଆସେ ପୁରୁଣା ଦିନର ସ୍ମୃତିକୁ
ଜୀବନର ଝଡ ଝଞ୍ଜା ସତେ ଯେମିତି ଥମି ଯାଏ
ଲାଭ ଓ କ୍ଷତିର ଅଙ୍କ କଷା ରହିଯାଏ
ମନେ ପଡେ ଶୈଶବ
ଗଛ ଡାଳରେ ବନ୍ଧା ଦୋଳି
ବାନ୍ଧବୀଙ୍କ ମେଳରେ ଲୁଚକାଳି
ସେ ସମୟ ଚାଲିଯାଇଛି, ମତେ ପଛରେ ପକାଇ
ଆଜି ପୁଣି ରଜ ଆସିଛି
ଆସୁମାରି ସ୍ୱପ୍ନ ଧରି
ଅନେକ ଶୈଶବଙ୍କ ମନକୁ ରଙ୍ଗୀନ କରୁଛି
ଫୁଲର ପାଖୁଡା ପରି
ଶିଶୁ ମାନେ ରଜକୁ ନେଇ ଖୁସି ହେଉଛନ୍ତି
ମୋ ସ୍ମୃତି ମତେ ଅଥୟ କରୁଛି
ଫେରି ଆସ ହେ ମୋର ଶୈଶବ
ପାଳିବି ମୁଁ ରଜର ଉତ୍ସବ
ଗଛ ଡାଳରେ ବନ୍ଧା ଦୋଳିରେ ଝୁଲିବି
ସାଙ୍ଗ ସାଥିକୁ ନେଇ ମୁଁ ବି ଖେଳିବି
ଭୁଲି ଯିବି ଆଜିର ଦାୟିତ୍ୱର ବୋଝ
ଜୀବନ ହୋଇଯିବ ମୋ ପାଇଁ ସହଜ ।

*ବ୍ରହ୍ମପୁର, ଖୋଡ଼ାସିଙ୍ଗ*
*କଳିଙ୍ଗନଗର,*
*ଫୋନ- ୭୨୦୫୧୦୦୮୩୯*

## ସରଗ ଆଖିରେ ଲୁହ ଜକେଇଲେ ....

*ରତ୍ନାକର ରାଉତ*



ସରଗ ଆଖିରେ ଲୁହ ଜକେଇଲେ
ମରତେ ଆନନ୍ଦ ଖେଳେ
ଆକାଶ ବୁକୁରେ ବିଜୁଳି ଖେଳିଲେ
ଆଶାର ଦୀପାଳି ଜଳେ
କଳାଶାଢ଼ି ପିନ୍ଧି କାଶତଣ୍ଡୀ ମେଘ
ଯେବେ ସାଜେ ବଧୂ ବେଶ
ପଟୁଆର ଦେଖି ଚାଷୀ ପୁଅ
ଓଠେ ଫୁଟି ଉଠେ ଧାରେ ହସ ।

ବାଣ ରୋଷଣୀରେ ଚମକଇ ଚଉଦିଗ
ଭାରି ଏ ବିଷମ ନିଦାଘ ସମୟ ଶେଷେ
କାଳୁଆ ପବନ ଛୁଇଁ ଛୁଇଁ ଯାଇ
ସଭିଙ୍କ ଅନ୍ତରେ ଆନନ୍ଦ ଖେଳାଏ
ମେଘୁଆ ମେଘୁଆ ପାଗ
କରକା ପାଣିରେ ଲୁଚଇ ଘିମିରି ଦାଗ ।

ମଲା ଶେଯପରୁ ଦୁବ ହସେ ଖିଲି ଖିଲି
ଖୋଲା ପଡ଼ିଆରେ ନାଗନାଗୁଣୀଙ୍କ
ଅଭିସାର ଚାଲେ
ସାରୁ ବୁଦାମୂଳୁ ରହି ରହି ଶୁଭେ
ବେଙ୍ଗ ବେଙ୍ଗୁଲିଙ୍କ ରଡ଼ି
ସବୁଜ ଘାସର ଗାଲିଚା ଉପରେ
ଲାଗି ରହିଥାଏ ସାଧବ ବୋହୂଙ୍କ ମେଳି ।

ଦୂର ଗଗନରେ ଇନ୍ଦ୍ରଧନୁର ଛବି
ମନ ମୋହିନିଏ ନିମିଷକ ପାଇଁ
ମେଘ ସୂରୁଜର ଲାଗିଥାଏ ଲୁଚକାଳି
କେତେବେଳେ ଖରା କେତେବେଳେ ଛାଇ

କେବେ କେବେ ବର୍ଷା ଅସରା ଅସରା
ଆଉ କେବେ ପୁଣି ଟୋପାଟିଏ ପାଣି
ଆକାଶରୁ ଝରେ ନାହିଁ ।

## ଏଥର ରଜ ଆସିଛି

*କବିତା ମହାନ୍ତି*

ରଜ ଆସୁଛି
ରଜ ମହକରେ ମୋ ଘର ହସୁଛି

ଆଗରୁ ଆଗରୁ ପାଳିଛି ରଜ
ପୁଅଙ୍କର ଅବା କି ସଜବାଜ !

ପୁଅ ମାନଙ୍କର ମା ହୋଇଛି
ହେଲେ ଝିଅ ଛୁଆଟିକୁ ମନ ଭିତରେ
ମୁଁ କେତେ ଖୋଜିଛି

କୁଆଁର ପୁନେଇଁ ରଜ ଆସିଲେ
ଅଳତା ଚନ୍ଦନ ଖାଲି ହସିଲେ

ପୋଡ଼ ପିଠା କ୍ଷୀରି ସତେ ବାସିବ
ଝିଅ ନଥିଲେ କି ଘର ହସିବ !!

ପୁଅଟିଏ ଥିଲେ ଭାଗ୍ୟ ତ ଆସେ
ହେଲେ ଝିଅଟିଏ ଥିଲେ ସୌଭାଗ୍ୟ ଆସେ

ଆଜି ମୋ ଘରର କୋଣ କୋଣ ହସୁଛି
ସତରେ ମୋ ଘରକୁ ରଜ ଆସିଛି

କୁନି କୁନି ପାଦେ ଅଳତା ତାର
ରୁମ ଝୁମ ପାଉଁଜିରେ କମ୍ପୁଛି ଘର

ମଥାରେ ଚନ୍ଦନ, ଓଠରେ ଲାଲି
ଦେଖ ତା ଠାଣି କି ଦୁଲୁକି ଚାଲି

ପିଠା ପଣା ସାଙ୍ଗେ ଖିଲି ପାନ ମଜା
ରଜ ଦୋଳି ମୋର ହୋଇବ ସଜା

ନାତୁଣୀ ରୂପରେ ଲକ୍ଷ୍ମୀ ଆସିଛି
ସତରେ ଏଥର ଘରକୁ ମୋ ରଜ ଆସିଛି ।

*ବମିଖାଲ, ଭୁବନେଶ୍ୱର*
*ମୋ- ୯୯୩୭୩୪୮୨୫୦*

## ରଜ ମଉଜ

*ରମାକାନ୍ତ ଦାସ*



ରଜ ଆସିଛି
ଆକାଶ ନଈରେ ବାଦଲ ଭାସୁଛି
ବାଦଲ ଅଙ୍ଗରୁ ବର୍ଷା ଝରୁଛି
ସବୁଜ ସୁନ୍ଦର ଧରଣୀ ଦିଶୁଛି
ଧରଣୀ ରାଣୀ ଫଳବତି ହୋଇଛି
ପହିଲି ଆଷାଢ଼ ତାକୁ ଛୁଇଁଛି

ରଜ ଆସିଛି
ଗଛରେ ଆମ୍ବ ପଣସ ପାଚିଛି

ଜୁଇ ଯାଇ ହେନା ଫୁଟି ହସୁଛି
ଆକାଶେ ମେଘ ମହ୍ଲାର ହସୁଛି
ନବବଧୂ ସାଜି ବର୍ଷାରାଣୀ ଆସିଛି
ମାଟି ମାଆ ରଜସ୍ୱଳା ହୋଇଛି

ରଜ ଆସିଛି
ପୁରରୁ ପଲ୍ଲୀ ସବୁ ହସୁଛି
ଚଷାବଧୂ ପୋଡ଼ପିଠା କରୁଛି
ପୋଡ଼ପିଠା ବାସେ ଗାଁ ମହକୁଅଛି

ଚାରିଆଡେ ରଜ ଗୀତ ଶୁଭୁଛି
ଚଷାଭାଇ ରଜ ପାନ ଖାଉଛି
ମହାଆନନ୍ଦରେ ବିଶ୍ରାମ ନେଉଛି

ରଜ ଆସିଛି
ଚଷାଝିଅ ନୂଆ ଶାଢ଼ି ପିନ୍ଧିଛି
ଟିପି ଚନ୍ଦନେ କପାଳ ସଜାଉଅଛି
କଅଁଳ ପାଦେ ଅଳତା ପିନ୍ଧିଛି
କଦଳୀ ପାଟୁକା ପାଦେ ବାନ୍ଧିଛି
ଗଭାରେ ଗଜରା ହାତେ ଚୁଡ଼ି ପିନ୍ଧିଛି
ଖୁସିରେ ଗୀତଗାଇ ଦୋଳିରେ ଝୁଲୁଛି
ରଜଗୀତ ଗାଇ ମଉଜ କରୁଛି

ରଜ ଆସିଛି
ଉତ୍ସବ ମୁଖର ଗାଁ ହୋଇଛି
ଗାଁ ଦାଣ୍ଡ ଖୁସିରେ ହସୁଛି
ଚଷାପୁଅ ବାଗୁଡ଼ି ଖେଳୁଛି
ପଲ୍ଲୀର ପ୍ରକୃତି ସୁନ୍ଦର ଦିଶୁଛି
ହସଖୁସି ନେଇ ରଜ ଆସିଛି ।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*

# ପୁଣି ଆୟୋଜିତ ହେବ ହକି ଇଣ୍ଡିଆ ଲିଗ୍ : ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ**

ଦୀର୍ଘ ୮ ବର୍ଷ ପରେ ଆୟୋଜିତ ହେବାକୁ ଯାଉଛି ହକି ଇଣ୍ଡିଆ ଲିଗ(ଏଚ୍ଆଇଏଲ୍)। ଏଥିରେ ୮ ପୁରୁଷ ଓ ୬ ମହିଳା ଦଳ ଅଂଶଗ୍ରହଣ କରିବେ। ପଞ୍ଜିକରଣ ପାଇଁ ଅନ୍ତିମ ଦିବସ ଜୁନ୍ ୩୦ ରଖାଯାଇଛି। ଲିଗ୍‌ରେ ଭାଗ ନେବାକୁ ଆଗ୍ରହୀ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କଠାରୁ ହକି ଇଣ୍ଡିଆ ଦରଖାସ୍ତ ଆହ୍ୱାନ କରିଛି ଏଚ୍ଆଇଏଲ୍। ଡିସେମ୍ବର ୨୦୨୪ ଓ ୨୦୨୫ ଫେବୃଆରୀ ମଧ୍ୟରେ ହେବ ଲିଗ୍ ଯେଉଁ ସମୟରେ ହେବ ତାହା ଇଣ୍ଟରନ୍ୟାସନାଲ ହକି ମହାସଂଘ (ଏଫ୍ଆଇଏଚ୍) ଦ୍ୱାରା ଅନୁମୋଦନ ଲାଭ କରିଛି। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ଏଚଆଇଏଲ୍ ବିଶ୍ୱବ୍ୟାପୀ ହକି ଖେଳାଳି ଓ ସମର୍ଥକମାନଙ୍କ ଦ୍ୱାରା ବେଶ୍ ଆଦୃତ ଲାଭ କରିପାରିଥିଲା। ଆମେ ଏଚ୍ଆଇଏଲ୍‌ର ପୁନଃ ଆରମ୍ଭ କରିବାକୁ ଯାଉଛି ବୋଲି ନିଆଯାଇଥିବା ପଦକ୍ଷେପରୁ ସୂଚୀତ ହେଉଛି।

ଭାରତର ଉଦୀୟମାନ ଖେଳାଳିମାନେ ଏହି ଲିଗ୍‌ରେ ଅଂଶଗ୍ରହଣ କରିବା ଦ୍ୱାରା ସେମାନେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କ ସହ ଖେଳିବାର ସୁଯୋଗ ପାଇବେ। ଏଚ୍ଆଇଏଲ୍ ପ୍ରଥମେ ୨୦୧୩ରେ ଆରମ୍ଭ ହୋଇଥିଲା। ଶେଷଥର ପାଇଁ ଏହା ୨୦୧୭ରେ ଖେଳାଯାଇଥିଲା। ଏଥିରେ କଳିଙ୍ଗ ଲାନ୍‌ସର୍ସ ଟାଇଟଲ ବିଜୟୀ ହୋଇଥିଲା। ସମସ୍ତ ୫ଟି ସଂସ୍କରଣରେ ଭିନ୍ନ ଭିନ୍ନ ଦଳ ଚାମ୍ପିୟନ ହୋଇଛନ୍ତି। ରାଞ୍ଚି ଦୁଇଥର ଟାଇଟଲ ଜିତିଥିଲା। ରାଞ୍ଚି ରାଇନୋଜ ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଏହାପରେ ଦଳ ଅଂଶଗ୍ରହଣରୁ ବିରତ ରହିଥିଲା। ପରେ ଏକ ନୂଆ ରାଞ୍ଚିଫ୍ରାଞ୍ଚାଇଜ୍ ଗଠିତ ହୋଇଥିଲା। ଏହାର ନାମ ରଖାଯାଇଥିଲା ରାଞ୍ଚି ରେଜ୍। କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂ ଧୋନୀ ଏହାର ମାଲିକ ରହିଥିଲେ। ଏହି ଦଳ ୨୦୧୫ରେ ଏହାର ପଦାର୍ପଣ ବର୍ଷରେ ଟାଇଟଲ ବିଜୟୀ ହୋଇପାରିଥିଲା।

## ଟି-୨୦ ବିଶ୍ୱକପ : ୧୯ରୁ ସୁପର-୮ ରାଉଣ୍ଡ

# ୨୦ରେ ଭାରତ-ଆଫଗାନିସ୍ତାନ ମୁକାବିଲା

**ନ୍ୟୁୟର୍କ**

ଟି-୨୦ ବିଶ୍ୱକପ ୨୦୨୪ର ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ଖୁବ୍ ଶୀଘ୍ର ଶେଷ ହେବାକୁ ଯାଉଛି। ଏହି ରାଉଣ୍ଡରେ ୨୦ଟି ଦଳ ଖେଳୁଥିବା ବେଳେ ସେଥିମଧ୍ୟରୁ ୮ଟି ଦଳ ସୁପର-୮ରେ ଖେଳୁଥିବା ଦେବାକୁ ମିଳିବ। ବର୍ତ୍ତମାନ ସୁଦ୍ଧା ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ପରବର୍ତ୍ତୀ ରାଉଣ୍ଡ ପାଇଁ ନିଜ ସ୍ଥାନ ସୁନିଶ୍ଚିତ କରିଛନ୍ତି। ସେହିପରି ବାକି ୩ଟି ସ୍ଥାନ ପାଇଁ ଉଭୟ ଦଳ ମଧ୍ୟରେ ପ୍ରତିଯୋଗିତା ଜାରି ରହିଛି। ଇତିମଧ୍ୟରେ ଆଇସିସି ସୁପର-୮ ରାଉଣ୍ଡ ପାଇଁ କାର୍ଯ୍ୟସୂଚୀ




ଘୋଷଣା କରିଛି।

ସୁପର-୮ ରାଉଣ୍ଡ ପାଇଁ ୮ଟି ଦଳକୁ ୪-୪ରେ ବିଭକ୍ତ କରାଯାଇଛି। ଭାରତ, ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ସୁପର-୮ ରାଉଣ୍ଡର ଗ୍ରୁପ୍-୧ରେ ସାମିଲ ହୋଇଥିବା ବେଳେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ଗ୍ରୁପ୍-୨ରେ ସାମିଲ ହେବେ। ଗ୍ରୁପ୍-୧ରେ ଏବେ ଗୋଟିଏ ସ୍ଥାନ ଖାଲି ରହିଛି, ଯେଉଁଥିରେ ବାଂଲାଦେଶ ଓ ନେଦରଲାଣ୍ଡ ମଧ୍ୟରୁ ଗୋଟିଏ ଦଳ ପ୍ରବେଶ କରିବ। ସେହିପରି ଗ୍ରୁପ୍-୨ରେ ୨ଟି ଖାଲି ସ୍ଥାନ ରହିଛି। ଏହି ଦୁଇଟି ସ୍ଥାନ ପାଇଁ ପାକିସ୍ତାନ, ଆମେରିକା, ସ୍କଟଲାଣ୍ଡ ଓ ଇଂଲଣ୍ଡର ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି।

ସୁପର-୮ ରାଉଣ୍ଡ ଜୁନ ୧୯ରୁ ଆଣ୍ଟିଗୁଆରେ ଆରମ୍ଭ ହେବ। ପରଦିନ ବାର୍ବାଡୋସରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ପାଇଁ ଭାରତ କ୍ୟାରିବିଆନରେ କୌଣସି ମ୍ୟାଚ ଖେଳିବ ଆଣ୍ଟିଗୁଆ, ବାର୍ବାଡୋସ୍, ସେଣ୍ଟ ଲୁସିଆ ଓ ସେଣ୍ଟ ଭିନସେଣ୍ଟରେ ହେବାକୁ ଥିବା ସୁପର-୮ ରାଉଣ୍ଡରେ ମୋଟ ୧୨ଟି ମ୍ୟାଚ ଖେଳାଯିବ।

## ଆଜି ଟି-୨୦ ବିଶ୍ୱକପ୍‌ରେ...

ସାଉଥ ଆଫ୍ରିକା ସହିତ ନେପାଳ : ସକାଳ ୫ଟା
ନ୍ୟୁଜିଲାଣ୍ଡ ସହିତ ଉଗାଣ୍ଡା : ସକାଳ ୬ଟା
ଭାରତ ସହିତ କାନାଡ଼ା : ସନ୍ଧ୍ୟା ୮ଟା
ନାମିବିଆ ସହିତ ଇଂଲଣ୍ଡ : ରାତି ୧୦ଟା୩୦

# ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ୍: ଓଡ଼ିଶାକୁ ୧୯ ପଦକ

**ଭୁବନେଶ୍ୱର**

କର୍ଣ୍ଣାଟକର ବଗଲକୋଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ ଦକ୍ଷିଣ ଜୋନ୍‌ରେ ଓଡ଼ିଶା ଖେଳାଳିମାନେ ମୋଟ୍ ୧୯ ପଦକ ସହ ଦ୍ୱିତୀୟ ରନର୍ସ ଅପ ଟ୍ରଫି ଜିତିଛନ୍ତି। ଓଡ଼ିଶା ଦଳ ୮ ସ୍ୱର୍ଣ୍ଣ ପଦକ ଜିତି ଗୌରବ ଆଣିଛନ୍ତି। ଇତିଶ୍ରୀ ପ୍ରିୟଦର୍ଶିନୀ, ସୁମନ ପାତ୍ର, ଶ୍ୱେତାରାଣୀ ମହାନ୍ତ, ସବିତା ମୁଣ୍ଡା, ମଞ୍ଜୁ ମୁଣ୍ଡା, ଜ୍ୟୋସ୍ନାରାଣୀ ଜେନା, ଜ୍ୟୋସ୍ନାରାଣୀ ମୁଦୁଲି, କୌଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ନୂପୁର ପଟ୍ଟନାୟକ, ପାୟଲ ପଟ୍ଟନାୟକ, ରାଉର୍ଡ୍ଡି ମାରାଣ୍ଡି ରୌପ୍ୟ ପଦକ ଜିତିଛନ୍ତି। ରୀତା ସେଠୀ, ଅନୁସୂୟା ବାରିକ, ଅନ୍ୱେଷା ପଲ୍ଲାଇ, ମାମାଲି ଜେନା, ଦିବ୍ୟକାନ୍ତି ଓରାମ, ଆର ପଦ୍ମା, ଅର୍ପିତା ପ୍ରଧାନ, ଲକ୍ଷ୍ମୀ ମୁଣ୍ଡା କାଂସ୍ୟ ପଦକ ଜିତିଛନ୍ତି। ପଙ୍କଜ ମହାନ୍ତ, ନଟବର ସେଠୀ, ସଂଗ୍ରାମ ମହାନ୍ତି ଦଳର ପ୍ରଶିକ୍ଷକ ଭାବେ ଗସ୍ତ କରିଥିଲେ। ୩୦ ଜଣ ଖେଳାଳିଙ୍କ ସହ ଓଡ଼ିଶାରୁ ଏକ ୩୭ ଜଣିଆ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା।

# ସେହ୍ୱାଗ କିଏ ବୋଲି ପଚାରି ଟ୍ରୋଲ୍ ହେଲେ ସାକିବ




**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପରେ ନେଦରଲାଣ୍ଡ୍‌ସକୁ ହରାଇ ସୁପର-୮ ରେସ୍‌ରେ ରହିଛି ବାଂଲାଦେଶ। ସାକିବ ଅଲ ହାସନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ବାଂଲାଦେଶ ଏହି ବିଜୟ ହାସଲ କରିଛି। ଯେଉଁଥିପାଇଁ ସାକିବଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ତେବେ ଏହି ପୁରସ୍କାର ପାଇବା ପରେ ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗଙ୍କ ଉପରେ ବର୍ଷିଛନ୍ତି ସାକିବ।

ଗତ କିଛିଦିନ ପୂର୍ବେ ସାକିବ ଅଲ ହାସନଙ୍କ ପ୍ରଦର୍ଶନକୁ ନେଇ ସମାଲୋଚନା କରିଥିଲେ ବୀରେନ୍ଦ୍ର ସେହ୍ୱାଗ। ଏପରିକି ସାକିବଙ୍କୁ ଅବସର ନେଇଯିବା ଉଚିତ ବୋଲି କହିଥିଲେ ସେହ୍ୱାଗ, ଯାହା ସାକିବଙ୍କୁ ପସନ୍ଦ ଆସିନଥିଲା। ତେବେ ନେଦରଲାଣ୍ଡ୍‌ସ ବିପକ୍ଷରେ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିବା ସାକିବ ମ୍ୟାଚ୍ ପରେ ସେହ୍ୱାଗ କିଏ ବୋଲି କହିଥିଲେ। ଏପରିକି ନିଜର ପ୍ଲେୟାର ଅଫ ଦ ମ୍ୟାଚ ପୁରସ୍କାର ସେହ୍ୱାଗଙ୍କୁ ସମର୍ପିତ କରୁଛି, ଫଳରେ ସେ ନିଜ ଭାଷଣବାଜିରୁ ଅବସର ନେଇପାରିବେ ବୋଲି କହିଥିଲେ ସାକିବ। ଯାହାକୁ ନେଇ ସୋସିଆଲ ମିଡ଼ିଆରେ ସାକିବଙ୍କୁ ଟ୍ରୋଲ ହେବାକୁ ପଡିଛି। ବ୍ୟବହାରକାରୀମାନେ ୨୦୧୧ ବିଶ୍ୱକପ ମ୍ୟାଚ୍ କଥା ମନେ ପକାଇ ଦେଇଛନ୍ତି। ବାଂଲାଦେଶ ବିପକ୍ଷରେ ସେହ୍ୱାଗ କିଭଳି ବିଧ୍ୱଂସୀ ଇନିଂସ ଖେଳିଥିଲେ ତାହା ସେୟାର କରୁଛନ୍ତି ବ୍ୟବହାରକାରୀ।

# ଆଇପିଏଲ୍ ମୂଲ୍ୟ ୧,୩୫,୦୦୦ କୋଟି

**ନୂଆଦିଲ୍ଲୀ**

ଗୋଟିଏ ବର୍ଷ ଭିତରେ ଏକ ସଂସ୍ଥା ଭାବେ ବିଶ୍ୱର ସବୁଠାରୁ ଚର୍ଚ୍ଚିତ ତଥା ଲୋକପ୍ରିୟ କ୍ରିକେଟ ଲିଗ୍ ଆଇପିଏଲ୍‌ର ମୂଲ୍ୟ ବହୁଗୁଣ ବଢ଼ିଛି। ଅନ୍ତର୍ଜାତୀୟସ୍ତରୀୟ ପୁଞ୍ଜିନିବେଶକାରୀ ବ୍ୟାଙ୍କ ହୁଲିହାନ ଲୋକି ପ୍ରକାଶ କରିଥିବା ଏକ ରିପୋର୍ଟରେ ଏଭଳି ତଥ୍ୟ ପ୍ରଦାନ କରିଛି। ଏହି ରିପୋର୍ଟ ଅନୁସାରେ ଗତ ଏକବର୍ଷ ଭିତରେ ଆଇପିଏଲ୍‌ର ବ୍ୟାବସାୟିକ ମୂଲ୍ୟରେ ୬.୫ ଏବଂ ବ୍ରାଣ୍ଡ ମୂଲ୍ୟରେ ୬.୩ ପ୍ରତିଶତ ଅଭିବୃଦ୍ଧି ଘଟିଛି। ବ୍ୟାଙ୍କ ମଧ୍ୟ ଆଇପିଏଲ୍‌ର ୧୦ଟି ଯାକ ଦଳର ବ୍ରାଣ୍ଡ ମୂଲ୍ୟ ପ୍ରକାଶ କରିଛି। ଆଶ୍ଚର୍ଯ୍ୟଜନକ କଥା ହେଲା ଲିଗ୍‌ର ସବୁଠାରୁ ମୂଲ୍ୟବାନ ଦଳ ତାଲିକାରେ ତାରକା ଖଚିତ ମୁମ୍ବାଇ ଇଣ୍ଡିଆନ୍‌ସ କିମ୍ବା ବିରାଟ କୋହଲିଙ୍କ ଭଳି ବ୍ୟାଟର




ଥିବା ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ନାହାନ୍ତି। ବରଂ ମହେନ୍ଦ୍ର ସିଂହ ଧୋନିଙ୍କ ଦଳ ଭାବେ ପରିଚିତ ଚେନ୍ନାଇ ସୁପରକିଙ୍ଗ୍‌ସ ଏମାନଙ୍କଠାରୁ ଢେର ଆଗରେ ରହିଛି।

ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ ଆଇପିଏଲ୍‌ର ବ୍ରାଣ୍ଡ୍ ଶକ୍ତି ଲଗାତାର ଭାବେ ବଢ଼ିଚାଲିଛି। ସାରା ବିଶ୍ୱରେ ମଧ୍ୟ ଏହାର ଲୋକପ୍ରିୟତା କ୍ରମଶଃ ବୃଦ୍ଧି ପାଇଚାଲିଛି। ଏକ ବ୍ରାଣ୍ଡ୍ ଭାବେ ଏହା ନୂଆନୂଆ ପ୍ରଶଂସକଙ୍କୁ ଆକର୍ଷିତ କରିଚାଲିଛି। ସେଥିପାଇଁ ଆଇପିଏଲ୍‌ର ବ୍ୟାବସାୟିକ ମୂଲ୍ୟ ଆଉ କିଛି ମାସ ଭିତରେ ଦେଢ଼ ଲକ୍ଷ କୋଟି ଟଙ୍କା ଛୁଇଁବାକୁ ଯାଉଛି। ସେହିଭଳି ବ୍ରାଣ୍ଡ୍ ମୂଲ୍ୟ ୨୮,୦୦୦ କୋଟି ଟଙ୍କାରେ ପହଞ୍ଚି ସାରିଛି। ସଂପ୍ରତି ଟାଟା ଗ୍ରୁପ ମୁଖ୍ୟ ପ୍ରାୟୋଜକ ଭାବେ ୪ବର୍ଷ ପାଇଁ ୨୫୦୦ କୋଟି ଟଙ୍କା ଦେଇଛି। ଯାହା ଗତ ୪ବର୍ଷିଆ ଚକ୍ରଠାରୁ ପାଖାପାଖି ଦୁଇଗୁଣ ଅଧିକ। ଏହି ରାଶି ୨୦୨୮ରେ ଏବେକାର ୪ବର୍ଷୀୟ ଚକ୍ର ସରିଲା ପରେ ଆହୁରି ବଢ଼ିବା ସମ୍ଭାବନା ରହିଛି।

ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ୨୦୨୪ ଋତୁରେ ପ୍ଲେଅଫ୍‌କୁ ଯାଇ ପାରି ନଥିଲେ ବି ଚେନ୍ନାଇ ସୁପରକିଙ୍ଗ୍‌ସ ଆଇପିଏଲ୍‌ର ସବୁଠାରୁ ଦାମୀ ଦଳର ମାନ୍ୟତା ଅକ୍ଷୁଣ୍ଣ ରଖିଛି। ଏହି ଦଳର ମୂଲ୍ୟ ଗତବର୍ଷଠାରୁ ୯ ପ୍ରତିଶତ ବଢ଼ି ୨୩୧ ନିୟୁତ ଡଲାର ବା ୧୯୩୦ କୋଟି ଟଙ୍କାରେ ପହଞ୍ଚିଛି। ବିଜେତା କୋଲକାତା ନାଇଟ ରାଇଡର୍ସର ବ୍ରାଣ୍ଡ୍ ମୂଲ୍ୟରେ ସର୍ବାଧିକ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହି ଦଳର ମୂଲ୍ୟ ୧୯.୩୦ ପ୍ରତିଶତ ବଢ଼ି ପାଖାପାଖି ୧୮୦୦ କୋଟି ଟଙ୍କା ହୋଇଛି। ଏହିକ୍ରମରେ କୋଲକାତା ନାଇଟ ରାଇଡର୍ସ ଗତବର୍ଷ ତୃତୀୟରେ ରହିଥିବା ମୁମ୍ବାଇ ଇଣ୍ଡିଆନ୍‌ସକୁ ଚତୁର୍ଥ ସ୍ଥାନକୁ ଠେଲି ଦେଇଛି। ଦ୍ୱିତୀୟ ସ୍ଥାନରେ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବ୍ରାଣ୍ଡ୍ ମୂଲ୍ୟ ୧୮୯୪ କୋଟି ଟଙ୍କା ରହିଛି। ରୋହିତ ଶର୍ମାଙ୍କୁ ହଟାଇ ହାର୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ କରିଥିବା ମୁମ୍ବାଇ ଇଣ୍ଡିଆନ୍‌ସର ବ୍ରାଣ୍ଡ୍ ମୂଲ୍ୟ ମାତ୍ର କିଛି ପ୍ରତିଶତ ବଢ଼ି ୧୭୦୦ କୋଟି ଟଙ୍କା ଛୁଇଁଛି। ପରବର୍ତ୍ତୀ ତିନିଟି ସ୍ଥାନ ଲାଗି ରାଜସ୍ଥାନ ରୟାଲ୍ସ, ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ତୀବ୍ର ପ୍ରତିଦ୍ୱ-ନ୍ଦ୍ୱିତା ଦେଖିବାକୁ ମିଳିଛି। ରାଜସ୍ଥାନ ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ରହିଥିଲା ବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦ ଷଷ୍ଠ ଓ ଦିଲ୍ଲୀ କ୍ୟାପିଟାଲ୍ସ ସପ୍ତମ ସ୍ଥାନରେ ରହିଛି। ଅଧିନାୟକ ହାର୍ଦିକ ପାଣ୍ଡ୍ୟାଙ୍କୁ ଛାଡ଼ିବା ଓ ମହମ୍ମଦ ସାମିଙ୍କ ଭଳି ଖେଳାଳି ଅନୁପସ୍ଥିତ ରହିବା କାରଣରୁ ଗୁଜରାଟ ଟାଇଟନ୍ସ ଅଷ୍ଟମ ସ୍ଥାନ ଆଗକୁ ବଢ଼ିପାରିନି। ସେହିଭଳି ପଞ୍ଜାବ କିଙ୍ଗ୍ସ ନବମ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଶେଷ ଦୁଇ ସ୍ଥାନ ଅର୍ଥାତ ନବମ ଓ ଦଶମ ସ୍ଥାନରେ ଅଛନ୍ତି।

# ଟି-୨୦ ବିଶ୍ୱକପ୍ ଅଧାରୁ ଭାରତ ଫେରିବେ ୨ ଖେଳାଳି

**ଫ୍ଲୋରିଡା**

ଜୁନ ୧୪ରେ ଫ୍ଲୋରିଡ଼ା ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଦଳର ଅଭ୍ୟାସ ଅଧିବେଶନ ବର୍ଷା ଯୋଗୁ ବାତିଲ ହୋଇଛି। ଟିମ୍ ଇଣ୍ଡିଆ ଶନିବାର କାନାଡାକୁ ଭେଟିବ ରୋହିତ ଶର୍ମା ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ। ବର୍ତ୍ତମାନ ପର୍ଯ୍ୟନ୍ତ ୨୦୨୪ ଟି-୨୦ ବିଶ୍ୱକପରେ ଗ୍ରୁପ ପର୍ଯ୍ୟାୟରେ ସେମାନଙ୍କର ସମସ୍ତ ମ୍ୟାଚ ଜିତିଛି। ଟିମ ଇଣ୍ଡିଆ ନିଜ ଓପନିଂ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ଆଠ ୱିକେଟ୍‌ରେ ପରାସ୍ତ କରିଥିଲା ଏବଂ ପରେ ପାକିସ୍ତାନକୁ ୬ ରନ୍‌ରେ ପରାସ୍ତ କରିଥିଲା। ସେହିପରି ଆମେରିକାକୁ ୭ ୱିକେଟ୍‌ରେ ପରାସ୍ତ କରି ଭାରତ ସୁପର-୮ରେ ପ୍ରବେଶ କରିଛି। କାନାଡ଼ା ବିପକ୍ଷରେ ଭାରତର ଶେଷ ଗ୍ରୁପ ମ୍ୟାଚ୍ ପରେ ଶୁଭମନ ଗିଲ୍ ଏବଂ ଆବେଶ ଖାନ ଦଳ ଛାଡ଼ିବେ ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି।

# ଗାନ୍ଧୀ କଥାରେ ବୃକ୍ଷରୋପଣ ଓ ଭୂମୁକ୍ତି ପାଇଁ ଆହ୍ୱାନ




**କେନ୍ଦୁଝର, ନ୍ୟୁଜ୍**

ଘଟଗାଁ ବ୍ଲକ ଅନ୍ତର୍ଗତ ପୋଇପାଣିଠାରେ ଗାନ୍ଧୀ କଥା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ଓ କେନ୍ଦୁଝର ଉନ୍ନୟନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଘଟଗାଁ ବ୍ଲକ୍‌ର ତୋରାଣୀପୋଖରୀ, ପୋଇପାଣି, ଝାରବେଡ଼ା, ମୁଦ୍ରାବେଡ଼ା, ଅସନବଣି ଓ ଆଖପାଖ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ, ଅଗ୍ରଣୀ ମହିଳା ଚାଷୀ ଓ ଯୁବ ଚାଷୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ତଥା ଗାନ୍ଧୀ ବିଚାର ସଂସ୍କାରକ ଭକ୍ତବତ୍ସଳ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଜଙ୍ଗଲର ଅବକ୍ଷୟ ଯୋଗୁଁ ବାୟୁ ମଣ୍ଡଳରେ ପରିବର୍ତ୍ତନ ଦେଖାଦେଇଛି। ବିକାଶ ନାମରେ ଖଣି ଖାଦାନ ଖୋଳିବା ଦ୍ୱାରା ମା'ମାଟି ଧର୍ଷିତା ହୋଇପଡ଼ିଛି। ଅଧିକ ଉତ୍ପାଦନ ଲୋଭରେ ଚାଷୀ ଭାଇମାନେ ମା'ମାଟିରେ ରାସାୟନିକ ସାର ଓ ରାସାୟନିକ ଔଷଧ ପ୍ରୟୋଗ ଯୋଗୁଁ ମାଟି ବିଷାକ୍ତ ହେବାକୁ ବସିଲାଣି। ନୂତନ ଜଙ୍ଗଲ ସୃଷ୍ଟି ନାମରେ ଜଙ୍ଗଲରେ ପୁରୁଣା ଗଛକୁ କାଟି ଦିଆଯାଉଛି। ଚଳିତବର୍ଷ ଉତ୍ତାପ ବଢି ବଢି ଚାଲିଛି। ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ଭୂତଳରେ ଜଳର ସ୍ତର କମି କମି ଯାଉଛି। ସରକାରୀ ସ୍ତରରେ କିମ୍ବା ପଞ୍ଚାୟତ ସ୍ତରରେ ଜଳ ଅମଳ, ବର୍ଷା ଜଳର ସଂରକ୍ଷଣ ପାଇଁ ଠୋସ ଯୋଜନା କରାଯାଉନାହିଁ। ଚଳିତବର୍ଷ କେନ୍ଦୁଝର ପୌରାଞ୍ଚଳକୁ ଯୋଗାଉଥିବା ପାନୀୟ ଜଳ, ବଡ଼ଘାଗରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପାଣି ଶୁଖିଗଲାଣି। ଏସବୁର ସମାଧାନ ପାଇଁ ପ୍ରକୃତିର ସମ୍ବଳ ସଠିକ ପରିଚାଳନା, ସଘନ ବୃକ୍ଷରୋପଣ, ବର୍ଷା ଜଳ ସଠିକ ପରିଚାଳନା, ଜଳ ଅମଳ ପାଇଁ ବଡ ବଡ ପୋଖରୀ ଓ ବନ୍ଧ ଖନନ ପାଇଁ ପ୍ରସ୍ତାବ ଦେଇଥିଲେ। ଭୂମୁକ୍ତି ପାଇଁ ପ୍ରାକୃତିକ ଜୈବ ସାରର ପ୍ରୟୋଗ ପାଇଁ ଆହ୍ୱାନ ଦେଇଥିଲେ। କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ ତରଫରୁ ଯୋଗାଇ ଦେବାକୁ ଟ୍ରଷ୍ଟର ଚେୟାରମ୍ୟାନ ସୁଶ୍ରୀ ଜଗତଜିତା ଦାସ ଜଣାଇଛନ୍ତି। ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ପାଇଁ ଉପସ୍ଥିତ ମହିଳାମାନେ ଦାୟିତ୍ୱ ନେଇଥିଲେ। ରଶ୍ମିତା ପଲେଇ, ସୁକାନ୍ତି ସାହୁ, ଗୀତାରାଣୀ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାନସିକ ରୋଗୀଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ମାନସିକ ବିକାର ଗସ୍ତ ବ୍ୟକ୍ତିମାନଙ୍କୁ ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ସହାୟତା ପ୍ରଦାନ କରାଯାଇଛି। ମାନସିକ ବିକାର ଗ୍ରସ୍ତ ବ୍ୟକ୍ତିମାନେ ଅବହେଳିତ ଅବସ୍ଥାରେ ରହୁଛନ୍ତି। ଏମାନଙ୍କର ସଫାସୁତରା ଓ ମସିହା ବସ୍ତ୍ର ପରିଧାନ କରିଥାନ୍ତି। ଏମାନଙ୍କୁ ଭଲ ଭାବରେ ସ୍ୱଚ୍ଛ କରିବା ସହ ସେମାନଙ୍କ ଚୁଟି, ଦାଢି କାଟି ନୂତନ ବସ୍ତ୍ର ପ୍ରଦାନ କରିବା ସହିତ ସୁସ୍ୱାଦୁ ଖାଦ୍ୟ ପାନୀୟର ବ୍ୟବସ୍ଥା କରା ଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ସହ ତପନ କୁମାର ନାଥ, କାଳନ୍ଦୀ ମଲିକ, ଅଶୋକ ପତ୍ରୀ, ଉମାକାନ୍ତ ମହାରଣା, ମନୋଜ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ପାଇଁ ୧୯ରେ ମକ୍‌ଡ୍ରିଲ୍

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଆସନ୍ତା ଜୁନ ୧୯ ତାରିଖରେ ମକ୍‌ଡ୍ରିଲ୍ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ କହିଲେ ଜଗତସିଂପୁର ଏକ ପ୍ରାକୃତିକ ଦୁର୍ବିପାକ ପ୍ରବଣ ଜିଲ୍ଲା ଅଟେ। ବିପର୍ଯ୍ୟୟର ସମ୍ମୁଖୀନ ହେବା ଓ ଏହାର ମୁକାବିଲା ନିମନ୍ତେ ଏକ ପ୍ରାକ ପ୍ରସ୍ତୁତି ଦରକାର। ତଦନୁଯାୟୀ ଆସନ୍ତା ୧୯ ତାରିଖରେ ଜିଲ୍ଲାର ୪୫ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ୍ ଏକ୍ସରସାଇଜ ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲ୍ଲା ଓ ବ୍ଲକ ସ୍ତରରେ ୧୮ ତାରିଖରେ ଟେବଲ ଟପ୍ ଏକ୍ସରସାଇଜ କରାଯିବ। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ଏହି ମକ୍‌ଡ୍ରିଲ୍ ନିମନ୍ତେ



ବ୍ଲକ୍ ସ୍ତରରେ ପ୍ରସ୍ତୁତି ବୈଠକ କରି ଆଶ୍ରୟସ୍ଥଳୀର ସଭାପତି, ସମ୍ପାଦକ, ସ୍ୱେଚ୍ଛାସେବୀ ସଂଗଠନ, ପଞ୍ଚାୟତ ପ୍ରତିନିଧି, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କୁ ସାମିଲ କରିବାକୁ ବିଡ଼ିଓମାନଙ୍କୁ ପରାମର୍ଶ ଦେଇଥିଲେ। ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଯୋଗାଇ ଦିଆଯାଇଥିବା ଉପକରଣ ଡିଜିସେଟ୍, ଆସ୍କାଲାଇଟ୍, ଗଛକଟା ଯନ୍ତ୍ର, ପାନୀୟ ଜଳ ବ୍ୟବସ୍ଥା ପରିମଳ ବ୍ୟବସ୍ଥା ନିରୀକ୍ଷଣ କରିବା ପାଇଁ ବିଡ଼ିଓ ଓ ତହସିଲଦାର ସୁନିଶ୍ଚିତ କରାଇବେ। ଜୁନ ୧୯ ତାରିଖରେ ସମସ୍ତ ଆଶ୍ରୟସ୍ଥଳୀରେ ମକ୍ ଏକ୍ସରସାଇଜ ଉଦ୍ଧାର, ଫାଷ୍ଟଏଡ୍, ରିଲିଫ ଆଦି ଓଡ୍ରାଫ, ଅଗ୍ନିଶମ ବାହିନୀ ଏବଂ ଟାସ୍କଫୋର୍ସଙ୍କ ଦ୍ୱାରା ଆୟୋଜିତ ହେବ। ପ୍ରତ୍ୟେକ ଆଶ୍ରୟସ୍ଥଳୀକୁ ବିଡ଼ିଓ, ତହସିଲଦାର, ଅଗ୍ନିଶମ ଅଧିକାରୀମାନେ ତଦାରଖ କରିବେ ପ୍ରତିବର୍ଷ ଜିଲ୍ଲାରେ ବନ୍ୟା ଓ ବାତ୍ୟା ଆଶଙ୍କା ଥିବାରୁ କିଭଳି ଏହାର ସଠିକ ମୁକାବିଲା କରାଯାଇପାରିବ, ସେଥିପ୍ରତି ସମସ୍ତ ବିଭାଗୀୟ ଅଧିକାରୀମାନେ ସତର୍କ ରହିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ସୁଦର୍ଶନ ଗୁରୁ, ଜିଲ୍ଲା ପ୍ରୋଗ୍ରାମ ଅଫିସର ସୁଧାଂଶୁ ଶେଖର ପୃଷ୍ଟି, ନିର୍ବାହୀ ଅଧିକାରୀ ଜଗତସିଂହପୁର ଓ ପାରାଦୀପ ପୌର ପରିଷଦ, ବିଡ଼ିଓ କୁଜଙ୍ଗ ଓ ଏରସମା, ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ, ନୋଡାଲ ଏନଜିଓ, ଶ୍ରଦ୍ଧା, ପଙ୍କଜିନି ବିଶେଷ ସୋସିଆଲ ଅର୍ଗାନାଇଜେସନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁଶ୍ରମିକ ବିରୋଧ ଦିବସ ପାଳିତ

# ଶିଶୁ ଶ୍ରମିକ ନିୟୋଜନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶ

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲା ଆଇନ ସେବା ପ୍ରାଧିକରଣ କେନ୍ଦୁଝର ସୌଜନ୍ୟରୁ ନରଣପୁର ସ୍ଥିତ ଆଦୃତ ଶିଶୁ ଗୃହ ସଭାଗୃହ ଠାରେ ବିଶ ଶିଶୁ ଶ୍ରମିକ ବିରୋଧ ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତାମୂଳକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗ ଦେଇ ଦେଶର ଭବିଷ୍ୟତ ଶିଶୁମାନଙ୍କୁ ଶ୍ରମିକ ଭଳି ପ୍ରଥା ଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଇ ଶିଶୁଙ୍କ ସ୍ୱାକ୍ଷରତା ଓ ସୁରକ୍ଷା ଉପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କ'ଣ କ'ଣ ଆଇନଗତ ଦିଗ ରହିଛି ତାହାକୁ ବର୍ଣ୍ଣନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ କର ଯୋଗ ଦେଇ ଶିଶୁ ଶ୍ରମିକ ଓ କିଶୋର ଶ୍ରମିକ ଉଭୟ ହିଁ ଆଇନ ବିରୁଦ୍ଧ ବୋଲି ମତ ଦେଇ ଉକ୍ତ ଶ୍ରମିକ ବୃତ୍ତିରେ ଯେଉଁମାନେ ନିୟୋଜିତ ହେଉଥିବେ



ସେମାନଙ୍କୁ ସରକାରଙ୍କ ଦ୍ୱାରା ବିଭିନ୍ନ ତାଲିମ ପ୍ରଦାନ କରାଯାଇ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ। ଶିଶୁ ତଥା କିଶୋର ଶ୍ରମିକଙ୍କୁ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଇନ ଅନୁଯାୟୀ କରାଯିବାକୁ ଜଣାଇଥିଲେ। ପ୍ରାରମ୍ଭରେ ପ୍ରାଧିକରଣ ସଦସ୍ୟ ତଥା ତଦଶା ସମ୍ପାଦକ ଅକ୍ଷୟ କୁମାର ଚକ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ ପୂର୍ବକ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟ ଉଦ୍‌ବୋଧନ ଦେଇ ସଭା ପରିଚାଳନା କରି ଶିଶୁ ଶ୍ରମିକ ପ୍ରଥାକୁ ବିରୋଧ କରିବା ଦିଗରେ ସମାଜର ସବୁ ବର୍ଗର ଲୋକମାନଙ୍କର ଦାୟିତ୍ୱ ଓ ସଚେତନତା ଜରୁରୀ ବୋଲି କହିଥିଲେ। ଆଦୃତ ଶିଶୁ ଗୃହର ମାନସ ହେଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାରାଆଇନ ସ୍ୱେଚ୍ଛାସେବୀ ମମତାମୟୀ ମହାନ୍ତ, ସୁମିତ୍ରା ମହାନ୍ତ, ପ୍ରାଧିକରଣର ଦେବ୍ରତ କୁମାର ଦାସ, ଶିଶିର କୁମାର ସାହୁ, ଆଦୃତର ଦିବ୍ୟଜ୍ୟୋତି ଗିରି, ଗୋବିନ୍ଦ ମଲ୍ଲିକ, ସିଲୁ ମହାନ୍ତ, କୌଶଲ୍ୟା ନାଏକ, ପ୍ରେମଲତା ନାଏକ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।

# ଟେବୁଲ ଟପ ଏକ୍ସରସାଇଜ ଏବଂ ସାମୂହିକ ଅଭ୍ୟାସର ସଫଳ ଆୟୋଜନ ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଟେବୁଲ ଟପ୍ ଏକ୍ସରସାଇଜ ଏବଂ ସାମୁହିକ ଅଭ୍ୟାସ ୨୦୨୪ର ସଫଳ ଆୟୋଜନ ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ମାସ ୧୮ ତାରିଖରେ ( ପୂର୍ବାହ୍ନ ୧୦ ଟାରୁ ୦୧ଟା, ଅପରାହ୍ନ ୦୨ଟାରୁ ସନ୍ଧ୍ୟା ୦୫ଟା) ୨ଟି ପର୍ଯ୍ୟାୟରେ ଜିଲ୍ଲା ସ୍ତରୀୟ ତଥା ବ୍ଲକ ଓ ୟୁ.ଏଲ.ବି ସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହେବ। ବନ୍ୟାର ସୂଚନା ଆସିଲେ ସରକାରୀ ବିଭାଗୀୟ ଅଧିକାରୀମାନେ କିଭଳି ପଦକ୍ଷେପ ନେବେ ତା'ର ପୂର୍ବାଭିନୟ କରାଯିବ। ସମସ୍ତ ସମ୍ପୃକ୍ତ ଅଧିକାରୀ, କର୍ମକର୍ତ୍ତାମାନେ ବନ୍ୟା ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ବନ୍ୟା ପୂର୍ବରୁ, ବନ୍ୟା ପରେ ଓ ବନ୍ୟା ସମୟରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ



ରହିଛି ତା'ର ଦୃଶ୍ୟ ଶ୍ରାବ୍ୟ ଦ୍ୱାରା ଉପସ୍ଥାପନା କରାଯିବ। ୧୯ ତାରିଖ ସକାଳ ୦୯ଟା ରୁ ମକ୍‌ଡ୍ରିଲ ଜିଲ୍ଲାସ୍ଥିତ ୦୬ଟି ବନ୍ୟା ଆଶ୍ରୟସ୍ଥଳୀ ଠାରେ ଅନୁଷ୍ଠିତ ହେବ। ସାମୁହିକ ଅଭ୍ୟାସ ବା ମକ୍‌ଡ୍ରିଲ ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି କରିବା ନିମନ୍ତେ ପରିଚାଳନା କମିଟି ତଥା ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ତଥା ବ୍ଲକ ସ୍ତରୀୟ ଅନ୍ୟ ସହଯୋଗୀ ସଂସ୍ଥା ମୁଖ୍ୟ, କମ୍ୟୁନିଟି କର୍ମକର୍ତ୍ତା ପ୍ରମୁଖଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ମକ୍‌ଡ୍ରିଲ ସମୟରେ ଯେପରି କୌଣସି ପ୍ରକାର ଅଘଟଣ ନହୁଏ ସେଥିପ୍ରତି ବିଶେଷ ସତର୍କ ତଥା ଅଭ୍ୟାସ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମକ୍‌ଡ୍ରିଲ ପୂର୍ବରୁ ଫାୟାର ବିଭାଗ ଦ୍ୱାରା ବିପର୍ଯ୍ୟୟ ସମୟରେ ବ୍ୟବହୃତ ସମସ୍ତ ଆନୁସଙ୍ଗିକ ଯନ୍ତ୍ରପାତିର ଉପଯୁକ୍ତ ଯାଞ୍ଚ ଏବଂ ପରୀକ୍ଷା ପୂର୍ବକ ସଠିକ ବ୍ୟବହାର ନିମନ୍ତେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡେପୁଟି କଲେକ୍ଟର କେ. ରିଚି କୁମାର ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓସଡ଼ମା ବିଶ୍ୱନାଥ ନାୟକ ବୈଠକର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି ବିଶେଷ ଭାବେ ବିପର୍ଯ୍ୟୟ ପୂର୍ବ, ପର ତଥା ବିପର୍ଯ୍ୟୟ ସମୟରେ ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ଷ୍ଟେକ ହୋଲଡରଙ୍କ ଦାୟିତ୍ୱ, କର୍ତ୍ତବ୍ୟ ତଥା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। ବିପର୍ଯ୍ୟୟରୁ ଜନ ସାଧାରଣଙ୍କୁ ଯେପରି ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦିଆଯାଇପାରିବ ସେଥି ନିମନ୍ତେ ବ୍ୟାପକ ଭାବେ ସଚେତନତା ଜାଗରଣ କରିବା, ବିଭିନ୍ନ ସରକାରୀ ବିଭାଗ ନିଜ ବିଭାଗୀୟ ଦାୟିତ୍ୱ ଓ କର୍ତ୍ତବ୍ୟର ଅନୁପାଳନକୁ ସୁନିଶ୍ଚିତ କରିବା, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ କରିବା, ଜିଲ୍ଲା ସ୍ଥିତ ବିଭିନ୍ନ ନଦୀ ନାଳର ଆଡ଼ିବନ୍ଧର ସ୍ଥିତି ନିଶ୍ଚିତ କରିବା, ଆଶ୍ରୟ ସ୍ଥଳୀ ପରିଚାଳନା, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ନିମନ୍ତେ ଆବଶ୍ୟକ ପଦକ୍ଷେପ, ସ୍ଥାନାନ୍ତରଣ ତଥା ପ୍ରାଥମିକ ଚିକିତ୍ସା ପ୍ରଭୃତି ବିଷୟରେ ସୁପରିଚିତ କରାଇବା ସାମୁହିକ ଅଭ୍ୟାସର ମୂଳ ଉଦ୍ଦେଶ୍ୟ ରହିଥିବା ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସ୍ତରୀୟ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡ଼ିଓ, ତହସିଲଦାର, ସାମ୍ବାଦିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, କମ୍ୟୁନିଟି କର୍ମକର୍ତ୍ତା, ଅନ୍ୟାନ୍ୟ ସହଯୋଗୀ ସଂସ୍ଥା କର୍ମକର୍ତ୍ତା, ଆଶ୍ରୟ ସ୍ଥଳୀ ପରିଚାଳନା କର୍ମକର୍ତ୍ତା, ନିର୍ବାହୀ ଅଧିକାରୀ ପୌରାଞ୍ଚଳ ସୋନପୁର, ବିନିକା, ତରଭା ପ୍ରଭୃତି ଯୋଗଦାନ କରି ନିଜ ନିଜର ମତାମତ ପ୍ରଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୫ ଜୁନ ୨୦୨୪ ଶନିବାର





# ସୁବର୍ଣ୍ଣପୁରରେ ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମାପନ କରିବାକୁ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୁବର୍ଣ୍ଣପୁର ସହରରେ ଚଳିତ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ଦେବୋତ୍ତର ଅଧିକାରୀ ତଥା ଉପ-ଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ପୃଷ୍ଠଭୂମି ସହ ଜଡିତ ସୋନପୁର ସହର ସ୍ଥିତ ଶ୍ରୀ ଜୀଉଙ୍କ ରଥଯାତ୍ରା ଆସନ୍ତା ମାସ ୦୭ ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀର ସୋନପୁର ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଗଡ଼ଭିତର ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥଯାତ୍ରା ସହ ରାୟଗୁରୁ ପଡ଼ା ଶ୍ରୀଶ୍ରୀ ବୃନ୍ଦାବନ ବିହାରୀ ମନ୍ଦିର ସ୍ଥିତ ଶ୍ରୀଜଗନ୍ନାଥ ଓ ଘୋଡ଼ାଘାଟପଡ଼ା ସ୍ଥିତ ଦଧିବାମନ ଜୀଉଙ୍କ ରଥ ଯାତ୍ରାକୁ ଶାନ୍ତି ଶୃଙ୍ଖଳା ତଥା ସମସ୍ତଙ୍କ ସହଯୋଗରେ ପାଳନ କରିବା ଉପରେ ବିଶେଷ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ଥିଲା। ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୋନପୁର ଶ୍ରୀ ପଟ୍ଟନାୟକ ବୈଠକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଚଳିତ ରଥଯାତ୍ରାକୁ ଯେପରି ସରସ ସୁନ୍ଦର ତଥା ବ୍ୟବସ୍ଥିତ ଭାବରେ ଅନୁଷ୍ଠିତ କରାଯାଇପାରିବ ସେଥିପାଇଁ ଉପସ୍ଥିତ ସମସ୍ତ କମିଟି ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ ମୁଖ୍ୟ, ବୁଦ୍ଧିଜୀବୀ ଙ୍କ ମତାମତ ଆହ୍ୱାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସହରରେ ଦେବୋତ୍ତର ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଶ୍ରୀଜୀଉଙ୍କ ୫ ଗୋଟି ରଥର ସ୍ଥିତି ଉପରେ ଆଲୋଚନା ହୋଇଥିବା ବେଳେ ସମୟ ପୂର୍ବରୁ ସମସ୍ତ ରଥର ପ୍ରସ୍ତୁତିକୁ ସୁନିଶ୍ଚିତ କରାଯିବା ଉପରେ ନିଷ୍ପତ୍ତି ଗ୍ରହଣ କରାଗଲା। ରଥ ନିର୍ମାଣ ନିମନ୍ତେ ଜିଲ୍ଲା ବନବିଭାଗ, ତହସିଲଦାର ପ୍ରଭୃତି ଆବଶ୍ୟକ ସହଯୋଗ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ରଥଯାତ୍ରା ସମୟରେ ଶ୍ରୀଜୀଉଙ୍କୁ ଲାଗି ହେଉଥିବା ସ୍ୱର୍ଣ୍ଣ ଓ ରୁପା ଅଳଙ୍କାର ଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଇ ଆବଶ୍ୟକ ବ୍ୟବହାର ଯୋଗ୍ୟ କରିବାକୁ ସଦସ୍ୟ ବୃନ୍ଦ ମତାମତ ପ୍ରଦାନ କରିଛନ୍ତି। ରଥଖଳା ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ ମୁକ୍ତ କରିବା ସହ ପରିମଳ ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ପୁନଶ୍ଚ ରଥ ଟଣା ଦିନଗୁଡ଼ିକରେ ରାସ୍ତାରେ ଅତିକ୍ରମଣ ହୋଇଥିବା ବିଦ୍ୟୁତ ତାର ଅପସାରଣ ନିମନ୍ତେ ବିଦ୍ୟୁତ ବିଭାଗ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ତା ୦୭.୦୭.୨୪ ଦିନ ଅପରାହ୍ନ ୦୫ଟା ସମୟରେ ଶ୍ରୀଜୀଉଙ୍କ ପହଣ୍ଡି ଆରମ୍ଭ ହୋଇ ରଥାରୁଢ଼ ହେବେ। ରଥଯାତ୍ରା ଦିନ ରଥଖଳା ସଂଲଗ୍ନ ପାରିପାର୍ଶ୍ୱରେ ଥିବା ଆମିଷ ଦୋକାନ, ମଦ ଦୋକାନ ପ୍ରଭୃତିକୁ ବନ୍ଦ ରବା ଉପରେ ଦେବୋତ୍ତର ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ରଥଯାତ୍ରା ନିମନ୍ତେ ବିଶେଷ ନିୟୋଗୀ ବୃନ୍ଦ ନିଜ ନିଜର ଦାୟିତ୍ୱକୁ ସୁସମ୍ପାଦନ କରିବାକୁ ବୈଠକରେ ଅନୁରୋଧ କରାଯାଇଛି। ରଥଯାତ୍ରା ପୂର୍ବରୁ ମନ୍ଦିର ଗୁଡିକରେ ଆବଶ୍ୟକ ରଙ୍ଗ ଲଗାଇବା ସହ ମରାମତି ପ୍ରଭୃତି କାର୍ଯ୍ୟକୁ ନିଶ୍ଚିତ କରାଇବାକୁ କମିଟି ସଦସ୍ୟ, ସେବାୟତ ପ୍ରଭୃତି ଦେବୋତ୍ତର ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ରଥଯାତ୍ରା ଓ ବାହୁଡ଼ା ଦିନ ସହ ଅନ୍ୟାନ୍ୟ ନୀତିକାନ୍ତି ଦିନ ଗୁଡ଼ିକରେ ଶାନ୍ତି ଶୃଙ୍ଖଳା, ଆଲୋକୀ କରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶ୍ରୀ ଜୀଉଙ୍କ ନୀତି କାନ୍ତିକୁ ବିଧିମୁତାବକ ସମ୍ପାଦନ କରିବା ଉପରେ ବିଭିନ୍ନ ସମ୍ପୃକ୍ତ ଅଧିକାରୀ, ଛତିଶ ନିୟୋଗ ସେବାୟତ ମୁଖ୍ୟ, ପୂଜକ, ତଥା କମିଟି ସଦସ୍ୟ ସଦସ୍ୟା ପ୍ରଭୃତି ନିଜ ନିଜର ଦାୟିତ୍ୱକୁ ସୁ ସମ୍ପାଦନ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଏହି ବୈଠକରେ ସୋନପୁର ପୌର ପରିଷଦ ଅଧକ୍ଷା ତାମସୀ ତମସ୍ୱିତା ନାଏକ, ଉପ ଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରତାପଚନ୍ଦ୍ର ତ୍ରିପାଠୀ, ବନାଞ୍ଚଳ ଅଧିକାରୀ, ପୌର-ପରିଷଦ ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ଦେବୋତ୍ତର କମିଟି ଓ ରଥଯାତ୍ରା କମିଟିର ସଦସ୍ୟ ସଦସ୍ୟା, ଛତିଶ ନିୟୋଗ ସେବାୟତ ମୁଖ୍ୟ, ପୂଜକ ସମାଜ, ବୁଦ୍ଧିଜୀବୀ, ସାମ୍ବାଦିକ ତଥା ସମ୍ପୃକ୍ତ ବିଭିନ୍ନ ଅଧିକାରୀ, ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ମନୋଜ କାର୍ଜି ଡେପୁଟି କଲେକ୍ଟର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା କଟକ-ପାରାଦୀପ ଏବଂ ପାରାଦୀପ-ହରିଦାସପୁର ରେଳ ମାର୍ଗ ନିରୀକ୍ଷଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କାଲ ଶୁକ୍ରବାର ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ପାରାଦୀପ ଗସ୍ତରେ ଯାଇ କଟକ-ପାରାଦୀପ ଏବଂ ପାରାଦୀପ-ହରିଦାସପୁର ରେଳ ମାର୍ଗ ନିରୀକ୍ଷଣ କରିବା ସମୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଟ୍ରାଫିକ ସୁବିଧା ତଥା ବିନା କୌଣସି ପ୍ରତିବନ୍ଧକରେ ଟ୍ରେନ ଚଳାଚଳ ଏବଂ ରେଳବାଇର ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପକୁ ଶ୍ରୀ ଫୁଙ୍କାଲ ମଧ୍ୟ ନୀରିକ୍ଷଣ କରିଥିଲେ।

ଶ୍ରୀ ଫୁଙ୍କାଲ ମଧ୍ୟ ପାରାଦୀପ ଅଞ୍ଚଳରେ ରେଳବାଇର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ଓ ନିରୀକ୍ଷଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍.ଏସ୍ ବଜୱାଙ୍କ ସହିତ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅସୁବିଧାମୁକ୍ତ ଟ୍ରେନ ଚଳାଚଳ ଏବଂ ଉଭୟ ରେଳ ବିଭାଗ ଏବଂ ବନ୍ଦର ଅଞ୍ଚଳରେ ଗତିଶୀଳତାର ଉନ୍ନତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜେନେରାଲ ମ୍ୟାନେଜର ଏହି ସୁଯୋଗ ନେଇ ଚାଲୁରହିଥିବା ବିକାଶମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିଥିଲେ ଏବଂ ଟ୍ରେନ ଚଳାଚଳ ଅସୁବିଧାକୁ ହଟାଇବା ପାଇଁ ଚାଲୁଥିବା ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କାଲ ପଣ୍ୟ ବୋଝେଇ ଓ ପଣ୍ୟ ବୋଝ ଉତାରିବା (ଅନଲୋଡିଂ) ପାଇଁ ଉଦ୍ଦିଷ୍ଟ ବିଭିନ୍ନ ରେଳ ସାଇଡିଙ୍ଗ ପରିଦର୍ଶନ କରିଥିଲେ। ଦେଶର ରାଜସ୍ୱ ବୃଦ୍ଧି ପାଇଁ ପାରାଦୀପ ପୋର୍ଟ ପ୍ରାଧିକରଣ ଏବଂ ଅନ୍ୟାନ୍ୟ ଭାଗିଦାରୀ ଓ ଉଦ୍ୟୋଗ ଗୁଡିକ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ଶ୍ରୀ ଫୁଙ୍କାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି, ଯାହା ସିଧାସଳଖ ଦେଶ ପାଇଁ ଲାଭଦାୟକ ହେବ।

## ଦୁବାଇରେ ଫସିଛନ୍ତି ରାଜନଗର ଓ ପଟ୍ଟାମୁଣ୍ଡାଇର ୨୮ ଶ୍ରମିକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦୁବାଇରେ ଫସିଛନ୍ତି ରାଜନଗର ଓ ପଟ୍ଟାମୁଣ୍ଡାଇ ୨୭ ରୁ ୨୮ ଜଣ ଶ୍ରମିକ। ୟୁନାଇଟେଡ଼ ମାଷ୍ଟର ଇଲେକ୍ଟ୍ରୋମେକାନିକାଲ କମ୍ପାନୀରେ କାମ ଦେବାକୁ କହି ଅନ୍ୟ ଏକ କମ୍ପାନୀରେ କାମ କରାଉଛନ୍ତି । ୧୦ ଘଣ୍ଟା କାମ କରାଇ ୮ ଘଣ୍ଟାର ପଇସା ଦେଉଛି କମ୍ପାନୀ। କମ୍ପାନୀରେ କାମ କରୁଥିବା ଭଦ୍ରକର ସନାତନ ପରିଡ଼ା ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ ଆଣି କମ୍ପାନୀ ଆଗରେ ଧାରଣା ଦେଇଛନ୍ତି। ଫେରାଇ ଆଣିବାକୁ ସରକାରକୁ ନିବେଦନ କରିଛନ୍ତି ଶ୍ରମିକ।

## ପତ୍ନୀହନ୍ତା ସ୍ୱାମୀକୁ ଗିରଫ କଲା ପୋଲିସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପତ୍ନୀହନ୍ତା ସ୍ୱାମୀକୁ ଗିରଫ କଲା ପୋଲିସ। ବାଲେଶ୍ୱର ଜିଲ୍ଲା ଖଇରା ଥାନା ନନ୍ଦୁର ପଞ୍ଚାୟତ ଅଧିନ ଅସୁରିଆ ଗାଁରେ ଅଭାବନୀୟ ଘଟଣା। ରାତିରେ ବାଡ଼ିରେ ପିଟି ପିଟି ପତ୍ନୀକୁ ହତ୍ୟା କରିଥିଲା ସ୍ୱାମୀ। ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ରମାକାନ୍ତ ପରିଡ଼ାକୁ ଗିରଫ କରି ତଦନ୍ତ ଚଳାଇଛି।

# ବିପଦପୂର୍ଣ୍ଣ ନାଳ ଓ ଡ୍ରେନ୍‌ର ସ୍ଥିତି ସମୀକ୍ଷା କଲେ ବିଧାୟକ ବାବୁ ସିଂ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏକାମ୍ର ନିର୍ବାଚନ ମଣ୍ଡଳୀରେ ସବୁଠାରୁ ବଡ଼ ସମସ୍ୟା ହେଲା ଡ୍ରେନ୍ ସମସ୍ୟା। ବାବୁ ସିଂ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହେବା ପରେ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସଙ୍ଗେ ସଙ୍ଗେ କାର୍ଯ୍ୟ ଆରମ୍ଭ କରୁଛନ୍ତି। ଗୁରୁବାର ୱାର୍ଡ଼ ନଂ ୫୦, ୫୧ ଅଂଚଳ ପରିଦର୍ଶନ କରିଥିଲେ। ଏହି ଅଞ୍ଚଳରେ ଥିବା ସମସ୍ତ ଡ୍ରେନ ଓ ବଡ଼ ନାଳ ଗୁଡ଼ିକ ସ୍ଥିତି ସମୀକ୍ଷା କରିଥିଲେ। ତାଙ୍କ ସହ ଭୁବନେଶ୍ୱର ମହାନଗର ନିଗମ କମିଶନର ଓ ସିଟି ଇଞ୍ଜିନିୟର ଏବଂ ଉଚ୍ଚ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ, ବର୍ଷା ପୂର୍ବରୁ ଏକାମ୍ର ନିର୍ବାଚନ ମଣ୍ଡଳୀର ସମସ୍ତ ଡ୍ରେନ ଓ ନାଳ ଗୁଡ଼ିକର ପୂର୍ଣ୍ଣ ଉଦ୍ଧାର ଆମ ପାଇଁ ଆମେ ସଂକଳ୍ପବଦ୍ଧ। ଏକାମ୍ର ନିର୍ବାଚନ ମଣ୍ଡଳୀକୁ ଜଳବନ୍ଦୀରୁ ମୁକ୍ତ କରିବା ଆମର ପ୍ରାଥମିକତା ଅଟେ। ଏଥି ପାଇଁ ଆମେ କାର୍ଯ୍ୟ ଆରମ୍ଭ କରୁଛି ଏବଂ ଖୁବ୍ ଜଲ୍‌ଦୀ ସମସ୍ୟା ର ସମାଧାନ ହୋଇଯିବ । ବିପଦସଙ୍କୁଳ ଅବସ୍ଥାରେ ଥିବା ଡ୍ରେନ ଓ ନାଳ ଗୁଡ଼ିକର ସୁରକ୍ଷା ବାଡ଼ କରାଯିବ। ଆଜି ବିଏମସି କମିଶନର ଓ ବିଭାଗୀୟ ଅଧିକାରୀ ମାନଙ୍କ ସହ ସ୍ଥିତି ସମୀକ୍ଷା କରିଲି ଯେତେ କମ୍ ସମୟ ରେ ଏସବୁ ସମସ୍ୟା ଦୁରହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବୁ ବୋଲି ଶ୍ରୀ ସିଂ କହିଛନ୍ତି।ଏହି ଅବସରରେ ସ୍ଥାନୀୟ କର୍ପୋରେଟର ରାମଚନ୍ଦ୍ର ରଣସିଂହ, ସୁଚିତ୍ରା ପାତ୍ର, ବିଜେପି ନେତା ହିମାଂଶୁ ଛୋଟରାୟ, ଧିରେନ ପାତ୍ର, ପୂର୍ଣ୍ଣ ସ୍ୱାଇଁ, ଚିତ୍ରସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ନିଷ୍ପତ୍ତିକୁ କଂଗ୍ରେସର ସ୍ୱାଗତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଦୀର୍ଘଦିନ ଧରି କଂଗ୍ରେସ ଦଳ ପକ୍ଷରୁ ଶ୍ରୀ ଜୀଉମାନଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ନିମନ୍ତେ ସରକାରଙ୍କ ନିକଟରେ ଦାବି ଜଣାଇବା ସହ ବାରମ୍ବାର ଆନ୍ଦୋଳନ କରି ଆସୁଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଗଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୁରୀରେ ଏକ ବିଶାଳ ଆନ୍ଦୋଳନ କାର୍ଯ୍ୟକ୍ରମ ମାଧ୍ୟମରେ ଚାରିଦ୍ୱାର ଖୋଲିବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବା ସହ ପ୍ରତି ବ୍ଲକରୁ ତୁଳସୀ ସଂଗ୍ରହ କରା ଯାଇ ଭୁବନେଶ୍ୱରରୁ ତୁଳସୀ ଯାତ୍ରା ପୁରୀ ଅଭିମୁଖେ ଯାଇ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଥିଲା। କିନ୍ତୁ ତତ୍‌କାଳୀନ ସରକାର ଏହି ଦାବିକୁ ଭୃକ୍ଷେପ ନକରିବା କାରଣରୁ ଏ ସରକାରକୁ ମହାପ୍ରଭୁ ପତନ ଘଟାଇଲେ। ନୂଆ ସରକାର ନେଇଥିବା ନିଷ୍ପତ୍ତି କଂଗ୍ରେସର ଦୀର୍ଘଦିନର ଆନ୍ଦୋଳନ ଓ ଦାବିର ପ୍ରତିଫଳନ ବୋଲି ଶ୍ରୀ ରାୟ କହିଛନ୍ତି। ଶ୍ରୀ ରାୟ ଆହୁରିମଧ୍ୟ କହିଛନ୍ତି ଯେ ଦେଶ ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଆସିବାପରେ ଅତ୍ୟାବଶକୀୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଖାଉଟିଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଲ, କ୍ଷୀର, ଡାଲି ଇତ୍ୟାଦି ଅନେକ ସାମଗ୍ରୀର ଦରବୃଦ୍ଧି କାରଣରୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ଦରଦାମକୁ ନିୟନ୍ତ୍ରଣ କରିବାପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାପାଇଁ ଶ୍ରୀ ରାୟ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରଜ ପାଳିଲେ...

ସଂସ୍କୃତିର ଏହି ଗଣପର୍ବକୁ ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଯେପରି ଚିତ୍ତାକର୍ଷକ ଭାବରେ ଆୟୋଜନ କରାଯାଇଛି, ସେଥିପାଇଁ ସଂସ୍କୃତି ବିଭାଗକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ସଂସ୍କୃତି ବିଭାଗ ସଚିବ ଶାଳିନୀ ପଣ୍ଡିତ ଜନଜାତି ଜୀବନ ଶୈଳୀ ଉପରେ ଆଧାରିତ 'ସୋଲ ଅଫ୍ ସଏଲ' ନାମକ ଏକ କଫି ଟେବୁଲ ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଗ୍ରହାଳୟ ପରିସରରେ ପିଲାମାନଙ୍କ ପାଇଁ ଏକ ଯନ୍ତ୍ରଚାଳିତ ଡାଇନୋସର ପ୍ରତିମୂର୍ତ୍ତିକୁ ସୁଇଚ ଟିପି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ଗୋଟିପୁଅ, ସମ୍ବଲପୁରୀ ଓ ଓଡିଶୀ ନୃତ୍ୟକୁ ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ରାସ୍ତାର ଉଭୟ ପାର୍ଶ୍ୱରେ ଉପସ୍ଥିତ ଜନତାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ପିଲାଙ୍କ ଠାରୁ ଫୁଲ ନେଇଥିଲେ ଏବଂ ସେଲ୍‌ଫି ଉଠାଇଥିଲେ। ସଂଗ୍ରହାଳୟକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟ ପିଲାଙ୍କ ଠାରୁ ଆରମ୍ଭକରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସ୍ଥାନେ ସ୍ଥାନେ ଗାଡି ଅଟକାଇ ସେ ପିଲାଙ୍କ ଠାରୁ ଫୁଲ ତୋଡା ଗ୍ରହଣ କରିଥିଲେ। ପିଲାଙ୍କ ସହ ସେଲ୍‌ଫି ମଧ୍ୟ ଉଠାଇଥିଲେ। ଜଣେ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀ ଭାବେ ସେ ଯେଉଁଭଳି ସରଳ ଭାବରେ ସମସ୍ତଙ୍କ ସହ ମିଶୁଛନ୍ତି, କଥା ହେଉଛନ୍ତି, ସୁଖଦୁଃଖ ଶୁଣୁଛନ୍ତି, ଏହାଦ୍ୱାରା ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବରେ ଗଢିଉଠୁଥିବା ତାଙ୍କ ପରିଚୟ ଆହୁରି ସୁଦୃଢ ହେଉଛି।

## ଜୁଲାଇ ୧ରୁ ଦେଶରେ...

୧୭୫ଟି ସେକ୍ସନ ସଂଶୋଧନ କରାଯିବ। ପ୍ରାୟ ଦେଢ଼ ଶହ ବର୍ଷ ଧରି ଦେଶରେ ଇଂରେଜ ଅମଳର ପୋଲିସ ଆଇନ ଚାଲି ଆସିଥିଲା । ଏ ନେଇ ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଓ ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋ ସହ ମିଳିତ ଆଲୋଚନା ଚାଲିଛି। ଏହି ନୂଆ ନିୟମକୁ କାର୍ଯ୍ୟକାରୀ କରିବା ପାଇଁ ଯାହା ପ୍ରାବଧାନ ରହିଛି ସେ ନେଇ ବରିଷ୍ଠ ଆଇପିଏସମାନଙ୍କ ସହ ଆଲୋଚନା କରିଛନ୍ତି ଡିଜିପି। କ୍ରାଇମବ୍ରାଞ୍ଚ ଆଡିସିନାଲ ଡିଜି ଅରୁଣ ବୋଥ୍ରାଙ୍କ ଅଧକ୍ଷତାରେ ଏକ କମିଟି ଗଠନ ହୋଇଛି। ଅଡିସିନାଲ ଚିଫ ସେକ୍ରେଟାରୀଙ୍କ ନେତୃତ୍ୱରେ ଏକ ଷ୍ଟିଅରିଂ କମିଟି ଗଠନ ହୋଇଛି । କେନ୍ଦ୍ରର ଗୃହ ସଚିବ ଏ ନେଇ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ଡିଜିପି ଭିସିରେ ରହି କାର୍ଯ୍ୟକାରିତା ଦିଗରେ ଅଧିକ ଆଲୋଚନା କରିଛନ୍ତି । ଏ ନେଇ ପୁଲିସ ଅଧିକାରୀମାନଙ୍କୁ ତାଲିମ ମଧ୍ୟ ଦିଆଯାଇଛି । ଜୁଲାଇ ୧ ମଧ୍ୟରେ ଯେତିକି କେସ ରୁଜୁ ହୋଇଥିବ ତାହା ପୁରୁଣା ସିଆରପିସି ଅଧୀନରେ ଟ୍ରାଏଲ କରାଯିବ।

## ରାମ ମନ୍ଦିରକୁ...

ପୁଲିସ ପ୍ରଶାସନ ସତର୍କ ହୋଇପଡିଛି । ମନ୍ଦିର ପରିସରର ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ବଢ଼ାଇ ଦିଆଯାଇଛି। ଅଯୋଧାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଠାରେ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନଏସଜି) ହବ ନିର୍ମାଣ କରାଯାଉଛି । ଏହା ହେବ ଦେଶର ଷଷ୍ଠ ହବ । ପୂର୍ବରୁ ଦେଶରେ ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ ଓ ଅହମ୍ମଦାବାଦରେ ଏନଏସଜି ହବ ରହିଛି । ଏବେ ଅଯୋଧାରେ ଏନଏସଜି ହବ ମଧ୍ୟ ନିର୍ମାଣ କରାଯାଉଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ହବ ପ୍ରସ୍ତୁତ କରାଯାଇଛି । ରାମ ମନ୍ଦିର ନିକଟରେ ମଧ୍ୟ ଏହି ହବର ବେସ୍ ପ୍ରସ୍ତୁତ କରାଯାଉଛି। ଖୁବଶୀଘ୍ର ନୂଆ ଅପଡେଟ ସାମ୍ନାକୁ ଆସିବାକୁ ଯାଉଛି । ଏଠାରେ ଏନଏସଜି ହବ ହେବା ପରେ ବ୍ଲାକ କମାଣ୍ଡୋଙ୍କୁ ମଧ୍ୟ ମୁତୟନ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜୈସ-ଏ-ମହମ୍ମଦ ପୂର୍ବରୁ ବି ଅଯୋଧାରେ ଆତଙ୍କବାଦୀ ଆକ୍ରମଣ କରିସାରିଛି । ୨୦୦୫ ମସିହା ଜୁଲାଇ ୫ରେ ଏହି ଆତଙ୍କବାଦୀ ସଂଗଠନ ଏକ ବାରୁଦ ଭର୍ତ୍ତି ଜିପ ନେଇ ମନ୍ଦିର ଉପରେ ଆକ୍ରମଣ କରିଥିଲା।

## ଜି-୭ ବୈଠକରେ ...

ଅବସରରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ସମେତ ବିଶ୍ୱର ପ୍ରମୁଖ ନେତାଙ୍କ ସହ ଆଲୋଚନା କରିବେ। ଜି-୭ ବୈଠକରେ ଆମେରିକା, ବ୍ରିଟେନ, ଫ୍ରାନ୍ସ, ଇଟାଲୀ, ଜର୍ମାନୀ, କାନାଡା ଏବଂ ଜାପାନ ସାମିଲ ଅଛନ୍ତି । ଇଟାଲୀ ଜି-୭ ବୈଠକର ଅଧକ୍ଷତା କରୁଛି ଭାରତ ସମେତ ଆଫ୍ରିକା, ଦକ୍ଷିଣ ଆମେରିକା ଅଞ୍ଚଳର ୧୧ ରାଷ୍ଟ୍ର ଅଂଶଗ୍ରହଣ କରୁଛନ୍ତି। ଜି-୭ରେ ୟୁରୋପୀୟ ସଂଘ ସଦସ୍ୟ ନଥିଲେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଆସୁଛି।

## କାମଚଳା ବାଚସ୍ପତି ...

ନିର୍ବାଚିତ ବିଧାୟକମାନଙ୍କୁ ସେ ଶପଥ ପାଠ କରାଇବେ। ଶ୍ରୀ ସ୍ୱାଇଁ ବିଧାୟକଙ୍କୁ ଶପଥ ପାଠ କରାଇବା ସହ ବାଚସ୍ପତି ନିର୍ବାଚନ ମଧ୍ୟ ପରିଚାଳନା କରିବେ। ନୂଆ ବିଧାନସଭାର ବାଚସ୍ପତି ନିର୍ବାଚନ ପାଇଁ ଆସନ୍ତା ୧୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ହେବାକୁ ଥିବା ବେଳେ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ରଣପୁରର ବିଜେପି ବିଧାୟିକା ସୁରମା ପାଢ଼ୀ ଓଡ଼ିଶା ବିଧାନସଭାର ନୂଆ ବାଚସ୍ପତି ପ୍ରାର୍ଥୀ ହେବାକୁ ଯାଉଛନ୍ତି।

## ସେନାରେ ସାମିଲ ...

ରଖିଛି। ଏହା ୧୫ କିଲୋମିଟର ରେଞ୍ଜ ଭିତରେ କାର୍ଯ୍ୟ କରିବା ସହ ୪ ହଜାର ୫ଶହ ମିଟର ଉପରେ ଉଡିପାରିବ । ଏକ କିଲୋରୁ ୪ କିଲୋ ପର୍ଯ୍ୟନ୍ତ ଅସ୍ତ୍ରଶସ୍ତ୍ର ବହନ କରିପାରିବାର କ୍ଷମତା ରଖିଛି ନାଗାସ୍ତ୍ର-୧ । ହମଲା ସମୟରେ ଏହା ରିଅଲ ଟାଇମ ଭିଡିଓ ମଧ୍ୟ ପ୍ରସ୍ତୁତ କରିପାରିବ । ପ୍ରଥମ ବ୍ୟାଚରେ ସେନାକୁ ୧୨୦ଟି ନାଗାସ୍ତ୍ର ଡ୍ରୋନ ହସ୍ତାନ୍ତର କରାଯାଇଛି । ନାଗାସ୍ତ୍ର ବଙ୍କର, ଯୁଦ୍ଧପୋଷ୍ଟ, ଯୁଦ୍ଧାସ୍ତ୍ର ଡିପୋକୁ ଏୟାର ଷ୍ଟ୍ରାଇକ କରି ଧ୍ୱଂସ କରିବାର କ୍ଷମତା ରଖିଛି। ଏହି ଡ୍ରୋନକୁ ଇକୋନୋମିକ୍ସ ଏକ୍ସପ୍ଲୋସିଭ ଓ ଜେଡ ମୋସନ ଅଟୋନୋମସ ସିଷ୍ଟମସ କମ୍ପାନୀ ନିର୍ମାଣ କରିଛନ୍ତି । ସେନାକୁ ୪୫୦ଟି ନାଗାସ୍ତ୍ର-୧ ପ୍ରଦାନ କରାଯିବ । ଏହାକୁ ଚୀନ ସୀମା ନିକଟ ଲଦାଖରେ ପରୀକ୍ଷଣ କରାଯାଇ ସଫଳତା ହାସଲ କରାଯାଇଛି । ଏହା ଭବିଷ୍ୟତରେ ସର୍ଜିକାଲର ଷ୍ଟ୍ରାଇକର ଏକ ଭଲ ବିକଳ୍ପ ହେବାକୁ ଯାଉଛି । ଏହି ଡ୍ରୋନ ଯୋଗୁଁ ସର୍ଜିକାଲ ଷ୍ଟ୍ରାଇକରେ ଆଉ ଫାଇଟର ଜେଟର ଆବଶ୍ୟକତା ପଡିବନି।

## କୁଏତ ଅଗ୍ନିକାଣ୍ଡ...

ମଙ୍ଗଫ ସହରର ଏକ ବହୁତଳ କୋଠାରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ୪୯ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ଜଣ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ସର୍ବାଧିକ ଭାରତୀୟ ଅଛନ୍ତି। କୁଏତର ସବୁଠାରୁ ବଡ଼ ନିର୍ମାଣ ସଂସ୍ଥା ଏନବିଟିସି ଗ୍ରୁପର ଏହି ୬ ମହଲା କୋଠା ଘରଟି ଶ୍ରମିକଙ୍କ ରହିବା ପାଇଁ ବ୍ୟବହାର କରାଯାଉଥିଲା। ଏଥିରେ ୧୯୫ଜଣ ଶ୍ରମିକ ଓ ସଂସ୍ଥାର କର୍ମଚାରୀ ରହୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ ଏବଂ ସେମାନେ କେରଳ, ତାମିଲନାଡୁ ଓ ଉତ୍ତରପ୍ରଦେଶ, ଜମ୍ମୁ-କଶ୍ମୀର ଆଦି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଲୋକ। ଏହି ଦୁଃଖଦ ଘଟଣାକୁ ନେଇ ବିଶ୍ୱ ସ୍ତବ୍ଧ ହୋଇଯାଇଛି।

## ପୁଣି ଥରେ ...

ମିଡ କ୍ୟାପ ସେୟାର ମାର୍କେଟର ବଜାର ମୂଲ୍ୟ ଉଚ୍ଚରେ ରହିଛି। ଆମେରିକାର ମୋଟ ବଜାର ମୂଲ୍ୟ ୫୬.୪୯ ରେ ଥିବା ବେଳେ ପଛରେ ରହିଛି ଚୀନ୍ । ଚୀନର ବଜାର ମୂଲ୍ୟ ୮.୮୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଜାପାନ ୬.୩୦ ଟ୍ରିଲିୟନ ଡଲାର ସହ ତୃତୀୟ ସ୍ଥାନରେ ରହିଛି । ତେବେ ଭାରତୀୟ ସେୟାର ବଜାରର ଏହି ଅଗ୍ରଗତି ସହ ଭାରତ ଦ୍ୱିତୀୟ ଥର ପାଇଁ ହଂକଂ ଷ୍ଟକ ମାର୍କେଟକୁ ଟପି ଯାଇଛି । ଚଳିତ ବର୍ଷ ଜାନୁୟାରୀ ୨୩ରେ ହଂକଂକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ସେୟାର ମାର୍କେଟ ହୋଇଥିଲା ଭାରତ। କିନ୍ତୁ ଏହା ପରେ ହଂକଂର ହ୍ୟାଙ୍ଗ ସେଙ୍ଗ ଇଣ୍ଡେକ୍ସ ୧୨%ରୁ ଅଧିକ ରିଟର୍ଣ୍ଣ ସହ ସର୍ବମୋଟ ୨୦% ବୃଦ୍ଧି ଘଟିଥିଲା, ଯାହା ଫଳରେ ଜୁନ ଯାଏ ନିଜର ଚତୁର୍ଥ ସ୍ଥାନ ବଜାୟ ରଖିଥିଲା ହଂକଂ । ଲୋକସଭା ନିର୍ବାଚନକୁ ନେଇ ସେୟାର ମାର୍କେଟରେ ଚାଲିଥିବା ଅସ୍ଥିରତା ମଧ୍ୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ପୁଣି ଥରେ ପୂର୍ବ ସ୍ଥିତିକୁ ଫେରିଛି। ନିର୍ବାଚନ ରେଜଲ୍ଟ ପ୍ରକାଶ ପାଇବା ଦିନ ବଜାରରେ ପ୍ରବଳ ଅସ୍ଥିରତା ଦେଖା ଦେଇଥିଲା। ଏକ୍‌ଜିଟ ପୋଲ ଅନୁସାରେ ରେଜଲ୍ଟ ନ ହେବାରୁ ସେୟାର ବଜାର ୬ ପ୍ରତିଶତ ହ୍ରାସ ପାଇଥିଲା। ଏହି ଦିନ ନିବେଶକଙ୍କୁ ପ୍ରବଳ କ୍ଷତି ସହିବାକୁ ପଡିଥିଲା। କିନ୍ତୁ ଏହା ପରଠାରୁ ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି । ଜୁନ ୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶପଥ ଗ୍ରହଣ କରିବା ପରେ ଏହାର ପ୍ରଭାବ ସେୟାର ବଜାର ଉପରେ ପଡିଥିଲା। ମାର୍କେଟ ଖୋଲିବା ପରେ ଉଚ୍ଚରେ ପହଞ୍ଚି ଥିଲା ସେନ୍ସେକ୍ସ। ପ୍ରଥମ ଥର ପାଇଁ ସେନ୍ସେକ୍ସ ୭୭ ହଜାର ମାର୍କ ଅତିକ୍ରମ କରିଥିଲା। ଆଉ ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ ବିଶ୍ୱର ଚତୁର୍ଥ ବୃହତ୍ତମ ସେୟାର ବଜାର ହୋଇପାରିଛି ।

## ୧୭ରୁ ...

କହିବା ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବାର ସମ୍ଭାବନା ରହିଛି । ତେବେ ୧୫, ୧୬ ଓ ୧୭ ତାରିଖରେ ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହୋଇପାରେ। ବର୍ତ୍ତମାନ ମୌସୁମୀ ମାଲକାନଗିରି ପର୍ଯ୍ୟନ୍ତ ଆସିଛି। ଆଗାମୀ ୪ରୁ ୫ ଦିନ ଭିତରେ ମୌସୁମୀ କୋରାପୁଟ ଛୁଇଁପାରେ। ମୌସୁମୀ ପାଇଁ ବର୍ତ୍ତମାନ ସ୍ଥିତି ଅନୁକୂଳ ରହିଛି ବୋଲି ଡକ୍ଟର ମହାନ୍ତି କହିଛନ୍ତି।

## ସରକାରଙ୍କ ଆଭିମୁଖ୍ୟ...

ହେଉଛି ସାଧାରଣ ଲୋକଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରକ୍ଷା କରିବା। ରାଜ୍ୟର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ସହିତ ଲୋକମାନଙ୍କ ଅଭାବ ଅସୁବିଧା ଓ ସମସ୍ୟା ବିଷୟ ବୁଝି ତାର ନିରାକରଣ ଦିଗରେ ପଦକ୍ଷେପ ଗ୍ରହଣ କରିବା। ନିର୍ବାଚନ ପ୍ରତିଶ୍ରୁତି ଅନୁସାରେ ନୂଆ ସରକାର ଗଠନ ପରେ ପ୍ରଥମ କ୍ୟାବିନେଟ୍‌ରେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ସହ ଯେଉଁ ଚାରୋଟି ପ୍ରସ୍ତାବରେ ମୋହର ଲାଗିଥିଲା ତାହା ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଆଯାଇଥିଲା। ଏବେ ନୂଆ ମୁଖ୍ୟମନ୍ତ୍ରୀ କାର୍ଯ୍ୟାରମ୍ଭ କରିବା ପରଠାରୁ ଯେଉଁ ସବୁ ସ୍ଥାନକୁ ଯାଉଛନ୍ତି ଏବଂ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକରେ ଯୋଗଦେଉଛନ୍ତି ସେଥିରେ କେବଳ ରାଜ୍ୟବାସୀଙ୍କ ହିତ ସାଧନ ପାଇଁ ଅଧିକ କଣ କରାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦେଉଛନ୍ତି। ଇତି ମଧ୍ୟରେ ନୂଆ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର ସାମଗ୍ରୀକ ବିକାଶ ପାଇଁ ଆଉ କଣ ସବୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ପାରିବ ସେ ସମ୍ପର୍କରେ ମୁଖ୍ୟଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ବିଚାରବିମର୍ଷ ଆରମ୍ଭ କରିଛନ୍ତି। ନୂତନ ସରକାର ପାଇଁ ଆଗକୁ କ'ଣ ସବୁ ଚ୍ୟାଲେଞ୍ଜ ରହିଛି ସେ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଅଫିସରମାନଙ୍କ ଠାରୁ ପଚାରି ବୁଝିବା ଆରମ୍ଭ କରିଛନ୍ତି। ମୁଖ୍ୟଶାସନ ସଚିବ ରାଜ୍ୟର ବିକାଶ ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ସରକାରୀ ସେବା ଓ ଯୋଜନାକୁ ପ୍ରଭାବୀ ଢଙ୍ଗରେ ତଳ ସ୍ତରରେ ପହଞ୍ଚାଇ ତାର ସୁଫଳ ଯେପରି ସାଧାରଣ ଲୋକେ ପାଇ ପାରିବେ ସେ ଦିଗରେ ପ୍ରଶାସନ ସମନ୍ୱୟ ରକ୍ଷା କରି କାମ କରିବା ଉପରେ ନୂଆ ସରକାର ଏବେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ପ୍ରଶାସନ ଚଳଚଞ୍ଚଳ ଓ ଅଧିକାରୀ କର୍ମତତ୍ପର ହୋଇ ଉଠିଛନ୍ତି।

# କନଷ୍ଟେବଲ ଶଙ୍କର ବେହେରା ହତ୍ୟା ମାମଲା : ୬ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ହାତଗୋଡ଼ ବନ୍ଧା ଅବସ୍ଥାରେ କନଷ୍ଟେବଲ ଶଙ୍କର ବେହେରାଙ୍କ ମୃତଦେହ ଉଦ୍ଧାର ଘଟଣାରେ ରାଜ୍ୟ ବାହାରୁ ୬ ଜଣଙ୍କୁ ଗିରଫ କରିଛି ବଲାଙ୍ଗିର ଟାଉନ୍ ପୋଲିସ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୪ ଜଣ ଓଡ଼ିଶାର ହୋଇଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟର ହୋଇଥିବା ସୂଚନା ମିଳିଛି। ହୀରା ଭଳି ଦେଖାଯାଉଥିବା ପଥର ବ୍ୟବସାୟକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ମାନେ ଫେକ୍ ଆଇଡିରେ ରୁମ୍ ବୁକ୍ କରିଥିଲେ। ଅଭିଯୁକ୍ତ ମାନେ ହେଲେ ଝାଡ଼ଖଣ୍ଡର ପଙ୍କଜ କୁମାର, ସୁରଜ କୁମାର ବର୍ଣ୍ଣୱାଲ ଏବଂ ଓଡ଼ିଶା ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଅଞ୍ଚଳର କୃଷ୍ଣ ମେହେର, ବୌଦ୍ଧ ଜିଲ୍ଲା ଇଚ୍ଛାପୁରର ମନୋରଞ୍ଜନ ସାଥୁଆ, ସୋନପୁର ଜିଲ୍ଲା ନନ୍ଦନମାଳ ଗ୍ରାମର ନିତାଇ କର ଏବଂ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଅନ୍ତର୍ଗତ ବରପଦର ଗ୍ରାମର ରୋହିତ ଶାହ। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି କାର, ୨ଟି ବାଇକ୍, ଗୋଟିଏ ପିସ୍ତଲ, ହୀରା ଭଳି ଦେଖାଯାଉଥିବା ଏକ ପଥର, ଦୁଇଟି ଛୁରୀ ଓ ୪ଟି ମୋବାଇଲ୍ ଜବତ ହୋଇଥିବା ନେଇ ବଲାଙ୍ଗୀର ଟାଉନ୍ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଗତ ୧୬ ତାରିଖରେ ବଲାଙ୍ଗିର ରେଳ ଷ୍ଟେସନ ନିକଟସ୍ଥ ଏକ ହୋଟେଲରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ସମ୍ପୃକ୍ତ କନଷ୍ଟେବଲଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କୁ ହତ୍ୟା କରିବା ପରେ ହାତଗୋଡ଼ ବାନ୍ଧି ଘଟଣାସ୍ଥଳରୁ ଅଭିଯୁକ୍ତ ମାନେ ଫେରାର୍ ହୋଇଯାଇଥିଲେ। କନଷ୍ଟେବଲ ଶଙ୍କର ବେହେରା ସୁବର୍ଣ୍ଣପୁର ଟାଉନ୍ ଥାନାରେ କାର୍ଯ୍ୟ କରୁଥିଲେ। ହତ୍ୟାକାଣ୍ଡ ପରେ ଏହାର ତଦନ୍ତ ପାଇଁ ଏସଡିପିଓ ଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ଗଠନ କରାଯାଇ ଥିଲା। ଏହି ଟିମ୍ ମାମଲାର ତଦନ୍ତ କରିବା ସହ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରଚେଷ୍ଟା ଜାରି ରଖିଥିଲା। ଗିରଫ ପରେ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ସାମାଜିକ କର୍ମୀ ସୂରଜଙ୍କ ଆତ୍ମହତ୍ୟା



**କଟକ,ନ୍ୟୁଜ୍‌ବ୍ୟୁରୋ**

ରୟାଲ ବ୍ରଦର୍ସ ସାମାଜିକ ସଙ୍ଗଠନର ପ୍ରମୁଖ ସଦସ୍ୟ ସାଗର ଓରଫ ସୂରଜ ରାଉତ(୩୨) ଆତ୍ମହତ୍ୟା କରିଛନ୍ତି। କିଛି ଦିନ ହେବ ଏକାଧିକ କାରଣରୁ ମାନସିକ ଚାପରେ ରହୁଥିବା ସୂରଜ ବୁଧବାର ବିଳମ୍ବିତ ରାତିରେ ଶଙ୍କରପୁରସ୍ଥିତ ତାଙ୍କ ବାସଭବନରେ ଆତ୍ମହତ୍ୟା କରିଥିଲେ। ଘର ଭିତରେ ଫ୍ୟାନ୍‌ରେ ଗାମୁଛା ବାନ୍ଧି ସୂରଜ ଝୁଲି ପଡ଼ିଥିଲେ। ତାଙ୍କର ଏଭଳି ଚରମ ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ନ୍ୟୁ ଏଲଆଇସି କଲୋନୀ ସ୍ଥିତ ଶ୍ମଶାନରେ ସୂରଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପରିବାର ଲୋକ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବଙ୍କ ସମେତ ଶତାଧିକ ଯୁବକ ଉପସ୍ଥିତ ଥିଲେ।

# ମିଳିତ ଗବେଷଣାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସୋଆ ଏବଂ ଇମ୍‌ଜେନେକ୍ସ ଇଣ୍ଡିଆ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମିଳିତ ଗବେଷଣା ଓ ବିକାଶକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପୂର୍ବ ଭାରତର ଅଗ୍ରଣୀ ବାୟୋଟେକ୍ନୋଲୋଜି କମ୍ପାନୀ ଇମ୍‌ଜେନେକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ସହିତ ବୁଧବାର ଏକ ବୁଝାମଣା ସ୍ୱାକ୍ଷରିତ କରିଛି। ସୋଆର ସେଣ୍ଟର ଫର୍ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ (ସିଆଇବିଆର୍) ଓ ଇମ୍‌ଜେନେକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମିଳିତ ଭାବେ ଏହି ଗବେଷଣା କାର୍ଯ୍ୟ କରିବେ। ଇମ୍‌ଜେନେକ୍ସ ଇଣ୍ଡିଆ ହେଉଛି ଦେଶର ଅନ୍ୟତମ ଅଗ୍ରଣୀ ବାୟୋଟେକ୍ କମ୍ପାନୀ ଯାହାର ଭୁବନେଶ୍ୱର ସ୍ଥିତ ଇନ୍‌ଫୋସିଟି କମ୍ପ୍ଲେକ୍ସରେ ଏକ ଷ୍ଟେଟ୍ ଅଫ୍ ଦ ଆର୍ଟ ଗବେଷଣା ଓ ବିକାଶ ଲ୍ୟାବେରୋଟରୀ ରହିଛି। ଏହି କମ୍ପାନୀଟି ଭାରତରେ ସର୍ବାଧିକ ମୋନୋକ୍ଲୋନାଲ୍ ଓ ପୋଲିକ୍ଲୋନାଲ୍ ଆଣ୍ଟିବଡି ଉତ୍ପାଦନ କରୁଥିବା ବେଳେ ବର୍ଷକୁ ୨୫୦ ରୁ ଊର୍ଦ୍ଧ୍ୱ ମୋନୋକ୍ଲୋନାଲ୍ ଆଣ୍ଟିବଡି ଉତ୍ପାଦନ କରୁଛି। ବୁଝାମଣାଟି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଇମ୍‌ଜେନେକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସୁଜୟ ସିଂଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ବୁଝାମଣା ଅନୁଯାୟୀ ଇମ୍‌ଜେନେକ୍ସ ଓ ସିଆଇବିଆର୍ ମିଳିତ ଭାବରେ ପ୍ରକଳ୍ପ ନିମନ୍ତେ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ଅନୁଦାନ ନିମନ୍ତେ କାର୍ଯ୍ୟ କରିବେ । ସେହିପରି ଇମ୍‌ଜେନେକ୍ସ ନିୟମିତ ଭାବେ କ୍ଲିନିକାଲ୍ ଟ୍ରାଏଲ୍ ନିମନ୍ତେ ସୋଆର ସାହାଯ୍ୟ ନେବ। ସେହିପରି ସିଆଇବିଆର୍ ରାଜିନାମା ପରିପ୍ରେକ୍ଷୀରେ ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଇମ୍‌ଜେନେକ୍ସର ଗବେଷକମାନେ ସୋଆର ନିୟମାନୁବଳୀ ଅନୁଯାୟୀ ପିଏଚ୍‌ଡି କାର୍ଯ୍ୟରେ ରିସର୍ଚ୍ଚ କୋ-ଗାଇଡ୍ ହେବା ସହ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ସୋଆ ଅନୁମତି ଦେବ। ଇମ୍‌ଜେନେକ୍ସର ଜଣେ ପିଏଚ୍‌ଡି ପ୍ରୋଗ୍ରାମ୍ କୋର୍ଡିନେଟର ସିଆଇବିଆର୍‌ର ନିର୍ଦ୍ଦେଶକଙ୍କ ସହ ଏ ନେଇ ସମନ୍ୱୟ ରଖି କାର୍ଯ୍ୟ କରିବେ। ଦୁଇ ଅନୁଷ୍ଠାନ ମିଳିତ ଭାବେ ବିଭିନ୍ନ ରେଫ୍ରେସର କୋର୍ସ, ଓରିଏଣ୍ଟେସନ, ଇଣ୍ଟର୍ଣ୍ଣସିପ୍ ଏବଂ କର୍ମଶାଳାର ଆୟୋଜନ କରିବେ। ଏହି କର୍ମଶାଳାଗୁଡ଼ିକ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ଏବଂ ଗବେଷଣା ସମ୍ପର୍କିତ ହେବ। ଏହି ଅବସରରେ ପ୍ରଫେସର ନନ୍ଦ କହିଥିଲେ ଯେ ସୋଆ ମିଳିତ ଗବେଷଣାକୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଯୋଡି ହେବା ନିମନ୍ତେ ଉତ୍ସୁକ ଅଟେ।

**ପୂର୍ବ ତଟ ରେଳପଥ**

**ମଲ୍ଟି ପରପଜ୍ ଷ୍ଟଲ୍‌ର ଇ-ନିଲାମ**

କ୍ର.ସଂ.1: ଷ୍ଟେସନ ଏବଂ ସ୍ଥାନ-ପାରାଦ୍ୱୀପ (ପ୍ଲାଟଫର୍ମ-1), କ୍ର.ସଂ.2: ଷ୍ଟେସନ ଏବଂ ସ୍ଥାନ-ତାଳଚେର (ପ୍ଲାଟଫର୍ମ-1), କ୍ର.ସଂ.3: ଷ୍ଟେସନ ଏବଂ ସ୍ଥାନ-ସୋମ୍ପେଟା (ପ୍ଲାଟଫର୍ମ-1), କ୍ର.ସଂ.4: ଷ୍ଟେସନ ଏବଂ ସ୍ଥାନ-ହରିଚନ୍ଦନପୁର (ପ୍ଲାଟଫର୍ମ-1), କ୍ର.ସଂ.5: ଷ୍ଟେସନ ଏବଂ ସ୍ଥାନ-ଭଦ୍ରକ (ପ୍ଲାଟଫର୍ମ-1 ଏବଂ 2), କ୍ର.ସଂ.6: ଷ୍ଟେସନ ଏବଂ ସ୍ଥାନ-ଖୋର୍ଦ୍ଧା ରୋଡ୍ (ପ୍ଲାଟଫର୍ମ-4/5)।

ସଂରକ୍ଷଣ ବର୍ଗ: SMU (ଅନୁସୂଚିତ ଜାତି/ମହିଳା) (କ୍ରମ ସଂ.1 ପାଇଁ), GMU (ମହିଳା) (କ୍ରମ ସଂ.2,5 ଏବଂ 6 ପାଇଁ) ଏବଂ GMU (କ୍ରମ ସଂ.3 ଏବଂ 4 ପାଇଁ)।

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.24.06.2024ରିଖ 1400 ଘଟିକା ଠାରୁ 1520 ଘଟିକା ପର୍ଯ୍ୟନ୍ତ (କ୍ରମ ସଂ.1 ଠାରୁ 6 ପାଇଁ)।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-207/P/24-25

ଭୁବନେଶ୍ୱର
୧୫ ଜୁନ୍
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24


ଶ୍ରୀମନ୍ଦିରର ଚାରି ଦ୍ୱାର : ପୂର୍ବଦ୍ୱାର ବା ସିଂହଦ୍ୱାର


ଉତ୍ତର ଦ୍ୱାର ବା ହସ୍ତୀ ଦ୍ୱାର


ପଶ୍ଚିମ ଦ୍ୱାର ବା ବ୍ୟାଘ୍ର ଦ୍ୱାର


ଦକ୍ଷିଣ ଦ୍ୱାର ବା ଅଶ୍ୱ ଦ୍ୱାର



# ବରପୁତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧୪।୬:ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ମିଉଜିୟମ ଛକଠାରେ ବକ୍ସି ଜଗବନ୍ଧୁ, କଳ୍ପନା ଛକଠାରେ ଋଷି ଖୁଣ୍ଟିଆ, ଏଜି ଛକରେ ଜୟୀ ରାଜଗୁରୁ ଓ ଡଃ ବି.ଆର୍. ଆମ୍ବେଦକର ଏବଂ ୧୨୦ ବାଟାଲିୟନ ଛକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ମାଝୀ ମାଲ୍ୟାର୍ପଣ କରି ବରପୁତ୍ରମାନଙ୍କ ଆଶୀର୍ବାଦ କାମନା କରିଥିଲେ।

ଏହି ଅବସରରେ ସେ କହିଛନ୍ତି ଯେ ଦେଶର ସ୍ୱାଧୀନତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଓ ଓଡ଼ିଆ ଅସ୍ମିତାର ସୁରକ୍ଷାରେ ଆମର ଏହି ବରପୁତ୍ର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ରାଜ୍ୟର ନୂଆ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ଓ କରି ଚାଲିବେ ବୋଲି ସେ କହିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଏବଂ ବିଧାୟକ ଓ ବିଧାୟିକାମାନେ ଉପସ୍ଥିତ ଥିଲେ।


ଭୁବନେଶ୍ୱର : ରାଜ୍ୟ ସଂଗ୍ରହାଳୟକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବାକୁ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଜଣେ କୁନି ଝିଅ ହାତରୁ ଫୁଲତୋଡ଼ା ନେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଜମ୍ମୁ-କଶ୍ମୀର ସୁରକ୍ଷା ସ୍ଥିତି ସମୀକ୍ଷା କଲେ ଅମିତ ଶାହ : ୧୬ରେ ଡାକିଲେ ଜରୁରୀ ବୈଠକ

**ନୂଆଦିଲ୍ଲୀ, ୧୪।୦୬**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ଉପତ୍ୟକାରେ ଦିନକୁ ଦିନ ଆତଙ୍କବାଦୀ ହମଲା ବଢ଼ିବାରେ ଲାଗିଛି। ନିକଟରେ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ଗୋଟିଏ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ କରିଥିଲେ। ପୂରା ଦେଶରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଏଥିପାଇଁ ଶୁକ୍ରବାର ଶ୍ରୀ ଶାହ ବରିଷ୍ଠ ଅଧିକାରୀମାନଙ୍କ ସହ ଉପତ୍ୟକାର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି।

ସେହିପରି ଆସନ୍ତା ୧୬ ତାରିଖରେ ସେ ଉଚ୍ଚ ସ୍ତରୀୟ ବୈଠକ ଡାକିଛନ୍ତି। ଏଥିରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଜମ୍ମୁ-କଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନା, ଆର୍ମି ଓ ସିଆରପିଏଫର ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ। ଘାଟିରେ ବଢୁଥିବା ଆତଙ୍କୀ ହମଲାକୁ କେମିତି ହ୍ରାସ କରାଯିବ, ତାହା ହିଁ ବୈଠକର ମୂଳ ଏଜେଣ୍ଡା ଥିଲା।

ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଜମ୍ମୁ-କଶ୍ମୀରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ତଥ୍ୟ



ଦିଆଯାଇଛି। ସେହିପରି ଆତଙ୍କବାଦୀ ହମଲା ପରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ପଚାରି ବୁଝିଛନ୍ତି। ଗତ ୪ ଦିନ ମଧ୍ୟରେ ଆତଙ୍କବାଦୀ ୪ଟି ଭିନ୍ନଭିନ୍ନ ଠିକଣାରେ ହମଲା କରି ସାରିଲେଣି। ରିୟାସି, କଠୁଆ ଓ ଡୋଡା ଜିଲ୍ଲାରେ ଏପରି ଆକ୍ରମଣ ହୋଇଛି। ଏହି ସବୁ ଆକ୍ରମଣରେ ୯ ଜଣ ତୀର୍ଥ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ୭ ଜଣ ସିଆରପିଏଫ ଯବାନ ଆହତ ହୋଇଛନ୍ତି। ଅତିରିକ୍ତ ଭାବେ କଠୁଆ ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ୩ ଜଣ ସନ୍ଦିଗ୍ଧ ପାକିସ୍ତାନୀ ଆତଙ୍କୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ମିଳିଛି।

# ପଟିଆ, ବୁଦ୍ଧବିହାର ଡେଙ୍ଗୁ ହଟସ୍ପଟ୍ : ବୁଲିଲା ନିଧି ରଥ

**ଭୁବନେଶ୍ୱର, ୧୪।୦୬: ନ୍ୟୁଜ୍‌ବ୍ୟୁରୋ**

ବିଳମ୍ବରେ ହେଲେ ପଛେ ବିଏମ୍‌ସି ଡେଙ୍ଗୁକୁ ନେଇ ସଚେତନତା ସୃଷ୍ଟି କରିବା ଆରମ୍ଭ କରିଛି। ଦୁଇ ଦିନ ତଳେ ବିଏମ୍‌ସି ୮ଶହ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିବା ବେଳେ ଶୁକ୍ରବାର ନିଧି ରଥ ସହର ପରିକ୍ରମା କରିଛି। ହେଲେ ଡେଙ୍ଗୁ କିନ୍ତୁ ଡରାଇବା ଆରମ୍ଭ କରିଛି। ଗତ ବର୍ଷ ଡେଙ୍ଗୁର ଭୟାବହତାକୁ ନେଇ ସହରବାସୀ ଭୟଭୀତ ହୋଇଥିଲେ। ଜୁନ ମାସର ୧୩ ଦିନ ଭିତରେ ଭୁବନେଶ୍ୱରରେ ୨୪ ଆକ୍ରାନ୍ତ ଚିହ୍ନଟ ହେଲେଣି। ପଟିଆ ଓ ବୁଦ୍ଧବିହାରରେ ୪ଟି ଲେଖାଏଁ ଚିହ୍ନଟ ହୋଇଥିବାରୁ ଏହି ଜାଗାରେ ବିଏମ୍‌ସି ଅଧିକ ନମୂନା ସଂଗ୍ରହ କରିବା ସହ ସଚେତନତା ସୃଷ୍ଟି କରିଛି। ଏହି ଅଞ୍ଚଳ ଉପରେ କଡ଼ା ନଜର ରଖାଯାଇଛି। ତା’ ସହ ଯେଉଁଠି ଜ୍ୱର କିମ୍ବା ଅନ୍ୟାନ୍ୟ ଲକ୍ଷଣ ଦେଖାଯାଉଛି ସେଠାରେ ଅଧିକରୁ ଅଧିକ ନମୂନା ସଂଗ୍ରହ କରାଯାଉଛି। ତେବେ ଗତ ୧୧ ତାରିଖ ଦିନ ସଂଗୃହୀତ ୩୩ ନମୂନା ନେଗେଟିଭ ରହିଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ଅନ୍ୟପଟେ ସିଟି ହେଲ୍‌ଥ ସୋସାଇଟି(ସିଏଚ୍‌ଏସ୍) ବିଭିନ୍ନ ନଳା କିମ୍ବା ସ୍ଥିର ପାଣି ଜମି ରହିବା ଆଶଙ୍କା ଥିବା ସ୍ଥାନରେ ଗମ୍ବୁସିଆ ମାଛ ଛାଡ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଶୁକ୍ରବାର ତିନି ଜୋନ୍ ପାଇଁ ତିନିଟି ନିଧି ରଥ ସହର ପରିକ୍ରମା ଆରମ୍ଭ କରିଛି। ଷ୍ଟାଣ୍ଡିଂ କମିଟି ଅଧକ୍ଷ ଓ କର୍ପୋରେଟରମାନଙ୍କ ଉପସ୍ଥିତିରେ ମେୟର ସୁଲୋଚନା ଦାସ ଓ କମିସନର ରାଜେଶ ପ୍ରଭାକର ପାଟିଲ ଏହି ରଥକୁ ସବୁଜ ପତାକା ହଲାଇ ଲୋକାର୍ପଣ କରିଛନ୍ତି।


ଭୁବନେଶ୍ୱର : ‘ସମ୍ବାଦ କଳିକା’ କାର୍ଯ୍ୟାଳୟରେ ରଜ ମହୋତ୍ସବ ପାଳନ କରାଯାଉଛି।

# ଦୁଇବର୍ଷ ମଧ୍ୟରେ ଭୁବନେଶ୍ୱରରୁ ହଟିବ ଅଳିଆଗଦା

**ଭୁବନେଶ୍ୱର, ୧୪।୬:ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ଦୁଇ ବର୍ଷ ମଧ୍ୟରେ ଭୁବନେଶ୍ୱରରେ ଆଉ ଅଳିଆ ଦେଖିବାକୁ ମିଳିବ ନାହିଁ। ଅଳିଆର ଉତ୍ପତିସ୍ଥଳରୁ ହିଁ ଅଳିଆକୁ ପୃଥକ କରାଯିବ। ଏହାପରେ ବିଭିନ୍ନ ଏମ୍‌ସିସି ଏବଂ ଏମ୍‌ଆରଏଫ୍‌ରେ ଏହି ଅଳିଆକୁ ପ୍ରକ୍ରିୟାକରଣ କରାଯିବ। ଏନେଇ ବିଏମ୍‌ସି ପକ୍ଷରୁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏଥିରେ ପୃଥକୀ-କରଣକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଅଳିଆ ପୃଥକୀକରଣ ନ ହେବା ଦ୍ୱାରା ପୃଥକୀକରଣ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଅଣାଯାଉଛି। ଏଠାରେ ଅଳିଆଗଦା ସୃଷ୍ଟି ହେଉଛି।

ଭୁବନେଶ୍ୱରରୁ ଦୈନିକ ମୋଟ୍ ୮୦୦ ଟନ୍ ଅଳିଆ ସଂଗ୍ରହ ହେଉଛି। ଏଥିରୁ ୩୫୦ମେଟ୍ରିକ୍ ଟନ୍ ଓଦା ଅଳିଆ ରହିଛି। ଅବଶିଷ୍ଟ ୪୫୦ ଟନ୍ ଶୁଖିଲା ଅଳିଆକୁ ଏମ୍‌ଆରଏଫ୍‌ରେ ପ୍ରୋସେସିଂ କରାଯାଇ ପୁନଃ ବ୍ୟବହାର୍ଯ୍ୟ ପଦାର୍ଥରେ ପରିଣତ କରାଯାଉଛି। ହେଲେ ଓଦା ଶୁଖିଲା ଅଳିଆ ମିଶି ଯିବାରୁ ଏହି ମିଶ୍ରିତ ଅଳିଆକୁ ସିଧାସଳଖ ଏମ୍‌ଆରଏଫ୍‌କୁ ପଠାଯାଉ ନାହିଁ। ଫଳରେ ଅଳିଆ ଗଦା



ସୃଷ୍ଟି ହେଉଛି।

**ମାତ୍ରାଧିକ ବର୍ଜ୍ୟ ଉତ୍ପାଦନକାରୀଙ୍କ ଉପରେ ରହିବ ନଜର :** ବିଏମ୍‌ସିର ବର୍ଜ୍ୟ ପରିଚାଳନା ନିୟମକୁ ମାନୁନାହାନ୍ତି ମାତ୍ରାଧିକ ବର୍ଜ୍ୟ ଉତ୍ପାଦନକାରୀ। ଏମାନେ ନିଜ ବର୍ଜ୍ୟକୁ ନିଜେ ପ୍ରୋସେସିଂ କରିବା କଥା। ଏନେଇ ବିଏମ୍‌ସିର ସ୍ୱତନ୍ତ୍ର ନିୟମ ରହିଛି। କିପରି ପ୍ରସ୍ତୁତ କରିବେ ମାର୍ଗଦର୍ଶିକା ମଧ୍ୟ ରହିଛି। ହେଲେ ସେମାନେ ନିଜ ବର୍ଜ୍ୟ ନିଜେ ପ୍ରୋସେସିଂ କରୁନାହାନ୍ତି। ଏମାନେ କିପରି ନିଜ ବର୍ଜ୍ୟ ନିଜେ ପରିଚାଳନା କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ନିୟମିତ ୫୦ କେଜିରୁ ଅଧିକ ବର୍ଜ୍ୟ ଉତ୍ପାଦନ କରୁଥିବା ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷଙ୍କୁ ମାତ୍ରାଧିକ ବର୍ଜ୍ୟ ଉତ୍ପାଦନକାରୀଙ୍କ ଶ୍ରେଣୀରେ ରଖାଯାଉଛି। ରାଜଧାନୀରେ କେତେ ବ୍ୟବସାୟିକ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ମାତ୍ରାଧିକ ବର୍ଜ୍ୟ ଉତ୍ପାଦନ କରୁଛନ୍ତି ବିଏମ୍‌ସି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏଥିରେ ଜଣାପଡ଼ିଛି ରାଜଧାନୀରେ ମୋଟ ୬୦୦ ଜଣ ଏଭଳି ବ୍ୟବସାୟୀ ରହିଛନ୍ତି। ସେମାନେ ନିୟମିତ ୨୦୦ ଟନ୍‌ର ବର୍ଜ୍ୟ ବାହାର କରୁଛନ୍ତି। ବିଏମ୍‌ସି କର୍ମଚାରୀମାନେ ସେମାନଙ୍କ ପାଖରେ ପହଞ୍ଚି ନିୟମ ମାନିବାକୁ ଅନୁରୋଧ କରିବ। ସେମାନେ କିପରି ବର୍ଜ୍ୟ ପରିଚାଳନା କରିବେ ଏହା ମଧ୍ୟ ବତାଇବ। ଆବଶ୍ୟକସ୍ଥଳେ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ଇନ୍‌ସେନ୍‌ଟିଭ୍ କିମ୍ବା ପୁରସ୍କାର ଦିଆଯିବାର ଯୋଜନା ରହିଛି।

**ସବୁଜ ବର୍ଜ୍ୟରୁ ବାହାରିବ ଇନ୍ଧନ:** ସବୁଜ ବର୍ଜ୍ୟ ଏଣେ ତେଣେ ଫୋପଡ଼ା ଯାଇ ନଷ୍ଟ ହେଉଛି। ଏହାକୁ ପ୍ରୋସେସିଂ କରାଯାଇ ଏଥିରୁ ଇନ୍ଧନ ବାହାର କରାଯିବ। ଏଥିପାଇଁ ପଳାଶୁଣୀ ଅଞ୍ଚଳରେ ଏକ ପ୍ରସ୍ତାବିତ ପ୍ରୋସେସିଂ ପ୍ଲାଣ୍ଟର ଯୋଜନା କରାଯାଇଛି। ଏଥିରେ ଇଟା ଭଳି ଦେଖାଯାଉଥିବା ଏକ ଜାଳେଣି ପ୍ରସ୍ତୁତ କରାଯାଇ ମାର୍କେଟରେ ବିକ୍ରି କରାଯିବ।

**ଧାର୍ମିକ ଆବର୍ଜନାରୁ ଧୂପକାଠି :** ଧାର୍ମିକ ଆବର୍ଜନାକୁ ଆଉ ବାହାରେ ଫୋପଡ଼ା ଯିବନାହିଁ। ଏହାକୁ ବିଭିନ୍ନ ଧର୍ମାନୁଷ୍ଠାନରୁ ସଂଗ୍ରହ କରାଯାଇ ନର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ର କରାଯିବ। ଏଠାରେ ଫୁଲ ଏବଂ ଅନ୍ୟାନ୍ୟ ସାମଗ୍ରୀରୁ ଧୂପକାଠି ପ୍ରସ୍ତୁତ କରିବାକୁ ବିଏମ୍‌ସି ଯୋଜନା ରଖିଛି।

**ପତ୍ରରୁ ତିଆରି ହେବ କମ୍ପୋଷ୍ଟ :** ଗଛ, ଘାସ କଟାଯାଇ ରାସ୍ତାରେ ଫୋପଡ଼ା ଯାଉଛି। କେହି ଉଠାଉ ନ ଥିବାରୁ ଏହା ଦିନ ଦିନ ଧରି ପଡ଼ି ରହୁଛି। ବର୍ଜ୍ୟ ପଡ଼ି ରହିବା ଦ୍ୱାରା ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଛି। ଗଛକଟା ବେଳେ ଏଥିରୁ ବାହାରୁଥିବା ପତ୍ର ଏବଂ ଘାସ କଟା ବେଳେ ବାହାରୁଥିବା ସବୁଜ ବର୍ଜ୍ୟରୁ କମ୍ପୋଷ୍ଟ ପ୍ରସ୍ତୁତ କରାଯିବ। ଏହି କମ୍ପୋଷ୍ଟକୁ କୃଷିରେ ବ୍ୟବହାର କରାଯିବ।

**ଆମିଷ ବର୍ଜ୍ୟ ଓ ପଶୁଙ୍କୁ ପୋଡ଼ାଯିବା ପାଇଁ ବ୍ୟବସ୍ଥା :** ରାଜଧାନୀରେ ପଶୁଙ୍କ ଶବ ଏବଂ ଆମିଷ ବର୍ଜ୍ୟକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆମିଷ ବର୍ଜ୍ୟକୁ ବ୍ୟବସାୟୀମାନେ ବାହାରେ ଫୋପାଡ଼ି ଦେଉଛନ୍ତି। ସେହିପରି ଗୃହପାଳିତ ପଶୁ ଏବଂ ଗୋରୁ ମରିବା ପରେ ଲୋକେ ଏହାକୁ ରାସ୍ତା କଡ଼ରେ ଫୋପାଡ଼ି ଦେଇ ଚାଲି ଯାଉଛନ୍ତି। ଏଭଳି ସମସ୍ୟାକୁ ଦୂର କରିବାକୁ ଆମିଷ ବର୍ଜ୍ୟ, ପଶୁଙ୍କ ଶବକୁ ବୈଜ୍ଞାନିକ ପଦ୍ଧତିରେ ସିଧାସଳଖ ପୋଡ଼ି ଦେବାକୁ ବିଏମ୍‌ସି ଯୋଜନା ରଖିଛି। ପୋଡ଼ିବାକୁ ସହରର ଦୁଇଟି ସ୍ଥାନରେ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ।

# ୨୨ରେ ଦେବସ୍ନାନ ପୂର୍ଣ୍ଣିମା, ପ୍ରସ୍ତୁତ ହେଉଛି ସ୍ନାନ ମଣ୍ଡପ

**ପୁରୀ, ୧୪।୦୬: ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ଚତୁର୍ଦ୍ଧାବିଗ୍ରହ। ତେବେ ରଥଯାତ୍ରାର ଆଦ୍ୟ ପର୍ବ କୁହାଯାଉଥିବା ଦେବସ୍ନାନ ପୂର୍ଣ୍ଣିମା କିପରି ହେବ ତାକୁ ନେଇ ପ୍ରଶାସନିକ ସ୍ତରରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଏ ବର୍ଷ ସ୍ନାନଯାତ୍ରାରେ ଅଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ତେବେ ସ୍ନାନମଣ୍ଡପରେ କିପରି ଶୃଙ୍ଖଳିତ ଏବଂ ସୁରୁଖୁରରେ ମହାପ୍ରଭୁଙ୍କ ସ୍ନାନ ନୀତି ସମ୍ପନ୍ନ ହେବ ତା’ ଉପରେ ଫୋକସ ରଖିଛି ପ୍ରଶାସନ। ଏବେ ସ୍ନାନମଣ୍ଡପକୁ ପ୍ରସ୍ତୁତ କରାଯାଉଛି। ଗତବର୍ଷ ଦେବସ୍ନାନ ପୂର୍ଣ୍ଣିମା ପରେ ସ୍ନାନମଣ୍ଡପରେ ଲାଗିଥିବା ଲୁହା ପାଇପ୍, ରେଲିଂ ଆଦିକୁ ଖୋଲି ଦିଆଯାଇଥିଲା। ଯେ ହେତୁ ଆଗକୁ ସ୍ନାନ ପୂର୍ଣ୍ଣିମା ଆସୁଛି ତେଣୁ ପୁନର୍ବାର ଏହାକୁ ଫିଟିଙ୍ଗ କରାଯାଉଛି। ସେହିପରି ମଣ୍ଡପର ପଥରଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଇଛି। ଯଦି କୌଣସି ପଥର ଖରାପ ଥାଏ ଆବଶ୍ୟକ ପଡ଼ିଲେ ତାହାକୁ ବଦଳାଯିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି।

# ଶିଶୁକନ୍ୟାଙ୍କୁ ଚେଙ୍କ ଘଟଣା : ଜେଲ୍ ଗଲେ ମହିଳା

**ଭୁବନେଶ୍ୱର, ୧୪।୬:ନ୍ୟୁଜ୍‌ବ୍ୟୁରୋ**

ଶିଶୁ କନ୍ୟାଙ୍କୁ ଚେଙ୍କ ଦେଇ ନିର୍ଯାତନା ଦେଇଥିବା ଘଟଣାରେ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ମହିଳା ହେଉଛନ୍ତି ଗଜପତି ନଗର ଅଞ୍ଚଳର ଲିପିକା ରଞ୍ଜନ ସାହୁ (୪୨)। ଅପରପକ୍ଷେ ଲିପିକାଙ୍କ ଏକ ଦୁଇବର୍ଷର କନ୍ୟାସନ୍ତାନ ଥିବାରୁ ତାକୁ ମଧ୍ୟ ନିର୍ଦ୍ଦୋଷରେ ଜେଲ୍ ଯିବାକୁ ପଡ଼ିଛି। ପୁଲିସ ସୂଚନା ଅନୁସାରେ, ଗଜପତି ନଗର ନ୍ୟୁ ସରକାରୀ କଲୋନୀରେ ରହୁଥିବା ଲିପିକା ଗତ ୧୦ ମାସ ତଳେ ଜଣେ ନାବାଳିକା ଶିଶୁକନ୍ୟାଙ୍କୁ ନିଜ ଘର କାମ କରିବା ଲାଗି ନିୟୋଜିତ କରିଥିଲେ। ତିନି/ଚାରି ଦିନ ତଳେ ସେ କୌଣସି ଏକ କାରଣକୁ ନେଇ ଉକ୍ତ ନାବାଳିକାଙ୍କୁ ମାଡ଼ ମାରିବା ସହିତ ପ୍ରେସରକୁକରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ କନ୍ୟାଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ରୁଚିକା ସାମାଜିକ ସେବା ସଂସ୍ଥା ଦ୍ୱାରା ଆହତ ନାବାଳିକାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହାକୁ କେନ୍ଦ୍ରକରି ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରିବା ସହ ଲିପିକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।